

‘ପୁଷ୍ପା-୨’ରେ ସଞ୍ଜୟ
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-260 ◆BHUBANESWAR ◆FRIDAY ◆15 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୫ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ମହଙ୍ଗା ଭତ୍ତା ୪% ବୃଦ୍ଧି

## ଜାନୁଆରୀ ପହିଲାରୁ ପିଛିଲା ଭାବେ ହେବ ଲାଗୁ

■ **ଭୁବନେଶ୍ୱର, ୧୪।୩ (ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ ଏବଂ ପେନସନ ଭୋଗୀଙ୍କ ମହଙ୍ଗା ଭତ୍ତା(ଡିଏ) ବୃଦ୍ଧି କରିଛନ୍ତି। ୪ ପ୍ରତିଶତ ମହଙ୍ଗା ଭତ୍ତା ଏବଂ ମହଙ୍ଗା ରିଲିଫ୍(ଟିଆଇ) ବୃଦ୍ଧି ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରଚଳିତ ମହଙ୍ଗା ଭତ୍ତା ୪୬ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଏବଂ ଟିଆଇ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା ରାଜ୍ୟର ସାଢ଼େ ୪ ଲକ୍ଷ ସରକାରୀ କର୍ମଚାରୀ ଏବଂ ସାଢ଼େ ୩ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ମହଙ୍ଗା ଭତ୍ତା ବୃଦ୍ଧି ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସରକାରୀ କର୍ମଚାରୀ ଓ ପେନସନଭୋଗୀ କୃତଜ୍ଞତା ଜଣାଇଛନ୍ତି।

**ଉପକୃତ ହେବେ ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନସନଭୋଗୀ**

▶▶ ଶ୍ରମିକ ଭାଇଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ଖୁସି ବାର୍ତ୍ତା

# ବଢ଼ିଲା ସର୍ବନିମ୍ନ ମଜୁରି

■ **ଭୁବନେଶ୍ୱର,୧୪।୩(ସମିସ):** ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ଭାଇଭଉଣୀଙ୍କ ପାଇଁ ଖୁସି ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ରାଜ୍ୟର ୪ ଶ୍ରମିକ ବର୍ଗ ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ। ଅଣକୁଶଳୀ ଶ୍ରମିକମାନଙ୍କ ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

**ଉପକୃତ ହେବେ ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକ**

ସେହିପରି କୁଶଳୀ ଶ୍ରମିକମାନଙ୍କ ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କାକୁ ଏବଂ ଅତି କୁଶଳୀ ଶ୍ରମିକ ମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ଉପକାର ପାଇବେ। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଶ୍ରମିକ ଭାଇଭଉଣୀଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ରାଜ୍ୟର ବିଭିନ୍ନ ଶ୍ରମିକ ସଂଗଠନ ଏବଂ ଶ୍ରମିକ ଭାଇଭଉଣୀ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି।



| ଶ୍ରମିକଙ୍କ ବର୍ଗ | ଥିଲା | ହେଲା |
|---|---|---|
| ଅଣକୁଶଳୀ | ୩୫୨ | ୪୫୦ |
| ଅର୍ଦ୍ଧକୁଶଳୀ | ୩୯୨ | ୫୦୦ |
| କୁଶଳୀ | ୪୪୨ | ୫୫୦ |
| ଅତି କୁଶଳୀ | ୫୦୨ | ୬୦୦ |

# ମତି-ଭ୍ରମ: ହରଡ଼ଘଣାରେ ମନମୋହନ


## ଉଡ଼ାଇଦେଲେ ଟ୍ୱିଟ୍, ଗଣମାଧ୍ୟମ ଉପରେ ଲଦିଲେ ଦୋଷ

■ **ଭୁବନେଶ୍ୱର, ୧୪।୩ (ସମିସ):** ବୋଧହୁଏ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ମତିଭ୍ରମ ଘଟିଛି। ଘଣ୍ଟାକୁ ଘଣ୍ଟା ତାଙ୍କର ମତି ଓ ମନ ପରିବର୍ତ୍ତନ ହେଉଛି। ସେ ଯାହା କହୁଛନ୍ତି, କିଛି ସମୟ ପରେ ତାହାକୁ ସଂଶୋଧନ କରୁଛନ୍ତି। ଏକାକୀ ଲଢ଼ିବାକୁ ଟ୍ୱିଟ୍ କରୁଛନ୍ତି, କିଛି ସମୟ ପରେ ତାହାକୁ ଡ଼ିଲିଟ୍ କରୁଛନ୍ତି। ତାଙ୍କର ଏପରି ବାଚାଳାମୀ ଯୋଗୁଁ ରାଜ୍ୟରେ ବିଜେପି ଓ ଦଳର ନେତାମାନେ ଲଜ୍ଜା ଅନୁଭବ କରୁଛନ୍ତି। ତଥାପି ମନମୋହନଙ୍କ ବାଚାଳାମି ଦୂର ହେଉନାହିଁ। ଗଣମାଧ୍ୟମ ଉପରେ ଦୋଷ ଲଦି ନିଜକୁ ଗୋଟା ତୁଳସୀ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି।



**ଏକାକୀ ଲଢ଼ିବା ବୟାନକୁ ନେଇ ଶୀର୍ଷ ନେତୃତ୍ୱ ଅସୁଖୀ**

**ସକାଳୁ ସଞ୍ଜ ମଧ୍ୟରେ ପରସ୍ପର ବିରୋଧୀ ଭିନ୍ନଭିନ୍ନ ଟିପ୍ପଣୀ**



Manmohan S... @SamalManmoh... Follow

ଓଡ଼ିଶାର କୋଟି କୋଟି ଜନତାଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ନେଇ ବିଜେପି ଏକାକୀ ନିର୍ବାଚନ ଲଢିବ ଏବଂ ସରକାର ମଧ କରିବ ।


ଏଥର ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନ ପାଇଁ ପ୍ରତ୍ୟେକ ଓଡ଼ିଆ ଦାୟିତ୍ୱ ନେଇ ଏହି ନିର୍ବାଚନ ଲଢିବେ ଏବଂ ସରକାର ଗଠନ କରିବେ ।

ସାରା ଦିନ ଆଜି ଗଣମାଧ୍ୟମରେ ମନମୋହନ ଅଧ୍ୟାୟ ରାଜ୍ୟବାସୀଙ୍କ ମନୋରଞ୍ଜନ କରିଛି। ଆଜି ସକାଳୁ ଦିଲ୍ଲୀରୁ ଫେରିବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମ୍ଭାବ୍ୟ ମେଣ୍ଟ ନେଇ ଟିପ୍ପଣୀ ଦେଇଥିଲେ। ନିଜର ପ୍ରଥମ ମନ୍ତବ୍ୟରେ ମନମୋହନ ରାଜ୍ୟରେ ବିଜେପି ଏକାକୀ ଲଢ଼ିବ ଓ ▶ପୃଷ୍ଠା-୧୦

## ଜିଲ୍ଲା ପର୍ଯ୍ୟବେକ୍ଷକ ଓ ଶୀର୍ଷ ନେତୃତ୍ୱଙ୍କ ସହ ନବୀନଙ୍କ ଆଲୋଚନା

# ମାରାଥନ ବୈଠକ, ପ୍ରତି ନିର୍ବାଚନମଣ୍ଡଳୀର ସମୀକ୍ଷା

■ **ଭୁବନେଶ୍ୱର, ୧୪।୩ (ସମିସ):** ବିଜୁ ଜନତା ଦଳ (ବିଜେଡି) ଓଡ଼ିଶାବାସୀଙ୍କର ଆକୁଣ୍ଠ ସମର୍ଥନ ରହିଛି। ପ୍ରତ୍ୟେକଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ଆମ ସରକାରଙ୍କୁ ଓଡ଼ିଶାବାସୀ ଆଶୀର୍ବାଦ କରି ଚାଲିଛନ୍ତି। ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ ନିର୍ବାଚନରେ ବିଜେଡି ବହୁତ ଭଲ ପ୍ରଦର୍ଶନ କରିବ। ଆଜି ନବୀନ ନିବାସରେ ବିଭିନ୍ନ ଜିଲ୍ଲାର ବିଜେଡି ପର୍ଯ୍ୟବେକ୍ଷକ ଓ କୋର କମିଟି ସଦସ୍ୟମାନଙ୍କ ସହ ଆଲୋଚନା କାଳରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଚାରିଟା ବେଳୁ ଜଣେ ଜଣେ ନେତାଙ୍କ ଗାଡ଼ି ନବୀନ ନିବାସରେ ପ୍ରବେଶ କରିଥିଲା। ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ଦଳର ବରିଷ୍ଠ ନେତୃତ୍ୱ ଏବଂ ଜିଲ୍ଲା ପର୍ଯ୍ୟବେକ୍ଷକମାନେ ନବୀନ ନିବାସରେ ପହଞ୍ଚିଥିଲେ। ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନବୀନ ନିବାସରେ ଉପସ୍ଥିତ ଥିଲେ। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ଼ ସସ୍ମିତ ପାତ୍ର, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟିକା ତଥା ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ପ୍ରଣବ ବଳବନ୍ତରାୟ, ସମ୍ବିତ ରାଉତରାୟ, ▶ପୃଷ୍ଠା-୧୦



**୨୦୧୯ ଠାରୁ ୨୦୨୪ରେ ଭଲ ପ୍ରଦର୍ଶନ କରିବ ବିଜେଡି**

# ପେଟ୍ରୋଲ୍, ଡିଜେଲ୍ ଦର ୨ ଟଙ୍କା କମିଲା

■ **ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ତେଲ ଦରରେ ହ୍ରାସ ଘଟାଇଛନ୍ତି। ତେଲ ଦରକୁ ନେଇ ଖାଉଟିଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବାବେଳେ, ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ହଠାତ୍ କମିଛି ପେଟ୍ରୋଲ ଏବଂ ଡିଜେଲ ଦର। ଗୁରୁବାର ପେଟ୍ରୋଲ ଏବଂ ଡିଜେଲ ଉଭୟର ମୂଲ୍ୟରେ ଲିଟର ପିଛା ୨ ଟଙ୍କା ହ୍ରାସ ଘଟିଛି। ଦୀର୍ଘ ୨୧ ମାସ ପରେ କମିଛି ତେଲ ଦର। ଶେଷ ଥର ପାଇଁ ୨୦୨୨ ମେ’ ୨୧ରେ ପେଟ୍ରୋଲ ଏବଂ ଡିଜେଲ ଦର ସଂଶୋଧନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦୀର୍ଘ ଦିନ ହେବ ଉଚ୍ଚ ତୈଳ ଦର ସହ ଯୁଝୁଥିବା ଖାଉଟିଙ୍କ କଷ୍ଟକୁ ସାମନ୍ୟ ହ୍ରାସ କରିଛି। ଦର ହ୍ରାସ ପରେ ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୩୭ ପଇସାରୁ ୧୦୧ ଟଙ୍କା ୩୭ ପଇସାକୁ ହ୍ରାସ ଘଟିଛି। ସେହିପର ଡିଜେଲ ଲିଟର ପିଛା ୯୪ ଟଙ୍କା ୮୬ ପଇସାରୁ ୯୨ ଟଙ୍କା ୮୬ ପଇସାକୁ ହ୍ରାସ ▶ପୃଷ୍ଠା-୧୦



## ଲୋକକଥା



ରାଜନୀତି ଗତି କେମିତି କେମିତି
ଭଗାରି ହୁଅଇ ଭାଇ,
ତୃଣମୂଳ ଦିଦି କ୍ଷମତା ପାଇଁକି
ଭାଇକୁ ଦେଲେ ଭଗେଇ!
ଗାଦି ରାଜନୀତି ଏଇ,
ପର ଏଠି କେବେ ଆପଣାର ହୁଏ
ଆପଣା ପର ହୁଅଇ !!

▶▶ ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେଲେ କୋବିନ୍ଦ କମିଟି

# ‘ଏକ ରାଷ୍ଟ୍ର, ଏକ ନିର୍ବାଚନ’ ସୁପାରିସ



**ଲୋକସଭା, ବିଧାନସଭା ଭୋଟ ଏକାଠି କରିବାକୁ ପରାମର୍ଶ**

■ **ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି):** ଏକ ରାଷ୍ଟ୍ର, ଏକ ନିର୍ବାଚନ ପ୍ରସ୍ତାବକୁ ନେଇ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱାଧୀନ କମିଟି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛି। ସଂସଦୀୟ ନିର୍ବାଚନ ସମେତ ବିଧାନସଭା ଏବଂ ପୌର ନିର୍ବାଚନ ଏକ ସଙ୍ଗେ କରିବାକୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ଏହି କମିଟି ନିଯୁକ୍ତ ହୋଇଥିଲା ବେଳେ ପ୍ରାୟ ୧୮ ହଜାର ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ବିଭିନ୍ନ ଦିଗକୁ ନେଇ କମିଟି ସୁପାରିସ୍ କରିଛି। ପ୍ରଥମେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାଠି କରିବାକୁ କମିଟି ସୁପାରିସ କରିବା ସହ ଏହାର ୧୦୦ ଦିନ ମଧ୍ୟରେ ପୌର ନିର୍ବାଚନ କରିବାକୁ ପରାମର୍ଶ ଦେଇଛି। ଏହିକ୍ରମରେ ୨୦୨୯ ରେ ଏକକାଳୀନ ନିର୍ବାଚନ କରିବାକୁ ସୁପାରିସ କରାଯାଇଛି। ସେହିପରି ରାଜ୍ୟମାନଙ୍କ ସହ ପରାମର୍ଶ କରି କେତେକ କ୍ଷେତ୍ରରେ ସାମ୍ବିଧାନିକ ▶ପୃଷ୍ଠା-୧୦

▶▶ ଇ-ଶାସନ ବ୍ୟବସ୍ଥାରେ ନୂଆ କୀର୍ତ୍ତିମାନ; ଓଡ଼ିଶା ଦେଶରେ ପ୍ରଥମ

# ସବୁ ଜିଲ୍ଲାର ନୂଆ ୱେବ୍‌ସାଇଟ୍

## ଆଇଟି କ୍ଷେତ୍ର ପାଇଁ ଅନ୍‌ଲାଇନ୍ ଇନସେନ୍‌ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ପୋର୍ଟାଲ ଲୋକାର୍ପିତ


■ **ଭୁବନେଶ୍ୱର, ୧୪।୩ (ସମିସ):** ଓଡ଼ିଶାରେ ଇ-ଶାସନ ବ୍ୟବସ୍ଥାରେ ନୂଆ କୀର୍ତ୍ତିମାନ ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ‘ଅନ୍‌ଲାଇନ୍ ଇନସେନଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍’ ୱେବ୍ ସାଇଟ୍ ଓ ଷ୍ଟାଣ୍ଡାଡାଇଜଡ୍ ୱେବସାଇଟ୍ ଫ୍ରେମ୍‌ୱାର୍କ (ଏସ୍‌ଡବ୍ଲୁଏଫ୍) ଅଧିନରେ ପ୍ରସ୍ତୁତ ଜିଲ୍ଲା ୱେବ୍‌ସାଇଟ୍ ଲୋକାର୍ପଣ କରିଛନ୍ତି। ସୂଚନା ପ୍ରଯୁକ୍ତି (ଆଇଟି) କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ଏପରି ପଦକ୍ଷେପ ନେବାରେ ଓଡ଼ିଶା ହେଉଛି ଦେଶରେ ପ୍ରଥମ ରାଜ୍ୟ। ଓଡ଼ିଶା କମ୍ପ୍ୟୁଟର୍ ପ୍ରୟୋଗ କେନ୍ଦ୍ର (ଓକାକ୍) ପକ୍ଷରୁ ଉକ୍ତ ଅଭିନବ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଓ ଫେବ୍‌ଲେସ୍ ନୀତି ଅନୁସାରେ ଉଦ୍ୟୋଗ ଗୁଡିକ ପ୍ରୋତ୍ସାହନ ପାଇବା ଲାଗି ଏହି ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ। ଏଥିରେ ସହଜରେ ଆବେଦନପତ୍ର ▶ପୃଷ୍ଠା-୧୦

**ଏହା କେବଳ ପ୍ରଯୁକ୍ତି ନୁହେଁ, ପାରଦର୍ଶୀ ଶାସନର ମାଧ୍ୟମ: ମୁଖ୍ୟମନ୍ତ୍ରୀ**

**ଆମର ୫-ଟି ରୂପାନ୍ତରଣ ସୁନିଶ୍ଚିତ କରିଛି ପ୍ରଯୁକ୍ତି ବିଦ୍ୟା: ପାଣ୍ଡିଆନ**







## ଘରେ ପଡ଼ି ମମତାଙ୍କ ମୁଣ୍ଡ ଫାଟିଲା



କୋଲକାତା,୧୪।୩(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ନିଜ ଘରେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କ ଗୋଡ ଖସିଯିବାରୁ ସେ ବାଡେଇ ହୋଇଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହିତ ଫାଟି ଯାଇଥିଲା ବୋଲି ଟିଏମସି ପ୍ରବକ୍ତା କହିଛନ୍ତି। ତାଙ୍କୁ କୋଲକାତାସ୍ଥିତ ଏସଏସକେଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଏହି ଘଟଣାରେ ଦୁଃଖ ପ୍ରକାଶ କରି ବିଜେପି ରାଜ୍ୟ ମୁଖ୍ୟ ସୁକାନ୍ତ ମଜୁମଦାର ମମତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପୁଣି ୮ ଦିନିଆ ରିମାଣ୍ଡରେ ଶାହାଜାହାନ

କୋଲକାତା,୧୪।୩(ଏଜେନ୍ସି): ସନ୍ଦେଶଖାଲି ମାମଲାର ମୁଖ୍ୟ ଅଭିଯୁକ୍ତ ଶେଖ୍ ଶାହାଜାହାନର ଜାମିନ ଆବେଦନ ପୁଣିଥରେ ଖାରଜ ହେବା ସହ ତାକୁ ୮ ଦିନ ପାଇଁ ରିମାଣ୍ଡରେ ନେଇଛି ସିବିଆଇ। ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲାରେ ପୂର୍ବରୁ ସିବିଆଇ ତାକୁ ରିମାଣ୍ଡରେ ନେଇଥିଲା। ବର୍ତ୍ତମାନ ଏହି ଘଟଣାରେ ତାକୁ ପଚରାଉଚରା ଚାଲିଥିଲା ବେଳେ କୋର୍ଟ ତାକୁ ଜାମିନ ଦେବାକୁ ମନା କରିଦେଇଛନ୍ତି।

## ଆପ୍ ଜାରିକଲା ପ୍ରଥମ ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟି (ଆପ୍) ଗୁରୁବାର ପଞ୍ଜାବର ୧୩ ଲୋକସଭା ଆସନ ମଧ୍ୟରୁ ୮ଟି ଆସନ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ୫ ଜଣ ମନ୍ତ୍ରୀଙ୍କ ସମେତ ୮ ଜଣ ପ୍ରାର୍ଥୀଙ୍କୁ ଟିକଟ୍ ଦିଆଯାଇଛି। ଏହାସହ କଂଗ୍ରେସ ଛାଡି ଆମ୍ ଆଦମୀ ପାର୍ଟିରେ ସାମିଲ ହୋଇଥିବା ଗୁରୁପ୍ରୀତ ସିଂ ଜିପିଙ୍କୁ ମଧ୍ୟ ଟିକଟ୍ ମିଳିଛି। ଅମୃତସରରୁ କ୍ୟାବିନେଟ ମନ୍ତ୍ରୀ କୁଳଦୀପ ସିଂ ଧଲିଓ୍ବାଲା ଏବଂ ମନ୍ତ୍ରୀ ଲଲଜିତ ସିଂ ଭୁଲାର ଖଦୁର ସାହିବରୁ ପ୍ରାର୍ଥୀ ହେବେ। ସେହିଭଳି ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିବା ଡ. ବଲବୀର ସିଂଙ୍କୁ ପଟିଆଲାରୁ ପ୍ରାର୍ଥୀ କରାଯାଇଛି। ଭଟିଣ୍ଡାରୁ କୃଷିମନ୍ତ୍ରୀ ଗୁରୁମିତ ସିଂ ଖୁଡିଆନଙ୍କୁ ପାର୍ଥୀ କରାଯାଇଛି। ଜଳନ୍ଧର ଆସନରୁ ସୁଶିଲ କୁମାର ରଙ୍କ ଏବଂ ଫରିଦକୋଟ୍‌ରୁ କରମଜିତ୍ ଅନମୋଲଙ୍କୁ ଟିକଟ୍ ଦିଆଯାଇଛି। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିଓ୍ବାଲ ଏବେ ଇଡି ନିଶାଣରେ ରହିଥିବାରୁ ପଞ୍ଜାବରେ ଭଗଓ୍ବନ୍ତ ମାନ୍‌ଙ୍କ ଚେହେରାକୁ ନେଇ ୨୦୨୪ ଲୋକସଭା ନିର୍ବାଚନ ଲଢିବାକୁ ଦଳ ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ମାନବ ବିକାଶ ସୂଚକାଙ୍କ ତାଲିକାରେ ଭାରତର ସ୍ଥାନ ୧୩୪
# ଜାତିସଂଘର ପ୍ରଶଂସା: ବଢ଼ିଛି ଆୟୁ, ମୁଣ୍ଡପିଛା ଆୟ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ମାନବ ବିକାଶ ସୂଚକାଙ୍କ(ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ ବା ଏଚଡିଆଇ) ସ୍କୋର ର୍ୟାଙ୍କିଙ୍ଗ ୨୦୨୩-୨୪ରେ ୧୯୩ ଦେଶଙ୍କ ତାଲିକାରେ ଭାରତର ସ୍ଥାନ ୧୩୪ରେ ରହିଛି।

ଏଚଡିଆଇ ସ୍କୋର ର୍ୟାଙ୍କିଙ୍ଗ ୨୦୨୨ରେ ୧୯୧ ଦେଶଙ୍କ ତାଲିକାରେ ଭାରତ ୧୩୨ ସ୍ଥାନରେ ରହିଥିଲା। ଭାରତର ଏଚଡିଆଇ ଭାଲ୍ୟୁ ୨୦୨୨ରେ ୦.୬୩୩ ଥିବା ବେଳେ ୨୦୨୩ରେ ତାହା ବଢ଼ି ୦.୬୪୪ରେ ପହଞ୍ଚିଛି। ହାରାହାରି ଆୟୁ, ହାରାହାରି କେତେ ବର୍ଷର ବିଦ୍ୟାର୍ଜନ ଓ ହାରାହାରି ଆୟ-ଏହି ତିନି ମାନକକୁ ନେଇ ଏଚଡିଆଇ ର୍ୟାଙ୍କ ପ୍ରସ୍ତୁତ କରାଯାଏ। ଭାରତୀୟଙ୍କ ହାରାହାରି ଆୟୁ ୨୦୨୩ରେ ୬୭.୨ ବର୍ଷ ରହିଛି ଯାହା ପୂର୍ବବର୍ଷ ୨୦୨୨ରେ ୬୭.୨ ବର୍ଷ ଥିଲା। ବିଦ୍ୟାର୍ଜନ କ୍ଷେତ୍ରରେ ମଧ୍ୟ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୨୨ରେ ହାରାହାରି ବାର୍ଷିକ ଆୟ ୬୫୪୨ ଡଲାର ଥିବା ବେଳେ ୨୦୨୩ରେ ତାହା ୬୯୫୧ ଡଲାରକୁ ବୃଦ୍ଧି ପାଇଛି। ଲିଙ୍ଗ ଅସମାନତା ହ୍ରାସ କରିବାରେ ମଧ୍ୟ ଭାରତ ସଫଳ ହୋଇଛି। ତେବେ ଏହି ତାଲିକାରେ ଭାରତ ତା'ର ୪ ପଡ଼ୋଶୀ ଦେଶଙ୍କଠାରୁ ପଛରେ ପଡ଼ିଛି। ୧୯୩ ଦେଶଙ୍କ ଏଚଡିଆଇ ସ୍କୋର ର୍ୟାଙ୍କିଙ୍ଗରେ ଚୀନ ୭୫, ଶ୍ରୀଲଙ୍କା ୭୮, ଭୁଟାନ ୧୨୫ ଓ ବାଂଲାଦେଶ ୧୨୯ ସ୍ଥାନରେ ରହିଛନ୍ତି।



## ଦିନକ ପୂର୍ବରୁ ତଥ୍ୟ ରଖିଲେ ନିର୍ବାଚନ କମିସନ
# ସାର୍ବଜନୀନ ହେଲା ନିର୍ବାଚନୀ ବଣ୍ଡ ତଥ୍ୟ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

ଦିନକ ପୂର୍ବରୁ ନିର୍ବାଚନ ଆୟୋଗ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଆୟୋଗ ପକ୍ଷରୁ ଏହାର ୱେବସାଇଟରେ ଏହି ତଥ୍ୟ ଅପଲୋଡ୍ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସବିଆଇ) ଗତ ୧୨ ତାରିଖରେ ନିର୍ବାଚନ ଆୟୋଗଙ୍କୁ ନିର୍ବାଚନୀ ବଣ୍ଡ ତଥ୍ୟ ଦାଖଲ କରିଥିଲା ବେଳେ ଠିକଣା ସମୟରେ ଏହାକୁ ଦେଶବାସୀଙ୍କ ଲାଗି ଉପଲବ୍ଧ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ଗତକାଲି ସୂଚନା ଦେଇଥିଲେ। ସେହି ଅନୁସାରେ ନିର୍ବାଚନ ଆୟୋଗ ପକ୍ଷରୁ ଏହି ତଥ୍ୟ ଅପଲୋଡ୍ କରାଯାଇଛି। ଅପଲୋଡ୍ କରାଯାଇଥିବା ତଥ୍ୟର ପ୍ରଥମ ୩୩୭ ପୃଷ୍ଠାରେ କେଉଁ ସଂସ୍ଥା କେଉଁ ତାରିଖରେ ନିର୍ବାଚନୀ ବଣ୍ଡ ଖରିଦ କରିଥିଲେ ସେ ସମ୍ପର୍କରେ ଉଲ୍ଲେଖ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୪୨୬ ପୃଷ୍ଠା ତଥ୍ୟରେ କେଉଁ ରାଜନୈତିକ ଦଳ କେଉଁ ତାରିଖରେ କେତେ ଦାନ ନେଇଛନ୍ତି ସେ ସମ୍ପର୍କରେ ଉଲ୍ଲେଖ ରହିଛି। ତେବେ ମୋଟ ବଣ୍ଡ ସଂଖ୍ୟା କେତେ ରହିଛି ତାହା ଉଲ୍ଲେଖ କରାଯାଇ ନାହିଁ। ଯେଉଁ ଉଦ୍ୟୋଗ ବା ସଂସ୍ଥା ଯେଉଁସବୁ ରାଜନୈତିକ ଦଳଙ୍କୁ ଦାନ କରିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ଗ୍ରାସିମ ଇଣ୍ଡଷ୍ଟ୍ରିଜ୍, ମେଘା ଇଞ୍ଜିନିୟରିଂ, ପିରାମଲ ଏଣ୍ଟରପ୍ରାଇଜେସ୍, ଟରେଣ୍ଟ ପାୱାର, ଭାରତୀ ଏୟାରଟେଲ, ଡିଏଲଏଫ କମର୍ସିଆଲ ଡେଭଲପର୍ସ, ବେଦାନ୍ତ ଲିମିଟେଡ, ଆପୋଲୋ ଟାୟାର୍ସ, ଲକ୍ଷ୍ମୀ ମିତ୍ତଲ, ଏଡେଲୱିଜ୍, ପିଭିଆର, କେଭେଣ୍ଟର, ସୁଲା ୱାଇନ, ୱେଲସ୍ପନ ଏବଂ ସନ ଫାର୍ମା। ନିର୍ବାଚନୀ ବଣ୍ଡ ମାଧ୍ୟମରେ ବିଜେପି, କଂଗ୍ରେସ,ଏଆଇଡିଏମକେ, ବିଆରଏସ, ଶିବସେନା, ଟିଡିପି, ଟିଏମସି. ଆରଜେଡ଼ି, ସିପିଆଇ, ସିପିଏମ୍, ଏସପି, ବିଏସପି ଆଦି ଦଳଙ୍କୁ ଦାନ ମିଳିଥିବା ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି।



## ସିଏଏ ସମ୍ବିଧାନର ପରିପନ୍ଥୀ ନୁହେଁ; ପ୍ରତ୍ୟାହାର ଅସମ୍ଭବ: ଶାହା
## କେଜ୍ରିୱାଲଙ୍କ ବାସଭବନ ସମ୍ମୁଖରେ ହିନ୍ଦୁ ଶରଣାର୍ଥୀଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ନାଗରିକ ସଂଶୋଧନ ଆଇନ(ସିଏଏ) ଲାଗୁ ହେବା ପରେ ଏହାକୁ ନେଇ ଏବେ ବିଭିନ୍ନ ସ୍ତରରେ ବିରୋଧ ବଢିବାର ଲାଗିଛି। ବହୁ ବିରୋଧୀ ଦଳ ଏହାକୁ ସମର୍ଥନ କରି ନଥିବା ବେଳେ ମୁସଲମାନ ପକ୍ଷ ମଧ୍ୟ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ବହୁ ବିରୋଧୀ ଦଳ ମଧ୍ୟ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। କିନ୍ତୁ ଏହାକୁ ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁ ନାହିଁ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ରୋକ୍‌ଠୋକ୍ କହିଛନ୍ତି। ସିଏଏ ସମ୍ବିଧାନ ସମ୍ମତ ଏବଂ ଏହି ଆଇନ ଦ୍ୱାରା କାହାରି ଅଧିକାର କ୍ଷୁଣ୍ଣ ହେଉ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଆସି ଭାରତରେ ଶରଣାର୍ଥୀ ଭାବେ ରହିଥିବା ହିନ୍ଦୁମାନେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। କେଜ୍ରିୱାଲ ଏହି ଆଇନକୁ ବିରୋଧ କରିବା ସହିତ ଅନ୍ୟ ଦେଶରୁ ଆସୁଥିବା କୋଟି କୋଟି ଶରଣାର୍ଥୀଙ୍କ ଭରଣା ପୋଷଣ କିଏ କରିବ ବୋଲି ଗତକାଲି ପ୍ରଶ୍ନ ଉଠାଇଥିଲେ।



## ଦୁଇ ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗୁରୁବାର ଦୁଇ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିର୍ବାଚନ କମିସନର ଭାବେ ନିଯୁକ୍ତ କରିଛନ୍ତି। କେରଳ କ୍ୟାଡର ଆଇଏଏସ୍ ଜ୍ଞାନେଶ କୁମାର ଏବଂ ଉତ୍ତରାଖଣ୍ଡ କ୍ୟାଡର ଅଧିକାରୀ ସୁଖବିନ୍ଦର ସିଂ ସାନ୍ଧୁଙ୍କୁ ନିଯୁକ୍ତ କରାଯାଇଥିବା ଘୋଷଣା କରାଯାଇଛି। ତେବେ ଏହି ଦୁଇ ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ବଡ ଅଭିଯୋଗ ଆଣିଛି କଂଗ୍ରେସ। ନିର୍ବାଚନ କମିସନର ଚୟନ ପାଇଁ ଗଠନ କରାଯାଇଥିବା କମିଟିରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବିରୋଧୀ ଦଳ ନେତା ଭାବେ କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀ ଏବଂ ଜଣେ ମନୋନୀତ କେନ୍ଦ୍ରମନ୍ତ୍ରୀ ରହିଛନ୍ତି। କିନ୍ତୁ ଏହି ଚୟନ ପ୍ରକ୍ରିୟାକୁ ନେଇ ଅଧୀର ରଞ୍ଜନ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ କମିସନରଙ୍କ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ ପ୍ରଥମେ ୨୦୦ ଜଣ ଅଧିକାରୀଙ୍କ ନାମ ସର୍ଚ୍ଚ କମିଟି ନିକଟକୁ ଆସିଥିଲା। ଏହାପରେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ନାମ ସର୍ଟଲିଷ୍ଟରେ ସ୍ଥିର କରାଯିବା ସହିତ ବୈଠକ ଆରମ୍ଭ ହେବାର ୧୦ ମିନିଟ୍ ପୂର୍ବରୁ ସେମାନଙ୍କ ନାମ ମୋ ନିକଟକୁ ଆସିଥିଲା। ସୁଖବୀର ସିଂହ ସାନ୍ଧୁ, ଜ୍ଞାନେଶ କୁମାର, ଉତ୍ପଳ କୁମାର ସିଂହ, ପ୍ରଦୀପ କୁମାର ତ୍ରିପାଠୀ, ଇନ୍ଦିବର ପାଣ୍ଡେ, ଓ ଗଙ୍ଗାଧର ରାହତଙ୍କ ନାଁ ଏଥିରେ ସାମିଲ ଥିଲା। ତେବେ ଏମାନଙ୍କ ଦକ୍ଷତା ଏତେ କମ୍ ସମୟରେ ଯାଞ୍ଚ କରିବା ଅସମ୍ଭବ ଥିଲା। ତେବେ ସେମାନଙ୍କ ମଧ୍ୟରୁ ମାତ୍ର ୧୦ ମିନିଟ୍ ଭିତରେ କିଭଳି ଦୁଇ ଜଣଙ୍କ ନାମ ଚୟନ କରାଗଲା ବୋଲି ଅଧୀର ରଞ୍ଜନ ପ୍ରଶ୍ନ ଉଠାଇଛନ୍ତି। ବିଜେପିର ସଂଖ୍ୟା ଗରିଷ୍ଠତା ରହିଥିବାରୁ ଦଳୀୟ ନେତାମାନେ ଯାହାକୁ ଚାହୁଁଥିଲେ ସେହି ପ୍ରାର୍ଥୀଙ୍କୁ ଚୟନ କଲେ ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହାବ୍ୟତୀତ ଏହି ଚୟନ କମିଟିରେ ପ୍ରଧାନବିଚାରପତିଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଇବାକୁ ନେଇ ସେ ପ୍ରଶ୍ନ ଉଠାଇ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି, 'ଏହି ଚୟନ କମିଟିରେ ସିଜେଆଇ ସାମିଲ ହେବା କଥା। ଯଦି ସିଜେଆଇ ଏହି କମିଟିରେ ଥା'ନ୍ତେ ତେବେ କଥା ଅଲଗା ହୋଇଥାନ୍ତା। କିନ୍ତୁ କମିଟିରେ ବିଜେପିର ସଂଖ୍ୟାଗରିଷ୍ଠତା ରହିଥିବାରୁ ସେମାନେ ଯାହା ଚାହୁଁଛନ୍ତି ତାହା ହେଉଛି।

## ଦିନକୁ ଦିନ ବଢୁଛି କୁକୁର କାମୁଡ଼ାଜନିତ ମୃତ୍ୟୁସଂଖ୍ୟା
# 'ପିଟ୍ ବୁଲ୍' ସହ ୨୩ ପ୍ରଜାତି କୁକୁର ରଖିବା ନିଷିଦ୍ଧ



ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ପୋଷା କୁକୁରଙ୍କ ସହିତ ବୁଲା କୁକୁରଙ୍କ କାମୁଡ଼ା ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଦେଶର ବିଭିନ୍ନ ସହରରେ କୁକୁର କାମୁଡ଼ା ଘଟଣା ବଢୁଥିବାରୁ କେନ୍ଦ୍ର ସରକାର ଏଥିପାଇଁ ଚିନ୍ତାବ୍ୟକ୍ତ କରିବା ସହିତ କିଛି ନିର୍ଦ୍ଦିଷ୍ଟ ପ୍ରଜାତି କୁକୁର ପୋଷିବା ଉପରେ ନିଷିଦ୍ଧାଦେଶ ଜାରି କରିଛନ୍ତି। ପିଟ୍ ବୁଲ ଟେରିୟର ପ୍ରଜାତିର କୁକୁର ସମେତ ୨୩ ପ୍ରଜାତିର କୁକୁର ଏଣିକି ପୋଷି ହେବ ନାହିଁ ବୋଲି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ରାଜ୍ୟଗୁଡିକୁ ଏହି କୁକୁର ବିକ୍ରି ଓ ପ୍ରଜନନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କୁହାଯାଇଛି। ପିଟ୍ ବୁଲ୍ ବ୍ୟତୀତ ଆମେରିକାନ ବୁଲ ଡଗ୍‌କୁ ମଧ୍ୟ ଆଉ ଘରେ ପୋଷି ହେବ ନାହିଁ। ପୋଷା କୁକୁରଙ୍କ ବଢୁଥିବା ଆକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମସ୍ତ ରାଜ୍ୟଗୁଡିକୁ ଏହି କୁକୁର ବିକ୍ରି ଓ ପ୍ରଜନନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିଷିଦ୍ଧ ହୋଇଥିବା ବିଭିନ୍ନ ପ୍ରଜାତିର କୁକୁର ମଧ୍ୟରେ ପିଟ୍‌ବୁଲ୍ ଟେରିୟର୍, ଆମେରିକାନ୍ ବୁଲଡଗ୍, ରଟୱିଲର୍, ଆମେରିକାନ୍ ଷ୍ଟେଫର୍ଡଶାୟର୍ ଟେରିୟର୍, ଫିଲା ବ୍ରାସିଲୋରୀ, ଡୋଗୋ ଅର୍ଜେଣ୍ଟିନୋ, କୋକେସିଅନ୍ ସେଫର୍ଡ, ମଧ୍ୟ ଏସିଆୟୀ ସେଫର୍ଡ, ମସ୍କୋ ଗାର୍ଡ ଡଗ୍, ରୋଡେସିଆନ୍ ରିଜବ୍ୟାକ୍ ଓ ମାଷ୍ଟିଫ୍ସ ସମେତ ୨୩ଟି ହିଂସ୍ର ପ୍ରଜାତିର କୁକୁର ରହିଛନ୍ତି। ଏହି ପ୍ରଜାତି କୁକୁର ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଚିଠି ଲେଖି କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିଷିଦ୍ଧ ହୋଇଥିବା ଏହି କୁକୁରଙ୍କ ମଧ୍ୟରେ ମିକ୍ସ ଓ କ୍ରସ୍ ବ୍ରିଡିଂ ମଧ୍ୟ ସାମିଲ ଅଛି। ଏହିସବୁ ପ୍ରଜାତିର କୁକୁର ମଣିଷ ସମାଜ ପାଇଁ ବିପଜ୍ଜନକ ବୋଲି କୁହାଯାଇଛି।

## ହସ୍ପିଟାଲରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ

ପୁନେ, ୧୪।୩ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କୁ ଗତକାଲି ରାତ୍ରରେ ପୁନେର ଭାରତୀ ହସପିଟାଲରେ ଭର୍ତ୍ତି କରାଯାଇଛି।



ଶ୍ରମତୀ ପାଟିଲଙ୍କୁ ଜ୍ୱର ହେଉଛି ଓ ତାଙ୍କ ଛାତିରେ ସଂକ୍ରମଣର ନିଦାନ କରାଯାଇଛି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ଚିକିତ୍ସା ଚାଲୁରହିଛି ବୋଲି ହସପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ଶ୍ରୀମତୀ ପାଟିଲ ୨୦୦୭ରୁ ୨୦୧୨ ଯାଏ ଦେଶର ରାଷ୍ଟ୍ରପତି ଥିଲେ। ସେ ଥିଲେ ଦେଶର ଦ୍ୱାଦଶ ରାଷ୍ଟ୍ରପତି। ଭାରତରେ ରାଷ୍ଟ୍ରପତି ହେବାରେ ସେ ହେଉଛନ୍ତି ପ୍ରଥମ ମହିଳା। ଦୌପଦୀ ମୁର୍ମୁ ହେଉଛନ୍ତି ରାଷ୍ଟ୍ରପତି ହେବାରେ ଦ୍ୱିତୀୟ ମହିଳା।

## ଦିଲ୍ଲୀରେ ଗର୍ଜିଲେ ଚାଷୀ
# ଏମ୍‌ଏସ୍‌ପି ଗ୍ୟାରେଣ୍ଟି, ଲକ୍ଷ୍ମୀପୁର ଖେରି କାର୍ଯ୍ୟାନୁଷ୍ଠାନ ଦାବି



ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

ପଞ୍ଜାବ, ହରିୟାଣଶ ଓ ପଶ୍ଚିମ ଉତ୍ତରପ୍ରଦେଶର ହଜାରହଜାର ଚାଷୀ ଆଜି ବସ୍ ଓ ଟ୍ରେନ୍ ଯୋଗେ ଦିଲ୍ଲୀ ପହଞ୍ଚି ରାମଲୀଲା ମଇଦାନରେ ଏକତ୍ରିତ ହୋଇ ୨୩ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ମିନିମମ ସପୋର୍ଟ ପ୍ରାଇସ୍ ବା ଏମଏସପି) ମିଳିବା ନେଇ ଗ୍ୟାରେଣ୍ଟି ଦେଉଥିବା ଆଇନ ପ୍ରଣୟନ ନିମନ୍ତେ ଦାବି କରିଛନ୍ତି। ଏମଏସପି ଗ୍ୟାରେଣ୍ଟି ଦେଉଥିବା ଆଇନ ନଥିବାରୁ ଚାଷୀ ଏବେ ବଜାରର ଦୟା ଉପରେ ନିର୍ଭର କରୁଛି। କ୍ଷୁଦ୍ର ଚାଷୀଙ୍କ ପାଇଁ ବଜାରରେ ଫସଲର ଅନିଶ୍ଚିତ ଦର ବଡ଼ ବିଷମ ସମସ୍ୟା ସୃଷ୍ଟି କରୁଛି। ଚାଷୀଙ୍କ ମଧ୍ୟରେ ଦୁଇତୃତୀୟାଂଶଙ୍କର ୧ ହେକ୍ଟରରୁ କମ୍ ଚାଷ ଜମି ରହିଛି। ୧୪୦ କୋଟି ଲୋକଙ୍କ ଦେଶରେ ୬୦ ପ୍ରତିଶତରୁ ଅଧିକ ହେଉଛନ୍ତି କୃଷିଜୀବୀ। ତେଣୁ ଚାଷୀକୁ ଆଜି ଏମଏସପି ଗ୍ୟାରେଣ୍ଟି ଦେଉଥିବା ଆଇନ ଦରକାର ହେଉଛି। ପୁଣି କୃଷିଋଣ ଛାଡ଼ ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ କରିନାହାନ୍ତି। ଆନ୍ଦୋଳନକାରୀ କୃଷକମାନଙ୍କ ବିରୋଧରେ ସରକାର ବିଭିନ୍ନ ସମୟରେ ବିଭିନ୍ନ ମାମଲା ଦାଏର କରିଥିଲେ। ତେବେ କୃଷକନେତାମାନଙ୍କ ସହ ଆଲୋଚନା ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଚାଷୀଙ୍କ ବିରୋଧରେ ପଞ୍ଜିକୃତ ମାମଲାସବୁ ପ୍ରତ୍ୟାହାର କରାଯିବ। କିନ୍ତୁ ଦୀର୍ଘ ଦିନ ବିତିବା ପରେ ବି ସରକାର ଚାଷୀଙ୍କ ନାମରେ ରୁଜୁ ମାମଲା ହଟାଇନଥଇବାରୁ ଚାଷୀମାନେ ଦିଲ୍ଲୀ ଆସି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ସେମାନଙ୍କ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଆନ୍ଦୋଳନକାରୀ କୃଷକ ସଂଗଠନ ୟୁନାଇଟେଡ୍ ଫାର୍ମର୍ସ ଫ୍ରଣ୍ଟ ପକ୍ଷରୁ କୁହାଯାଇଛି। ଦିଲ୍ଲୀ ଭିତରକୁ ଏଥର ଚାଷୀମାନେ ଟ୍ରାକ୍ଟର ଆଣିନାହାନ୍ତି। ପୁଲିସ ଚାଷୀଙ୍କୁ ରାମଲୀଳା ମଇଦାନରେ ବିକ୍ଷୋଭ ପ୍ରଦର୍ଶନର ଅନୁମତି ଦେବାବେଳେ ସର୍ତ୍ତ ରଖିଥଇଲା ଯେ ସେମାନେ ଦିଲ୍ଲୀ ଭିତରକୁ ସେମାନଙ୍କ କୃଷି ସରଞ୍ଜାମ, ଟ୍ରାକ୍ଟର ଆଦି ଆଣିବେ ନାହିଁ। ଠେଙ୍ଗା କି ଖଣ୍ଡା ଧରିବେ ନାହିଁ। ରାମଲୀଳା ମଇଦାନରେ ୫୦୦୦ରୁ ଅଧିକ ସଂଖ୍ୟକ ଚାଷର ସମବେତ ହେବେନାହିଁ।

### ଚାଷୀଙ୍କୁ ରାହୁଲଙ୍କ ୫ ଗ୍ୟାରେଣ୍ଟି
## ଜିତିଲେ ଏମ୍‌ଏସ୍‌ପି ଆଇନ ଆଣିବୁ



ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳ ଭୋଟରଙ୍କୁ ପ୍ରତିଶ୍ରୁତିରେ ପୋତି ଦେବାକୁ ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ କଂଗ୍ରେସ ଚାଷୀମାନଙ୍କୁ ୫ଟି ଗ୍ୟାରେଣ୍ଟି ଦେଇଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ କୃଷକମାନଙ୍କୁ ସମ୍ବୋଧିତ କରି ୫ଟି ଗ୍ୟାରେଣ୍ଟି ଦେବା ସହିତ ସେମାନଙ୍କ ସମସ୍ତ ସମସ୍ୟା ଦୂର କରିବାକୁ ପୋଷ୍ଟ କରିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ସ୍ୱାମୀନାଥନ କମିସନ ସୂତ୍ର ଅନୁସାରେ ଏମଏସ୍‌ପିକୁ ଆଇନଗତ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାବ୍ୟତୀତ କୃଷକଙ୍କ ଋଣ ଛାଡ଼ ଓ ଏହାର ପରିମାଣ ନିର୍ଦ୍ଧାରଣ ପାଇଁ ଏକ ସ୍ଥାୟୀ 'କୃଷି ଋଣ ଛାଡ଼ ଆୟୋଗ' ଗଠନ କରିବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ବୀମା ଯୋଜନାରେ ପରିବର୍ତ୍ତନ କରି ଫସଲ ନଷ୍ଟ ହେବାର ୩୦ ଦିନ ମଧ୍ୟରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟରେ ଦେୟ ସୁନିଶ୍ଚିତ କରିବାକୁ ମଧ୍ୟ ଏହି ଗ୍ୟାରେଣ୍ଟିରେ କୁହାଯାଇଛି।

### ■ ସୁପ୍ରିମକୋର୍ଟ କଲେଜିୟମଙ୍କ ରୁଲିଂ
## ରାଜନୈତିକ ଅତୀତ ପାଇଁ କେହି ବିଚାରପତି ହେବାରୁ ବଞ୍ଚିତ ହେବେନି

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): କେବଳ ରାଜନୈତିକ ଅତୀତକୁ ଆଧାର କରି କାହାରିକୁ ଜଜ୍ ହେବାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କଲେଜିୟମ୍ ମତ ଦେଇଛନ୍ତି। କେରଳ ହାଇକୋର୍ଟରେ ଜଜ୍ ଭାବେ ନିଯୁକ୍ତି ଦିଆଯାଇପାରେ ବୋଲି ସୁପ୍ରିମକୋର୍ଟ କଲେଜିୟମ୍ କେନ୍ଦ୍ର ସରକାରଙ୍କୁ ବରିଷ୍ଠ ଓକିଲ ମନୋଜ ପୁଲାମ୍ବି ମାଧବନଙ୍କ ନାମ ସୁପାରିସ କରିଥିଲେ। କେନ୍ଦ୍ର ସରକାର କଲେଜିୟମଙ୍କ ସୁପାରିସକୁ ଗ୍ରହଣ ନକରି ଦର୍ଶାଇଥିଲେ ଯେ ମାଧବନ ହେଉଛନ୍ତି ଜଣେ କମ୍ୟୁନିଷ୍ଟ ସମର୍ଥକ। କେରଳର କମ୍ୟୁନିଷ୍ଟ ସରକାରଙ୍କ ଦ୍ୱାରା ସେ ୨୦୧୦ରେ ଓ ୨୦୧୬ରୁ ୨୦୨୧ ଯାଏ ସରକାରୀ ଓକିଲ ଭାବେ ନିଯୁକ୍ତ ହୋଇଥିଲେ। ମାଧବନଙ୍କ ଏହି ଅତୀତ ରାଜନୈତିକ ପୃଷ୍ଠଭୂମୀରୁ ତାଙ୍କୁ ହାଇକୋର୍ଟ ଜଜ୍ କରାଯିବା ଉଚିତ ହେବନାହିଁ ବୋଲି ନ୍ୟାୟ ବିଭାଗ ମାଧବନଙ୍କ ଫାଇଲରେ ନୋଟ୍ ଦେଇଥିଲା। ଏଥିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଆହୂତ କଲେଜିୟମ (୫ଜଣ ବରିଷ୍ଠ ସୁପ୍ରିମକୋର୍ଟ ବିଚାରପତିମଣ୍ଡଳୀ) ବିସ୍ମୟ ପ୍ରକାଶ କରି ସରକାରଙ୍କ ଏହି ମତକୁ ଅନାପେକ୍ଷିତ ବୋଲି ରୁଲିଂ ଦେଇ ସରକାରଙ୍କ ଏତାଦୃଶ ଆପତ୍ତିକୁ ଅଗ୍ରାହ୍ୟ କରିଛନ୍ତି। କଲେଜିୟମ ଦର୍ଶାଇଛନ୍ତି ଯେ ୨୦୨୩ରେ ପୂର୍ବତନ ବିଜେପି ନେତା ଏଲ ଭିକ୍ଟୋରିଆ ଗୌରୀଙ୍କୁ ମାଡ୍ରାସ ହାଇକୋର୍ଟରେ ଜଜ୍ ଭାବେ ନିଯୁକ୍ତି ଦିଆଯିବା ବେଳେ କେନ୍ଦ୍ର ସରକାର କୌଣସି ଆପତ୍ତି ଉଠାଇନଥିଲେ। ୨୦୧୯ରେ ଜଜ୍ ଗୌରୀଙ୍କ ଟ୍ୱିଟର ହ୍ୟାଣ୍ଡଲ ଥିଲା 'ଚୌକିଦାର ଭିକ୍ଟୋରିଆ ଗୌରୀ'। ପୁଣି ମାଧବନ ସିପିଏମ୍ ସରକାରଙ୍କ ଦ୍ୱାରା ସରକାରୀ ଓକିଲ ଭାବେ ନିଯୁକ୍ତ ହୋଇଥିଲେ ବୋଲି କେନ୍ଦ୍ର ସରକାର ଯେଉଁ ଆପତ୍ତି ଦର୍ଜ କରିଛନ୍ତି, ତାହାର ମଧ୍ୟ କଲେଜିୟମ ଭିନ୍ନ ତର୍ଜମା କରିଛନ୍ତି। କଲେଜିୟମ କହିଛନ୍ତି, ସରକାରୀ ଓକିଲ ଭାବେ ଅଭିଜ୍ଞତା ଅର୍ଜିଥିବାରୁ ସରକାର ବା ଷ୍ଟେଟ୍ ଏକ ପକ୍ଷ ଥିବା ବିଭିନ୍ନ ଧରଣର ମାମଲା ପରିଚାଳନାରେ ତାଙ୍କର ଦକ୍ଷତା ରହିଛି ବୋଲି କୁହାଯାଇପାରେ।

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-260 ♦BHUBANESWAR ♦FRIDAY ♦15 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୬୦ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୫ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଦୁଇ ନୂଆ ନିର୍ବାଚନ କମିସନରଙ୍କୁ ନିଯୁକ୍ତି



■ **ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି):** ଅବସରପ୍ରାପ୍ତ ଦୁଇ ଆଇଏଏସ୍ ଅଧିକାରୀ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସନ୍ଧୁଙ୍କୁ ଗୁରୁବାର ନିର୍ବାଚନ କମିସନର ଭାବେ ନିଯୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏହି ଦୁଇ ଅଧିକାରୀଙ୍କ ନାମରେ ମୋହର ଲାଗିବା ପରେ ସେମାନଙ୍କ ନାମ ଘୋଷଣା କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ସେମାନଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ସୁଖବୀର ସନ୍ଧୁ ଉତ୍ତରାଖଣ୍ଡ ଏବଂ ଜ୍ଞାନେଶ କୁମାର କେରଳ କ୍ୟାଡର ୧୯୮୮ ବ୍ୟାଚ୍ ଆଇଏଏସ ଅଧିକାରୀ। ସନ୍ଧୁ ପୂର୍ବରୁ ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ସମେତ ପ୍ରମୁଖ ସରକାରୀ ପଦବୀରେ କାର୍ଯ୍ୟ କରିଛନ୍ତି । ସେହିପରି ଜ୍ଞାନେଶ କୁମାର ବିଭିନ୍ନ ମନ୍ତ୍ରଣାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ତୁଲାଇଛନ୍ତି।




# ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ




**ବାରିପଦା, ୧୪ ।୩(ସମିସ):** ସିଆଇଟିୟୁ ଓ ଏଆଇସିୟୁଟି ନେତୃତ୍ୱରେ ବାରିପଦା ସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଗୁରୁବାର ନିର୍ମାଣ ଶ୍ରମିକଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ଶ୍ରମିକମାନେ ୧୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଛି । ଦାବି ଅନୁଯାୟୀ, ନୂତନ ଶ୍ରମିକ କାର୍ଡର ସରଳୀକରଣ, ପ୍ରସୂତିକାଳୀନ ସହାୟତା, ପ୍ରଶିକ୍ଷଣ ଭତ୍ତା, ବାହାଘର ସହାୟତା, ନବୀକରଣ, ମୃତ୍ୟୁକାଳୀନ ସହାୟତା, ସାଇକେଲ, ଯନ୍ତ୍ରପାତି, ନିରାପତ୍ତା ସାମଗ୍ରୀ, ଶିକ୍ଷାସହାୟତା ଓ ପକ୍କାଘର, ବାକି ପଡ଼ିଥିବା କରୁଣା ସହାୟତା, ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ଭତ୍ତା ପ୍ରଦାନ, ଦୁର୍ଘଟଣା ଜନିତ ସହାୟତା, ଦୁରାରୋଗ୍ୟ ଚିକିତ୍ସା ସହାୟତା ଆଦି ଦାବି ରହିଛି । ସିଆଇଟିୟୁରୁ ବିକର୍ତ୍ତନ କବି ଓ ଅମଳ ଦେ ଏବଂ ଏଆଇସିୟୁଟିରୁ କାହ୍ନୁଚରଣ ବେହେରାଙ୍କ ନେତୃତ୍ୱରେ ଅଧିକାରୀଙ୍କ ସହିତ ଆଲୋଚନା କରି ଦାବିପତ୍ର ପ୍ରଦାନ କରାଯାଇଛି । ବିକ୍ଷୋଭରେ ପ୍ରଫୁଲ ମହାନ୍ତି, ମହେଶ୍ୱର ବେହେରା, ସନ୍ଧ୍ୟାରାଣୀ ବେହେରା, ମାଣିକ ନାଏକ, ମଞ୍ଜୁ ବେହେରା, ସୋମବାରୀ ପାତ୍ର, ପ୍ରମିଳା ବେଶ୍ରା, ଫୁଲମଣି ବିନ୍ଧାଣି, ମାଳତି ମହାନ୍ତ, ଦୁର୍ଯ୍ୟୋଧନ ବେହେରା ସମେତ ବହୁ ଶ୍ରମିକ ଉପସ୍ଥିତ ଥିଲେ ।

# 'ନୂତନ ୱେବସାଇଟ୍ ଦ୍ୱାରା ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟ ହେବ ଜନାଭିମୁଖୀ'

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ବ୍ୟବସ୍ଥା' ଲୋକାର୍ପିତ

**ବାରିପଦା, ୧୪ ।୩(ସମିସ)**



ସମଗ୍ର ରାଜ୍ୟରେ ଇ-ଗଭର୍ଣ୍ଣାନ୍ସର ଏକ ନୂତନ ଯୁଗ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଓଡ଼ିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ର (ଓକାକ) ଦ୍ୱାରା ବିକଶିତ ଅନଲାଇନ ଇନସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମକୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଆଭାସୀ ମାଧ୍ୟମରେ ଲୋକାର୍ପିତ କରିଛନ୍ତି । ଏହି ପଦକ୍ଷେପ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ସହିତ ଏହି ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକୁ ଜନାଭିମୁଖୀ କରିବା ପାଇଁ ବାର୍ତ୍ତା ଦେଇଛନ୍ତି । ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସଭାରେ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କକ୍ଷରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧକ୍ଷ ଡଃ ଅଜୟ କେତନ ଷଡ଼ଙ୍ଗୀ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳିକା ସେବତୀ କର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ସଞ୍ଚାଳନ କରିଥିଲେ । ସୂଚନା ଥାଉକି, ଏହି ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ସିଷ୍ଟମ ପୋର୍ଟାଲ୍ ଉଦ୍ୟୋଗୀମାନଙ୍କ ଦ୍ୱାରା ଆବେଦନ ଦାଖଲ କରିବାରେ ସହଜ କରିଥାଏ; ଯାହା ସେମାନଙ୍କ ପ୍ରୋତ୍ସାହନକୁ ଓଡ଼ିଶାର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫେବଲ୍ସ ନୀତି ଅନୁଯାୟୀ ଅନୁମୋଦନ କରିବାକୁ ଅନୁମତି ଦେଇଥାଏ । ଅନଲାଇନ୍ ଇନସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ ଶାରୀରିକ ପ୍ରୟୋଗ ଦାଖଲ ଉପରେ ଏକାଧିକ ସୁବିଧା ପ୍ରଦାନ କରିବ, ଯେପରିକି ପ୍ରୟୋଗର ସହଜ ଦାଖଲ ଏବଂ ଡକ୍ୟୁମେଣ୍ଟ ଅପଲୋଡ୍, ଏକକ ୱିଣ୍ଡୋ ପୋର୍ଟାଲ୍ ସୁବିଧା, ପ୍ରୟୋଗଗୁଡ଼ିକ ପାଇଁ ତ୍ରୁଟି-ଯାଞ୍ଚ ଏବଂ ବାର୍ତ୍ତା ଆଲର୍ଟ । ଏହା ମଧ୍ୟ କୌଣସି ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ସୁରକ୍ଷା ପ୍ରକ୍ରିୟା ଉପରେ ନିର୍ଭର କରେ । ଏହି ଅନଲାଇନ୍ ପୋର୍ଟାଲ୍ ସାହାଯ୍ୟରେ ଏକ କମ୍ପାନୀ ସପ୍ତାହରେ ଯେକୌଣସି ଦିନ ୨୪ ଘଣ୍ଟା ଏହାର ଆବେଦନ ଦାଖଲ କରିବାକୁ ସକ୍ଷମ ହେବ । ଅନଲାଇନ୍ ପୋର୍ଟାଲ୍ ଆବେଦନ ସ୍ଥିତିର ରିଅଲ୍-ଟାଇମ୍ ଟ୍ରାକିଂକୁ ସହଜ କରିଥାଏ ଏବଂ ଆବେଦନକାରୀଙ୍କୁ ଇମେଲ୍, ଏସଏମଏସ ସହିତ ଆବେଦନ ଦାଖଲ କରିବା ସହିତ ବିଭିନ୍ନ ସ୍ତରର ପ୍ରକ୍ରିୟାକରଣ ବିଷୟରେ ସୂଚିତ କରେ । ଏହି ଅନଲାଇନ୍ ସିଷ୍ଟମ ଉପରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଏକ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଆଇଟି / ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିଜ୍ ପାଇଁ ପ୍ରୋତ୍ସାହନ ପରିଚାଳନା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିଛନ୍ତି । ଏହି ପଦକ୍ଷେପ କେବଳ ଟେକ୍ନୋଲୋଜି ନୁହେଁ, ଶାସନକୁ ଅଧିକ ସୁଗମ, ସ୍ୱଚ୍ଛ ଏବଂ ସମସ୍ତଙ୍କ ପାଇଁ ଉପଭୋକ୍ତା ଅନୁକୂଳ କରିବା ପାଇଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତନଶୀଳ ୫-ଟି ପଦକ୍ଷେପ ସହିତ ଅନୁରୂପ ଥିବା 'ଷ୍ଟାଣ୍ଡାର୍ଡ ୱେବସାଇଟ୍ ଫ୍ରେମୱାର୍କ' ଅଧୀନରେ ବିକଶିତ ହୋଇଥିବା ନୂତନ ଜିଲ୍ଲା ୱେବସାଇଟକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି ।

ଏହି ଅବସରରେ ୫-ଟି ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ୫-ଟି ଉଲ୍ଲେଖନୀୟ ପ୍ରଭାବ ପକାଇଛି ବୋଲି କହିଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର ଉପସ୍ଥିତ ଥିଲେ ।

# ବର୍ଜ୍ୟବସ୍ତୁ ପୃଥକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ



**ବାରିପଦା, ୧୪ ।୩(ସମିସ):** ସ୍ୱଚ୍ଛ ଓ ସୁନ୍ଦର ବାରିପଦା ସହର ଭାବେ ଗଢି ତୋଳିବା ଲକ୍ଷ୍ୟରେ ପୌର ପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ପୃଥକୀକରଣ ବ୍ୟବସ୍ଥା ଗୁରୁବାର ଉଦଘାଟିତ କରାଯାଇଛି । ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବାହାରୁଥିବା ବର୍ଜ୍ୟବସ୍ତୁର ପୃଥକୀକରଣ କରାଯାଇ ବ୍ୟବହାର ଉପଯୋଗୀ କରାଯିବ । ଏ ନେଇ ରଘୁନାଥପୁର ସ୍ଥିତ ପୌରପାଳିକା ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ପରିସରରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ, ୱାର୍ଡ କାଉନସିଲର ସୁଧୀର ବାରିକ ଉପସ୍ଥିତ ଥିଲେ । ୨୮ଟି ୱାର୍ଡରୁ ପ୍ରତିଦିନ କୁଡ଼ କୁଡ଼ ଅଳିଆ ଆବର୍ଜନା ସଂଗ୍ରହ କରାଯାଉଛି । ଯାହାକି ରଘୁନାଥପୁର ସ୍ଥିତ ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର (ଡମ୍ପିଂ ୟାର୍ଡ)ରେ ପଡ଼ି ରହୁଥିବା ବେଳେ ତାହା ନଷ୍ଟ ନ ହୋଇ ପାହାଡ ସାଜୁଛି । ତେଣୁ ପରିବେଶକୁ ସନ୍ତୁଳନ କରିବା ପାଇଁ ପୌର ପରିଷଦ ପକ୍ଷରୁ ଆବର୍ଜନା ଗୁଡିକ ପୃଥକୀକରଣ କରି ବ୍ୟବହାର ଉପଯୋଗୀ କରାଯିବ । ମାଟି ସହିତ ଅପଚୟ ସାମଗ୍ରୀ ଯଥା-ପ୍ଲାଷ୍ଟିକ, କପଡ଼ା, ଜରି, କାଚ ଆଦିକୁ ଅଲଗା କରାଯାଇ, ତାହାକୁ ପୁନଃ ବ୍ୟବହାର ପାଇଁ ଉଦ୍ଦିଷ୍ଟ କଳକାରଖାନାକୁ ପ୍ରଦାନ କରାଯିବ । ଏଥିସହ ବର୍ଜ୍ୟବସ୍ତୁ ମଧ୍ୟରୁ ଜୈବିକ ସାମଗ୍ରୀ ପୃଥକୀକରଣ କରାଯିବା ସହ ଅତ୍ୟାଧୁନିକ ମେସିନରେ ପକାଯାଇ ଚାଷ ପାଇଁ ଅତ୍ୟନ୍ତ ଉତ୍କୃଷ୍ଟ ଖତ ପ୍ରସ୍ତୁତ କରାଯିବ । ପଥରଗୁଡିକ ଖାଲ ସ୍ଥାନ ପୋତିବାରେ ବ୍ୟବହାର କରାଯିବ । ଫଳରେ ପରିବେଶକୁ ନଷ୍ଟ କରୁଥିବା ବର୍ଜ୍ୟବସ୍ତୁ ଗୁଡିକର ସଠିକ ଭାବେ ପ୍ରକ୍ରିୟାକରଣ ହୋଇପାରିବ ବୋଲି ନଗରପାଳ କହିଛନ୍ତି । ଉକ୍ତ କେନ୍ଦ୍ରରେ ପୃଥକୀକରଣ କରିବା ନିମନ୍ତେ ୱାର୍ଡ ନମ୍ବର ୨୨, ରଘୁନାଥପୁରର ଓଁମ ଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ୧୦ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟରେ ନିୟୋଜିତ କରାଯାଇଛି । ଆଗକୁ ଅନ୍ୟାନ୍ୟ ପର୍ଯ୍ୟାୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଜଡିତ କରାଯିବାର ଯୋଜନା ରହିଛି । କାର୍ଯ୍ୟକ୍ରମରେ ଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ, ଯନ୍ତ୍ରୀ ଜାଦବେନ୍ଦ୍ର ମହାପାତ୍ର ଏବଂ ପୌର କର୍ମଚାରୀ ଉପସ୍ଥିତ ଥିଲେ ।

# ନିର୍ବାଚନକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଅଧିକାରୀଙ୍କୁ ତାଲିମ

**ବାରିପଦା, ୧୪ ।୩(ସମିସ):** ସାଧାରଣ ନିର୍ବାଚନକୁ କିପରି ସରଳ ଓ ତ୍ରୁଟିଶୂନ୍ୟ କରାଯିବ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋର ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିଙ୍ଗ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ଏକ ତାଲିମ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି । ବିଭିନ୍ନ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟାରେ ନିଯୁକ୍ତ ପୋଲିଙ୍ଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ସୂଚନା ଯୋଗ୍ୟ ଯେ, ଏହି ତାଲିମ ମାର୍ଚ୍ଚ ୧୪ରୁ ୧୯ ପର୍ଯ୍ୟନ୍ତ ଚାଲିବ । ବାରିପଦା ସ୍ଥିତ ଏମକେସି ଉଚ୍ଚ ବିଦ୍ୟାଳୟ, ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ଜିଲ୍ଲାର ଅନ୍ୟାନ୍ୟ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମିଶାଇ ୩୨ଟି ସ୍ଥାନରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର ଇଲେକ୍ସନ ଦୁର୍ଗା ଚରଣ ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ତାଲିମ ଶିବିରରେ ୧୭୪୪ ଜଣ ପୋଲିଙ୍ଗ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ତାଲିମ ଦିଆଯିବ । ପୋଲିଙ୍ଗ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ତାହା ବୁଝାଇଥିଲେ । ଭୋଟ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା କିପରି କରିପାରିବେ, ସେକ୍ଟର ଅଧିକାରୀଙ୍କ ସହ କିପରି ଯୋଗାଯୋଗ ରଖି ସୂଚନା ଦେବାକୁ ତାଲିମ୍ ପ୍ରଦାନ କରିଥିଲେ । ଇଭିଏମ୍, ଭିଭିପାଟ କିପରି ସଂଯୋଗ କରିବେ କଣ୍ଟ୍ରୋଲ ୟୁନିଟ କାର୍ଯ୍ୟ ଆଦି ସୂଚନା ଦେଇଥିଲେ । ପ୍ରତ୍ୟେକ ପୋଲିଙ୍ଗ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ସହିତ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ପରାମର୍ଶ ଦେଇଥିଲେ । ଏଥିସହ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମସ୍ତଙ୍କୁ ନିଜ ଶରୀରର ଯତ୍ନ ନେବା, ଖାଦ୍ୟ ପାନୀୟ ଠିକ୍ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଶାରୀରିକ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କହିଥିଲେ । ନିର୍ବାଚନ ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ ଔଷଧ, ଆମ୍ବୁଲାନ୍ସ ଓ ଜରୁରୀ ସେବା ସହ ଡାକ୍ତର ଉପସ୍ଥିତ ରହିବେ ବୋଲି ମଧ୍ୟ ସୂଚନା ଦେଇଥିଲେ ।



■ ମୟୂରଭଞ୍ଜ ପୁଲିସ ପକ୍ଷରୁ ମୋବାଇଲ ମେଳା

# ଛିନ୍‌ତାଇ ହୋଇଥିବା ୬୦ଟି ଫୋନ୍ ଫେରିପାଇଲେ ମାଲିକ

ବାରିପଦା, ୧୪ ।୩(ସମିସ): ମୟୂରଭଞ୍ଜ ଜିଲ୍ଲା ସାଇବର ଥାନାକୁ ବଡ଼ ସଫଳତା ମିଳିଛି । ବାରିପଦା ସହର ଓ ଆଖପାଖ ଅଞ୍ଚଳରୁ ବିଭିନ୍ନ ସମୟରେ ଛିନତାଇ ହୋଇଥିବା ୬୦ଟି ମୋବାଇଲକୁ ଉଦ୍ଧାର କରାଯାଇଛି । ଏନେଇ ବାରିପଦା ସ୍ଥିତ ପୁଲିସ ମୁଖ୍ୟାଳୟରେ ଗୁରୁବାର ଆୟୋଜିତ ଏକ ମୋବାଇଲ ଫୋନ ଫେରସ୍ତ ମେଳା ମାଧ୍ୟମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ ସମ୍ପୃକ୍ତ ମାଲିକଙ୍କୁ ଫେରସ୍ତ କରିଛନ୍ତି । ବାରିପଦା ସହରରେ ବର୍ଦ୍ଧିତ ଜନସଂଖ୍ୟା ସମେତ ଅପରାଧିକ ମାମଲାର ମାତ୍ରା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କିଛି ଦିନ ହେବ ସହରରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବହୁ ସମୟରେ ମୋବାଇଲ ଛିନତାଇ ନେଇ ଅଭିଯୋଗ ହେଉଛି । ବାଇକ ଯୋଗେ ଆସି ମୋବାଇଲ ଛିନତାଇ କରିବା ନେଇ



ବାରମ୍ବାର ଅଭିଯୋଗ ହେଉଥିବା ବେଳେ ପୁଲିସ ଅତ୍ୟାଧୁନିକ ଜ୍ଞାନକୌଶଳର ସହାୟତାରେ ମୋବାଇଲଗୁଡ଼ିକୁ ଉଦ୍ଧାର କରିଛି । ତେବେ ଏହି ଘଟଣାରେ ପୁଲିସ କାହାକୁ ଗିରଫ କରି ନ ଥିବାବେଳେ ତଦନ୍ତ ଚାଲୁ ରହିଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା, ଡିଏସପି ଦୋଳାମଣୀ ଭୋଇ, ସାଇବର ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ମଧୁବନରେ ଭେଣ୍ଡିଂ ଜୋନ୍‌ର ଶିଳାନ୍ୟାସ

ବାରିପଦା, ୧୪ ।୩(ସମିସ): ଗୁରୁବାର ଅପରାହ୍ନରେ ପୌରପାଳିକା ପକ୍ଷରୁ ବାରିପଦା-ଉଦଳା ରାସ୍ତା ପାର୍ଶ୍ୱ ମଧୁବନଠାରେ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଉଠା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ଏହି ଭେଣ୍ଡିଂ ଜୋନର ନିର୍ମାଣ ହେବାକୁ ଯାଉଛି । ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମଇ ସଚ୍ଚିଦାନନ୍ଦ ଶତପଥୀ ଓ କନିଷ୍ଠ ଯନ୍ତ୍ରୀ ଲୋମାଜିନ ସାମଲ ଉପସ୍ଥିତ ଥିଲେ । ବାରିପଦା ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି । ସହରର ସୌନ୍ଦର୍ଯ୍ୟ



କରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ଭେଣ୍ଡିଂ ଜୋନ ପ୍ରସ୍ତୁତ କରାଯାଉଛି । ଏହି ଭେଣ୍ଡିଂ ଜୋନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କରାଯିବ । ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ଭେଣ୍ଡିଂ ଜୋନର ନିର୍ମାଣ କରାଯିବ । ଏହି ଅବସରରେ ସମସ୍ତ ୱାର୍ଡର କାଉନସିଲର, ପୌର କର୍ମଚାରୀ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

# ରୂପାନ୍ତରିତ ମାରୱାଡ଼ି ଶ୍ମଶାନ ଲୋକାର୍ପିତ

**ବାରିପଦା, ୧୪ ।୩(ସମିସ):** ନୂଆ ରୂପ ପାଇଲା ବାରିପଦାର ମାରୱାଡି ଶ୍ମଶାନ । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଉନ୍ନତିକରଣ କରାଯାଇଛି । ଏ ନେଇ ଶ୍ମଶାନ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଶ୍ମଶାନ ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ବାରିପଦାଠାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମ ସମୟରେ ମାରୱାଡି ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଆବେଦନ କରିଥିଲେ । ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ । ବାରିପଦା ପୌରପାଳିକା ପକ୍ଷରୁ କାର୍ଯ୍ୟ ସମ୍ପାଦନ ହେବା ପରେ ଆଜି ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ କାଉନସିଲର, ପୌର କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ଅଙ୍ଗଦାନ ସଚେତନତା ସୃଷ୍ଟି ପାଇଁ ଶଶିକାନ୍ତଙ୍କ ଓଡ଼ିଶା ଭ୍ରମଣ

**ବାରିପଦା, ୧୪ ।୩(ସମିସ)**




ଅଙ୍ଗଦାନ ଜୀବନର ସର୍ବଶ୍ରେଷ୍ଠ ସମ୍ମାନ । ଆମେ ସଭିଏଁ ଜୀବନରେ କିଛି ନା କିଛି ଦାନ କରିଥାଉ । ଏହା ଆମକୁ ଖୁସି ଦେଇଥାଏ ଏବଂ ମାନବିକତାର ପରିଚୟ ମଧ୍ୟ ଦେଇଥାଏ । ଭଗବାନ ଆମକୁ ଦେଇଥିବା ଏତେ ସୁନ୍ଦର ଜୀବନର ପରିଭାଷାକୁ ବୁଝି, ଆମର ମୃତ୍ୟୁ ପରେ ମଧ୍ୟ ଆମ ଶରୀରର କିଛି ମୂଲ୍ୟବାନ ଅଙ୍ଗ ଅନ୍ୟ ଜଣକ ଜୀବନକୁ ନୂଆ ରୂପ ଦେଇପାରିବ । ତେଣୁକରି ବାସ୍ତବରେ ସାର୍ଥକ ଜୀବନ ପାଇଁ 'ଅଙ୍ଗଦାନ' କରିବାର ଆବଶ୍ୟକତା ରହିଛି । ତେଣୁ ଅଙ୍ଗଦାନ ମହାଅଭିଯାନରେ ସଚେତନତା ସୃଷ୍ଟି କରିବା ପାଇଁ ବାଇକ ଯୋଗେ ଓଡ଼ିଶା ଯାତ୍ରାରେ ବାହାରିଛନ୍ତି ଖୋର୍ଦ୍ଧାର ଶଶିକାନ୍ତ ସ୍ୱାଇଁ । ଅଙ୍ଗଦାନ ଦ୍ୱାରା ଅନେକ ପରିବାର ପାଇଁ ନୂତନ ଆଶା ସୃଷ୍ଟି କରିପାରୁଛି । ସେଥିପାଇଁ ବିଗତ କିଛି ବର୍ଷ ମଧ୍ୟରେ ପ୍ରାୟ ଅଙ୍ଗଦାନ କରିବାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ବର୍ତ୍ତମାନ ସମୟରେ ଯେଉଁ ପରିମାଣରେ ଅଙ୍ଗ ପ୍ରତିରୋପଣ ସଂଖ୍ୟା ବୃଦ୍ଧି ପାଉଛି ସେ ତୁଳନାରେ ଅଙ୍ଗଦାନ ବହୁତ କମ୍ । ଅଙ୍ଗଦାନ ଏକ ସାହସିକ ନିଷ୍ପତ୍ତି; ଯାହାକୁ ପାଥେୟ କରି ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଏହି ଦିଗରେ କାମ କରୁଛନ୍ତି । ଜୀବନ ଯିବା ପରେ ମଧ୍ୟ ସ୍ୱେଚ୍ଛାକୃତ ଭାବରେ ଆଉ କାହାର ଜୀବନ ବଞ୍ଚାଇବା ପାଇଁ ଅଙ୍ଗଦାନ କରିବାକୁ ନିବେଦନ କରାଯାଉଛି । ଏହିପରି ସଚେତନତା ସୃଷ୍ଟି କରିବା ପାଇଁ ହୁଁଙ୍କାର ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ ଶଶିକାନ୍ତ ସ୍ୱାଇଁ ମାର୍ଚ୍ଚ ୭ ତାରିଖରୁ ଖୋର୍ଦ୍ଧାରୁ ବାଇକ ଯୋଗେ ଓଡ଼ିଶା ଭ୍ରମଣରେ ବାହାରିଛନ୍ତି । ରାଜ୍ୟର ୭ଟି ଜିଲ୍ଲା ଭ୍ରମଣ କରି ଅଙ୍ଗଦାନ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବା ପରେ ଗୁରୁବାର ବାରିପଦାରେ ପହଞ୍ଚିଥିଲେ । ଏହି ଅବସରରେ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନଏସଏସ୍)ର ସ୍ୱେଚ୍ଛାସେବୀଙ୍କୁ ଶଶିକାନ୍ତ ଭେଟି ଅଙ୍ଗଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ମେଡ଼ିକାଲ ଓ ଅନ୍ୟାନ୍ୟ ମହାବିଦ୍ୟାଳୟରେ ପହଞ୍ଚି ଅଙ୍ଗଦାନ କରିବା ନେଇ ସଚେତନ କରିଥିଲେ । ରାଜ୍ୟରେ କିପର ଅଙ୍ଗଦାନ ଅଭିଯାନକୁ ଅଧିକ କ୍ରିୟାନ୍ୱିତ କରିବା ପାଇଁ ଶଶିକାନ୍ତ ସ୍ୱେଚ୍ଛାସେବୀ ସଂସ୍ଥା, ସଂଗଠନ ଆଦିଙ୍କୁ ଭେଟି ଆଲୋଚନା କରି ପ୍ରେରଣା ଯୋଗାଉଛନ୍ତି । ଆଗକୁ ଏହି ବାର୍ତ୍ତା ନେଇ ରାଜ୍ୟର ସମସ୍ତ ଜିଲ୍ଲା ଭ୍ରମଣ କରିବେ ବୋଲି କହିଛନ୍ତି ।

ଅନ୍ୟପଟେ ଅଙ୍ଗଦାତାଙ୍କୁ ମୃତ୍ୟପରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ଶେଷକୃତ୍ୟ ସମ୍ପନ୍ନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ରାଜ୍ୟରେ କାର୍ଯ୍ୟକାରୀ ହୋଇଛି । ତେବେ ଅଙ୍ଗଦାତାଙ୍କ ପରିବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ସେ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି । ଏହି ଅବସରରେ ସନ୍ଦୀପ କୁମାର ମାଝୀ, ମୋନାଲି ମହାନ୍ତ, ଆଭାସ ପରିଡ଼ା, ଶୁଭଦୀପ ବେହେରା, ଶାହିଲ ସୋରେନ, ଜୟକୃଷ୍ଣ ରାଜ ଓ ଅନ୍ୟାନ୍ୟ ପ୍ରମୁଖ ସ୍ୱେଚ୍ଛାସେବୀ ତାଙ୍କ ସହିତ ସଚେତନତା କାର୍ଯ୍ୟରେ ସାମିଲ ଥିଲେ ।

# ନିର୍ବାଚନ ପରିଚାଳନା ପାଇଁ ତାଲିମ ନେବେ ୩୨୬ ଶିକ୍ଷକଶିକ୍ଷୟିତ୍ରୀ

**ବେତନଟୀ, ୧୪ ।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ପରିଚାଳନା ପାଇଁ ଆବଶ୍ୟକ ତାଲିମ୍ ପ୍ରଦାନ ନିମନ୍ତେ ବେତନଟୀ ବ୍ଲକର ୩୨୬ଜଣ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସାମିଲ କରାଯାଇଛି । ନିର୍ବାଚନ ସଂକ୍ରାନ୍ତୀୟ ତାଲିମ୍ ଗ୍ରହଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୨୬ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରାଯାଇଛି । ତାଲିମ୍ ନିମନ୍ତେ ବେତନଟୀ ଏମପିସି ହାଇସ୍କୁଲ ସମେତ ବାରିପଦାର ଏମକେସି, ଏମପିକେ ତଥା ଅନ୍ୟାନ୍ୟ ସ୍ଥାନରେ ବ୍ୟବସ୍ଥା କରାଯାଇଛି । ଏହି ତାଲିମ ଚଳିତ ମାର୍ଚ୍ଚ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ବେତନଟୀ ବ୍ଲକରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୬ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

ଏପଟେ ପିଲାମାନଙ୍କର ଠିକ୍ ପରୀକ୍ଷା ସମୟରେ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ୩୨୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ନିର୍ବାଚନ ତାଲିମ୍ ନେବେ । ତେଣୁ ଏଭଳିସ୍ଥିତିରେ ପାଖାପାଖି ୧୬ହଜାର ପିଲାଙ୍କୁ ନେଇ କିଭଳି ଶୃଙ୍ଖଳିତ ଭାବରେ ପରୀକ୍ଷା ପରିଚାଳନା କରାଯାଇପାରିବ ତାହା ସବୁଠାରୁ ବଡ ପ୍ରଶ୍ନ । ବେତନଟୀ ବ୍ଲକରେ ମୋଟ ୧୦୯ଟି ପ୍ରାଥମିକ ବିଦ୍ୟାଳୟ ଏବଂ ୬୭ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଏଥିରେ ୫୬୪ଜଣ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟରତ । ସେମାନଙ୍କ ମଧ୍ୟରୁ ୩୨୬ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ନିର୍ବାଚନ ପରିଚାଳନା ତାଲିମ୍ କାର୍ଯ୍ୟକ୍ରମକୁ ପଳାଇଲେ ଆଉ ୨୩୮ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ରହୁଛନ୍ତି । ୧୭୬ଟି ସ୍କୁଲରେ ୨୩୮ଜଣ ଶିକ୍ଷକ, ଶିକ୍ଷୟିତ୍ରୀ କିଭଳି ପାଖାପାଖି ୧୬ହଜାର ଛାତ୍ରଛାତ୍ରୀଙ୍କୁ ନେଇ ଶୃଙ୍ଖଳାର ସହିତ ପରୀକ୍ଷା ପରିଚାଳନା କରିବେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ତେବେ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଡେପୁଟେସନରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପଠାଇ ପରୀକ୍ଷା ପରିଚାଳନା କରାଯିବ ବୋଲି ଏବିଇଓ ରମାକାନ୍ତ ମହାନ୍ତ ସୂଚନା ଦେଇଛନ୍ତି ।

# ଆଜିଠାରୁ ମାଟ୍ରିକ୍ ଖାତାଦେଖା

**କଟକ, ୧୪ ।୩(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଖାତାଦେଖା ଆସନ୍ତାକାଲିଠାରୁ ଆରମ୍ଭ ହେବ। ନିର୍ଦ୍ଧାରିତ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ଖାତାଦେଖାରେ ନିୟୋଜିତ ହେବାକୁ ଥିବା ଶିକ୍ଷକମାନେ ଆଜି ପହଞ୍ଚିଥିବା ଜଣାପଡ଼ିଛି। ୧୨ଦିନ ଭିତରେ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହେବ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଗତ ୨୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ୩ ହଜାର ୪୭ ପରୀକ୍ଷା କେନ୍ଦ୍ରରେ ଚଳିତଥର ୫ ଲକ୍ଷ ୫୧ ହଜାର ୬୧୧ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ରଖିବାକୁ ୩୧୩ଟି ନୋଡାଲ ସେଣ୍ଟର ବ୍ୟବସ୍ଥା ହୋଇଥିଲା। ନୋଡାଲ କେନ୍ଦ୍ରଗୁଡ଼ିକରୁ ବୋର୍ଡ କାର୍ଯ୍ୟାଳୟକୁ ପରୀକ୍ଷା ଶେଷ ପରେ ଉତ୍ତରଖାତାଗୁଡ଼ିକ ଅଣାଯାଇ କଡ଼ା ସୁରକ୍ଷାବଳୟରେ ରଖାଯାଇଥିଲା। ଗତ ୧୩ ତାରିଖରେ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ଉତ୍ତରଖାତାଗୁଡ଼ିକ ପଠାଯାଇଛି। ରାଜ୍ୟରେ ମୋଟ୫୪ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି।


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-260 ♦BHUBANESWAR ♦FRIDAY ♦15 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୬୦ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୫ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







## ମହିଳାଙ୍କ ବିକାଶ ଲାଗି ବିଜେଡିର ପ୍ରତିବଦ୍ଧତା ଐତିହାସିକ ସତ୍ୟ

# ମହିଳା ସଶକ୍ତୀକରଣର ଅନନ୍ୟ ଆଲୋକବର୍ତ୍ତିକା 'ମିଶନ୍ ଶକ୍ତି'

**ଭୁବନେଶ୍ୱର,୧୪।୩(ସମିସ):** ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛନ୍ତି। ମହିଳାମାନେ ସଶକ୍ତ ହେଲେ ଦେଶ ସଶକ୍ତ ହେବ, ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ମିଶନ୍ ଶକ୍ତି ଆଜି ସମଗ୍ର ବିଶ୍ୱର ମହିଳାମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଛି। କୋଭିଡ୍ ମହାମାରୀ ପରିଚାଳନା ଠାରୁ ଆରମ୍ଭ କରି ସରକାରଙ୍କର ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପରେ ମହିଳାମାନେ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛନ୍ତି। ରୋଷେଇ ଘରେ ସୀମିତ ରହୁଥିବା ଓଡ଼ିଶାର ମା'ମାନେ ଆଜି ନିଜସ୍ୱ ପରିଚୟ ପାଇଛନ୍ତି ବୋଲି କହିଛି ବିଜେଡି।

ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସନ୍ତୃପ୍ତ ମିଶ୍ର କହିଛନ୍ତି, ମହିଳାଙ୍କ ପ୍ରତି ଆମର ପ୍ରତିବଦ୍ଧତା ଏକ ସ୍ଲୋଗାନ ନୁହେଁ ; ଏକ ଐତିହାସିକ ସତ୍ୟ। ମହିଳାମାନେ ସଶକ୍ତିକରଣର ବାର୍ତ୍ତାବହ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କାମରେ କରି ଦେଖାନ୍ତି। ମହିଳମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯାହା ସବୁ ପଦକ୍ଷେପ ନେଇଛନ୍ତି ତାହା ସମଗ୍ର ଦେଶରେ ବିରଳ। ମହିଳାମାନେ ମା' ଲକ୍ଷ୍ମୀ, ମା' ସରସ୍ୱତୀ ଓ ମା' ଦୁର୍ଗାଙ୍କ ପରି ସମୃଦ୍ଧି, ଜ୍ଞାନ ଓ ଶକ୍ତିର ପ୍ରତିନିଧି ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି। ସେଥିପାଇଁ



ବର୍ଷକୁ ବର୍ଷ ଏବଂ ନିର୍ବାଚନ ପରେ ନିର୍ବାଚନରେ ଏହି ଶକ୍ତି ବିଜେଡି ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ଏହି ସରକାର ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ବିଜେଡି ପକ୍ଷରୁ ଆମେ ଓଡ଼ିଶାର ମହିଳାମାନଙ୍କୁ ଦଳ ଓ ସରକାରଙ୍କ ପ୍ରତି ଏହି ବିଶ୍ୱାସ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଉଛୁ। ଓଡ଼ିଶାର ପ୍ରାୟ ୫୦ ପ୍ରତିଶତ ମହିଳାଙ୍କ ସଶକ୍ତୀକରଣ ଓ କଲ୍ୟାଣ ପାଇଁ ଦଳର ପ୍ରତିବଦ୍ଧତା ସାବ୍ୟସ୍ତ କରାଯାଉଛି। ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରେ ମହିଳାମାନଙ୍କୁ ପାରମ୍ପରିକ ଧାରଣାରୁ ମୁକ୍ତ କରିବା ଏବଂ ସେମାନଙ୍କ ଦକ୍ଷତା/ ପସନ୍ଦ ଇତ୍ୟାଦି ଆଧାରରେ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିବା ନିମନ୍ତେ ଆରମ୍ଭ ହୋଇଥିଲା ମିଶନ ଶକ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଗ୍ରାମ, ସହର, ଉପତ୍ୟକା, ପାହାଡ଼ ଏବଂ ରାଜ୍ୟର କୋଣ ଅନୁକୋଣରେ ଥିବା ୭୦ ଲକ୍ଷ ମହିଳା ଓ ସେମାନଙ୍କ ପରିବାର ଏହାଦ୍ୱାରା ଉପକୃତ ହୋଇଛନ୍ତି। ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ, ଋଣ ସୁବିଧା, ଦକ୍ଷତା ବୃଦ୍ଧି ଇତ୍ୟାଦି ପ୍ରଦାନ କରାଯାଇଛି ବୋଲି ଡ଼ ମିଶ୍ର କହିଛନ୍ତି।

- ■ ମହିଳା ସଶକ୍ତ ହେଲେ ଦେଶ ସଶକ୍ତ ହେବ
- ■ ମା' ଆଜି ଦୁର୍ବଳା ନୁହେଁ; ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ
- ■ କୋଣ ଅନୁକୋଣରେ ପ୍ରତିଷ୍ଠା ହେବ ମିଶନ୍ ଶକ୍ତି ବଜାର
- ■ ସରକାରଙ୍କ ଅଂଶୀଦାର ସାଜିଛି ମହିଳା ଏସ୍ଏଚ୍‌ଜି

କୋଭିଡ ମହାମାରୀ ସମୟରେ ମାସ୍କ ତିଆରି/ ସଙ୍କଟରୁ ବାହାରକୁ ଆସିବା/ ସାମୂହିକ ଭୋଜନ ପ୍ରସ୍ତୁତି ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରିଛି। ୨୧୫ ମିଶନ୍ ଶକ୍ତି କାଫେ ଏହି ଅଭିଯାନକୁ ଏକ ନୂତନ ପରିଚୟ ଦେଇଛି। ଏସ୍ଏଚଜି- ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମରେ ସହଜରେ ଋଣ ଉପଲବ୍ଧ କରାଇବା ପାଇଁ ୨୦୨୩-୨୪ରେ ୧୫୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଗତ ୫ ବର୍ଷରେ ୪୦, ୦୦୦ କୋଟି ଟଙ୍କା ଉଦ୍ୟୋଗ ଓ ଜୀବିକାକୁ ପ୍ରୋତ୍ସାହିତ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହାକୁ ୭୫, ୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ପ୍ରାୟ ଶୂନ ହୋଇଥିବାରୁ ସରକାର ସମ୍ପୂର୍ଣ୍ଣ ସୁଧ ରିହାତି ଦେଇଛନ୍ତି। ୨୦୨୩ ଏପ୍ରିଲ ପହିଲାରୁ ଏହା ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ପାଇଛି। ଗତ ୪ ବର୍ଷରେ ରାଜ୍ୟ ସରକାର ୯୨୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। କେବଳ ଚଳିତ ବର୍ଷ ଏହା ୨୯୨ କୋଟି ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ଏହା ୧୦୦୦ କୋଟି ଛୁଇଁବାର ସମ୍ଭାବନା ରହିଛି। କୃଷି ବିଭାଗ ସହଯୋଗରେ ମିଶନ ▶ପୃଷ୍ଠା-୧୦

# ୧୮ ଓଟିଟି ପ୍ଲାଟଫର୍ମ ନିଷିଦ୍ଧ

**ନୂଆଦିଲ୍ଲୀ, ୧୪ ।୩(ଏଜେନ୍ସି):** ବହୁ ଚେତାବନୀ ସତ୍ତ୍ୱେ ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ଅଶ୍ଳୀଳ ଓ ଯୌନୋଦ୍ଦୀପକ ବିଷୟବସ୍ତୁ (କଣ୍ଟେଣ୍ଟ) ପ୍ରସାରଣ କରିଚାଲିଥିବାରୁ କେନ୍ଦ୍ର ସରକାର ୧୮ ଟି ଓଟିଟି ପ୍ଲାଟଫର୍ମକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏହାସହିତ ଏହି ୧୮ ପ୍ଲାଟଫର୍ମଗୁଡିକର ୫୭ଟି ହ୍ୟାଣ୍ଡଲ ସମେତ ୧୯ଟି ୱେବସାଇଟ୍ ଓ ୧୦ଟି ଆପ୍ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି। 'ଓଭର ଦି ଟପ୍' ବା ଓଟିଟି ପ୍ଲାଟଫର୍ମ ହେଉଛି ସେହି ପ୍ଲାଟଫର୍ମ ଯାହା ଅନ୍ୟ ବିଭିନ୍ନ ପ୍ଲାଟଫର୍ମ ଜରିଆରେ ଫୋନରେ ଫିଲ୍ମ, ଭିଡିଓ ବା ଶୋ' ପ୍ରସାରଣ କରିଥାଆନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର କହିଛନ୍ତି, ନିଷିଦ୍ଧ ହୋଇଥିବା ଗୋଟିଏ ଓଟିଟି ପ୍ଲାଟଫର୍ମ ଆପର ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ ସଂଖ୍ୟା ୧କୋଟିରୁ ଅଧିକ ଥିଲା ବେଳେ ଅନ୍ୟ ଦୁଇ ପ୍ଲାଟଫର୍ମ ଆପର ଡାଉନଲୋଡ ସଂଖ୍ୟା ୫୦ଲକ୍ଷରୁ ଅଧିକ ରହିଥିଲା। ବ୍ଲକ୍ ହୋଇଥିବା ୧୮ ଟି ଓଟିଟି ପ୍ଲାଟଫର୍ମର ମୋଟ ୟୁଜର ସଂଖ୍ୟା ୩୨ ଲକ୍ଷରୁ ଅଧିକ ଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ଆଇଟି ଆକ୍ଟ, ଆଇପିସି ଓ ରିପ୍ରେଜେଣ୍ଟେସନ୍ ଅଫ୍ ୱିମେନ୍(ପ୍ରୋହିବିସନ) ଆଇନକୁ ଜାଣିଶୁଣି ଅବଜ୍ଞା କରୁଥିଲେ। ବ୍ଲକ୍ ହୋଇଥିବା ଓଟିଟି ପ୍ଲାଟଫର୍ମଗୁଡ଼ିକ ହେଲା ଡ୍ରିମସ ଫିଲ୍ମସ, ଭୁଭି, ୟେସମା, ଅନକଟ୍ ଆଡ୍ଡା, ତ୍ରି ଫ୍ଲିକ୍ସ, ଏକ୍ସ ପ୍ରାଇମ୍ ନିଅନ୍ ଏକ୍ସ ଭିଆଇପି, ବେସରମସ, ହଣ୍ଟର୍ସ, ର୍ୟାବିଟ୍ ଏକ୍ସଟ୍ରାମୁଡ୍, ନୁଇଫ୍ଲିକ୍ସ, ମୁଡଏକ୍ସ, ମୋଜଫ୍ଲିକ୍ସ, ହଟ୍ ସଟସ୍ ଭିଆଇପି, ଫୁଗି, ଚିକୁଫ୍ଲିକ୍ସ ଓ ପ୍ରାଇମପ୍ଲେ।

# ସାଧନକର୍ମୀଙ୍କ ପାରିଶ୍ରମିକ ବୃଦ୍ଧି

- ■ ସାରା ରାଜ୍ୟରୁ ଉପକୃତ ହେବେ ୧୦ ହଜାର କର୍ମୀ
- ■ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ ଅତିରିକ୍ତ ୨.୮୮ କୋଟି
- ■ '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ

**ଭୁବନେଶ୍ୱର,୧୪।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ସମସ୍ତ ଗ୍ରାମ୍ୟ ସାଧନ କର୍ମୀ (ଭିଲେଜ୍ ରିସୋର୍ସ ପର୍ସନ୍) ମାନଙ୍କ ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁସାରେ ସେମାନଙ୍କ ଦୈନିକ କାର୍ଯ୍ୟ ଦିବସର ପାରିଶ୍ରମିକ ୩୦୦ ଟଙ୍କାରୁ ୪୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହିତ ଯାତାୟତ ବାବଦ ଖର୍ଚ୍ଚ ବାବଦରେ ମଧ୍ୟ ଅତିରିକ୍ତ ୧୦୦ ଟଙ୍କା ପାଇବେ। ଏହି କ୍ରମରେ ସେମାନେ ସମୁଦାୟ ୫୦୦ ଟଙ୍କା ପାଇବେ। ଏହା ଦ୍ୱାରା ରାଜ୍ୟର ୧୦ ହଜାର ଗ୍ରାମ୍ୟ ସାଧନ କର୍ମୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୨.୮୮ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବେ। '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଜିଲ୍ଲା ଗସ୍ତ ସମୟରେ ସାଧନ କର୍ମୀମାନଙ୍କ ପକ୍ଷରୁ ପାରିଶ୍ରମିକ ବୃଦ୍ଧି ନେଇ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ 'ଓଡ଼ିଶା ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି'ରେ କାମ କରୁଥିବା ଏହି ସାଧନ କର୍ମୀମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଯଥା, ମନରେଗା, ପକ୍କା ଘର, ଖାଦ୍ୟ ସୁରକ୍ଷା, ମଧ୍ୟାହ୍ନ ଭୋଜନ ଭଳି ଅନେକ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା କରି ସ୍ୱଚ୍ଛତା ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଥିରେ ମିଶନ୍ ଶକ୍ତି ମା'ମାନେ ବହୁ ସଂଖ୍ୟାରେ ନିୟୋଜିତ ହୋଇଛନ୍ତି।

# ଲାଞ୍ଚୁଆ ଆର୍ଆଇଙ୍କୁ ୪ବର୍ଷ ଜେଲ୍

**ଭୁବନେଶ୍ୱର, ୧୪ ।୩ (ସମିସ):** ଏକ ଲାଞ୍ଚ ମାମଲାର ବିଚାର କରି ବଲାଙ୍ଗୀର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଦେଓଗାଁ ତହସିଲ ମହଲେଇ ରାଜସ୍ୱ ସର୍କଲର ପୂର୍ବତନ ଆର୍ଆଇ ସତ୍ୟନାରାୟଣ କୁମାରଙ୍କୁ ୪ ବର୍ଷ ଜେଲ୍ ଓ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସତ୍ୟନାରାୟଣ କୁମାର ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲା ଖପରାଖୋଲ ତେଲେନ୍‌ପାଲିରେ ଆରଆଇ ଭାବେ କାର୍ଯ୍ୟ କରୁଛନ୍ତି। କୋର୍ଟଙ୍କ ଏହି ▶ପୃଷ୍ଠା-୧୦

# ପାକ୍ସ ଏବଂ ଲ୍ୟାମ୍ପସ୍ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୬% ବୃଦ୍ଧି

**ଭୁବନେଶ୍ୱର, ୧୪ ।୩(ସମିସ):** ରାଜ୍ୟ ସମବାୟ ବିଭାଗ ଅଧିନସ୍ଥ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପସ୍)ରେ କାର୍ଯ୍ୟରତ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ଖବର ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି କର୍ମଚାରୀ ମାନଙ୍କର ମହଙ୍ଗାଭତ୍ତାରେ ୬୬ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନେ ୧୬୪ ପ୍ରତିଶତ ହାରରେ ଡିଏ ପାଉଥିଲେ, ଏବେ ବର୍ଦ୍ଧିତ ଡ଼ିଏ ସହ ମୋଟ ଡ଼ିଏ ୨୩୦%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ଆସନ୍ତା ଅପ୍ରେଲ ପହିଲାରୁ ଲାଗୁ କରାଯିବ। ଏହାଦ୍ୱାରା ୨୭୧୧ ସମିତିର କର୍ମଚାରୀ ଉପକୃତ ହେବେ। ଏ ନେଇ ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଗତକାଲି ପାକ୍ସ ଏବଂ ଲ୍ୟାମ୍ପସ୍ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ସେମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସେଥିରେ ମହଙ୍ଗାଭତ୍ତା ବୃଦ୍ଧି କରାଯିବା ଏକ ପ୍ରମୁଖ ଦାବି ଥିଲା। ଏହି ଦାବି ପୂରଣ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ମନ୍ତ୍ରୀ ଶ୍ରୀ ନାୟକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

# ଘରେ ପଶି ଶିକ୍ଷକଙ୍କୁ ବୋମାମାଡ଼

**ବ୍ରହ୍ମପୁର,୧୪ ।୩(ସମିସ):** ସ୍ଥାନୀୟ ଫାଷ୍ଟଗେଟ୍ ରଘୁପତିନଗର ଦ୍ୱିତୀୟ ଲେନ୍‌ରେ ରହୁଥିବା ଜଣେ ଶିକ୍ଷକଙ୍କ ଉପରକୁ ବୋମାମାଡ଼ ହୋଇଛି। ଏଥିରେ ଶିକ୍ଷକ ଟୁକୁନା ଭୂୟାଁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ନେଇ ସନ୍ଦେହ କରାଯାଉଛି। ଅପରପକ୍ଷେ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ମେଡ଼ିକାଲରେ ପହଞ୍ଚି ଗୁରୁତର ଟୁକୁନାଙ୍କଠାରୁ ଘଟଣା ସମ୍ପର୍କରେ ପଚରାଉଚରା କରିଛନ୍ତି। ସେହିପରି ଟାଉନ୍ ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପ ଓ ବଡ଼ ବଜାର ଥାନା ପୁଲିସ କର୍ମଚାରୀମାନେ ମେଡ଼ିକାଲରେ ପହଞ୍ଚି ଗୁରୁତର ଟୁକୁନାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଛନ୍ତି। ପୁଲିସ ଘଟଣାସ୍ଥଳ ଓ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଦିଗପହଣ୍ଡି ଅଞ୍ଚଳରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଶ୍ରୀ ଭୂୟାଁ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ରଘୁପତିନଗର ୨ୟ ଲେନ୍‌ସ୍ଥିତ ନିଜ ଘର ଭିତରେ ବସିଥିଲେ। ସେତେବେଳେ ଘରେ ଅନ୍ୟ କୌଣସି ପରିବାର ସଦସ୍ୟ ଉପସ୍ଥିତ ନଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ଶିକ୍ଷକଙ୍କ ଘର ଭିତରକୁ ଯାଇଥିଲେ।



ସେଠାରେ ଦୁଇ ପକ୍ଷ ମଧ୍ୟରେ କିଛି ସମୟ ପାଟିତୁଣ୍ଡ ହେବା ପରେ ଦୁର୍ବୃତ୍ତମାନେ ଶିକ୍ଷକଙ୍କୁ ଲକ୍ଷ୍ୟ କରି ତାଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ବୋମାମାଡ଼ରେ ଶ୍ରୀ ଭୂୟାଁଙ୍କ ଛାତି ଓ ମୁହଁ ସମେତ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ଶ୍ରୀ ଭୂୟାଁଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ଖବର ପାଇ ଟୁକୁନାଙ୍କ ପତ୍ନୀ ରଘୁପତିନଗର ଘରେ ପହଞ୍ଚିଛନ୍ତି। ବଡ଼ବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ

## ମେଡିକାଲରେ ଶିକ୍ଷକଙ୍କ ବୟାନ ନେଲେ ଏସ୍‌ପି

ଲୋକଙ୍କୁ ପଚରାଉଚରା କରିବା ସହ ତାଙ୍କ ପତ୍ନୀଙ୍କ ବୟାନ ରେକର୍ଡ କରିଛି। ତେବେ କେଉଁ ଶତ୍ରୁତାରୁ ଶିକ୍ଷକଙ୍କ ଉପରେ ବୋମାମାଡ଼ ହେଲା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏସଆଇ ରଞ୍ଜିତ କୁମାର ଦାଶଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ପହଞ୍ଚି ତନାଘନା ଚଲାଇଛନ୍ତି।


DSPL-851



## ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

### ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

# ବିନା ସୂଚନାଫଳକରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ ନିର୍ମାଣ

**ଠାକୁରମୁଣ୍ଡା, ୧୪।୩(ସମିସ):** ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟରେ ନୂତନ ଭାବେ ନିର୍ମାଣ ହେଉଥିବା କୋଠା ବିନା ସୂଚନା ଫଳରେ ଚାଲିଛି। ତେବେ ଏହି ନିର୍ମାଣ ଠିକାଦାର ଜଣକ ନିମ୍ନମାନର କରୁଥିବା ନେଇ ଅଭିଯୋଗ ହେଉଛି। ଅପରପକ୍ଷରେ ଏହି ପ୍ରାଣୀ ଚିକିତ୍ସାଳୟରେ ନିର୍ମାଣ ହେଉଥିବା ଘର ସମ୍ପର୍କରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଗୃହ ନିର୍ମାଣରେ କେତେ ଟଙ୍କା ବିନିଯୋଗ କରାଯାଉଛି, କେବେ ଆରମ୍ଭ ହୋଇ ଶେଷ ହେବ ଏବଂ କାର୍ଯ୍ୟାଦେଶ କାହା ନାମରେ ରହିଛି ସେ ନେଇ କୌଣସି ସୂଚନା ଦିଆଯାଇନାହିଁ। ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଠକେଇକତା କରାଯାଇଥିବା ଅଭିଯୋଗ ହେଉଛି। କେବଳ ଠାକୁରମୁଣ୍ଡା ଭେଟନାରୀ ଡିସପେନସରୀ ଏଚସିଏସଏଲ ଏଲଟିଡି ନାମକ ଭୁବନେଶ୍ୱର, କେନ୍ଦ୍ର ସରକାର ବୋଲି ଏକ ସାଇନବୋର୍ଡ ଲଗାଯାଇ କାର୍ଯ୍ୟ ଚାଲିଛି; କିନ୍ତୁ କୌଣସି ସୂଚନା ଫଳକ ଲଗାଯାଇନାହିଁ। ନିର୍ମାଣସ୍ଥଳରେ କୌଣସି ଯନ୍ତ୍ରୀ ଉପସ୍ଥିତ ଥିବା ଦେଖିବାକୁ ମିଳୁନାହିଁ। ଏ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଘଟଣାର ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



# ମେମୁ ଟ୍ରେନ୍ ଧକ୍କାରେ ଆଇଟିଆଇ ଛାତ୍ର ମୃତ

**ବାଙ୍ଗିରିପୋଷି, ୧୪।୩ (ସମିସ):** ବାଙ୍ଗିରିପୋଷି-ରୁଷ୍ଣା ମେମୁ ଟ୍ରେନ ଧକ୍କାରେ ଜଣେ ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଝାରପୋଖରିଆ ଥାନା ଅନ୍ତର୍ଗତ ବାଉଁସଦା ଗ୍ରାମର ବାପୁନ ମହାନ୍ତ। ସେ ବାଙ୍ଗିରିପୋଷି ସ୍ଥିତ ଜ୍ୟୋତି ଆଇଟିଆଇର ପ୍ରଥମ ବର୍ଷର ଛାତ୍ର ଥିଲେ। ସନ୍ଧ୍ୟାରେ ବାଙ୍ଗିରିପୋଷିରୁ ରୁଷ୍ଣା ଫେରୁଥିବା ମେମୁ ଟ୍ରେନ ବାଙ୍ଗିରିପୋଷି ପେଟ୍ରୋଲ ପମ୍ପ ନିକଟସ୍ଥ ଲେଭଲ କ୍ରସିଂ ପାର ହେବା ସମୟରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ନିଶା ମାଫିଆଙ୍କ ନଜରରେ ଶିମିଳିପାଳ ଅଭୟାରଣ୍ୟ

# କୋର୍ ଏରିଆରେ ଚାଲିଛି ବ୍ୟାପକ ଅଫିମ ଚାଷ

**ଯଶିପୁର, ୧୪।୩(ସମିସ)**



ପ୍ରକୃତି ସୁନ୍ଦରୀ ଶିମିଳିପାଳ ଉପରେ ନଜର ପକାଉଛନ୍ତି ନିଶା ମାଫିଆ। ଜୈବ ବିବିଧତାରେ ସମୃଦ୍ଧ ଅଭୟାରଣ୍ୟର ନିଷିଦ୍ଧଅଞ୍ଚଳରେ ଏବେ ହେଉଛି ବ୍ୟାପକ ଅଫିମ ଚାଷ। କୋର ଏରିଆରେ ପ୍ରବେଶ କଟକଣା ନିଶା ମାଫିଆଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିବାବେଳେ ଶିମିଳିପାଳ ଧୀରେ ଧୀରେ ନିଶାର ପେଣ୍ଠସ୍ଥଳ ପାଲଟିବାରେ ଲାଗିଛି। ଶିକାରୀଙ୍କ ଦୌରାତ୍ମ୍ୟ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ଶିମିଳିପାଳରେ ଏବେ ନୂଆ ସମସ୍ୟା ଭାବେ ଉଭା ହୋଇଛି ଅଫିମ ଚାଷ। ଅଭୟାରଣ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଝାଡ଼ଖଣ୍ଡର କେତେଜଣ ମୁଷ୍ଟିମେୟ ନିଶା ବ୍ୟବସାୟୀ ସ୍ଥାନୀୟ ଲୋକଙ୍କ ସରଳତାର ସୁଯୋଗ ନେଇ ଅଫିମ ଚାଷ କରୁଛନ୍ତି। ଏଠାକାର ଜଳବାୟୁ ଅଫିମ ଚାଷ ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଥିବା ବେଳେ ଦିନ କେଇଟାରେ କୋଟି କୋଟି ଟଙ୍କାର ନିଶା ଉତ୍ପାଦନ କରିବାକୁ ଯୋଜନା କରିଛନ୍ତି ମାଫିଆ। ଗତ କିଛିଦିନ ଧରି ଶିମିଳିପାଳରେ ଶିକାରୀଙ୍କ ଦୌରାତ୍ମ୍ୟ ଲାଗିରହିଥିଲା। ଶିକାରୀଙ୍କ କବଳରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବାକୁ ବନ କର୍ମଚାରୀ ନାକେଦମ ହୋଇପଡ଼ିଥିଲେ। ଏବେ ସେହି ସମସ୍ୟା ନାହିଁ। ପୁଣି ଏକ ନୂତନ ସମସ୍ୟା ଉଭା ହୋଇଛି। ଶିମିଳିପାଳର ଆଭ୍ୟନ୍ତରୀଣ ଅଞ୍ଚଳ (କୋରଏରିଆ)ରେ ନିଶା ବେପାରୀଙ୍କ ନଜର ପଡ଼ିଛି। ଝାଡ଼ଖଣ୍ଡ ଅଞ୍ଚଳର କିଛି ଲୋକ ୪ ବର୍ଷ ହେବ ଅଫିମ ଚାଷ କରିଆସୁଛନ୍ତି; ହେଲେ ବନ କର୍ମଚାରୀ ଏହାର ସୁରାକ ପାଇ ନ ଥିଲେ; ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିମିଳିପାଳର ସ୍ଥାନୀୟ ଅଧିବାସୀଙ୍କ କହିବାନୁଯାୟୀ, ଅଭୟାରଣ୍ୟର ପାଦଦେଶରେ ନୁହେଁ, କୋର ଏରିଆ ଏବଂ ବଫର ଏରିଆରେ ଅଫିମ ଚାଷ ହେଉଛି। ନଦୀ ନାଳ ପାଖରେ ପାଣି ସୁବିଧା ଦେଖି ବହୁ ଦିନରୁ ହଜାର ହଜାର ହେକ୍ଟର ଜମିରେ ଅଫିମ ଚାଷ ଚାଲିଛି। ସ୍ଥାନୀୟ ଅଧିବାସୀଙ୍କୁ ଟଙ୍କା ଲୋଭ ଦେଖାଇ ସେମାନଙ୍କ ମୁହଁ ବନ୍ଦ କରିଦିଆଯାଉଛି। ଔଷଧୀୟ ଲତା ବୋଲି ମିଛ କହି ଲୋକଙ୍କୁ ଠକି ଚାଲିଥିଲେ କିଛି ଝାଡ଼ଖଣ୍ଡୀ ମାଫିଆ। ନିକଟରେ ପୁଲିସ, ବନ ବିଭାଗ ଓ ଅବକାରୀ ବିଭାଗର ମିଳିତ ଚଢ଼ଉରେ ଲକ୍ଷ ଲକ୍ଷ ଅଫିମ ଗଛକୁ କାଟି ଜାଳି ଦିଆଯାଇଛି। ଯାହାର ବଜାର ମୂଲ୍ୟ ୨୦ କୋଟିରୁ ଅଧିକ ହେବ। ଏବେ ମଧ୍ୟ କୋର ଏରିଆରେ ଆହୁରି ଅଫିମ ଗଛ ରହିଛି। ବନ ବିଭାଗର ପାଟ୍ରୋଲିଂ ଚାଲିଛି ; ହେଲେ ହଜାର ହଜାର ହେକ୍ଟର ଜମିରେ ଅଫିମ ଚାଷ କିପରି ହେଲା ଦେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଫିମ ଚାଷ ଯୋଗୁଁ ପରିବେଶ ପ୍ରତି ମଧ୍ୟ ବିପଦ ରହିଛି।

କିଛି ସ୍ଥାନୀୟ ଲୋକ କହୁଛନ୍ତି ସେହି ଗଛର ଫୁଲ ଓ ଫଳର ରସ ଖାଇ ଶୁଆ, ଶାରୀ ସମେତ ବହୁତ କିସମର ଚଢେଇ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ କାହା ସାହସରେ ମାଫିଆମାନେ ନିର୍ଭୟରେ ଚାଷ କରୁଥିଲେ ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କୁ ଖୋଜିବା ଜରୁରୀ। ଯେଉଁ ଜମିରେ ଚାଷ ହେଉଥିଲା, ସେହି ଜମି କାହାର ଆଦି ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଜଣାପଡ଼ିବ।

# 'ମୋ ସ୍କୁଲ୍ ଅଭିଯାନ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବଡ଼ସାହି, ୧୪।୩(ସମିସ):** ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ରଣଜିତ୍ କୁମାର ଦାସ୍ ମୋ ସ୍କୁଲ୍ ଅଭିଯାନ ଯୋଜନାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ନେଇ ଆଲୋଚନା କରିଥିଲେ। ଏ ନେଇ ଶ୍ରୀ ଷଡଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଲୁମିନି କମିଟିର ସମ୍ପାଦକ ସୁଦର୍ଶନ ପଣ୍ଡା ବିଦ୍ୟାଳୟର ସାମଗ୍ରିକ ଉନ୍ନତି ଉଦ୍ଦେଶ୍ୟରେ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇ ସକ୍ରିୟ ଭାବେ ଅଂଶଗ୍ରହଣ ନିମନ୍ତେ ଆଗକୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବରୁ ମନୋନୀତ ହୋଇଥିବା ୩୦ଜଣ ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଲୁମିନି କମିଟିର ସଦସ୍ୟସମୂହ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ନିଶିକାନ୍ତ ଦଣ୍ଡପାଟ, ମନୋରଞ୍ଜନ ବେହେରା, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଦୀପ ବେହେରା, ସରୋଜ କୁମାର ବେହେରା, ତ୍ରିଲୋଚନ ବେହେରା, ପ୍ରଶାନ୍ତ କୁମାର ବେହେରା, ଅଜୟ ବେହେରା, ହରିଶ୍ଚନ୍ଦ୍ର ନାୟକ, ସୁବାସିନୀ ପତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସମ୍ପର୍କିତ ସ୍ମୃତି ବର୍ଣ୍ଣନା କରିଥିଲେ। ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଓକିଲ ସଂଘ ନିର୍ବାଚନ ପାଇଁ ସମସ୍ତ ପ୍ରାର୍ଥିପତ୍ର କାଏମ

**କରଞ୍ଜିଆ, ୧୪।୩(ସମିସ):** କରଞ୍ଜିଆ ଓକିଲ ସଙ୍ଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସଂଘ ପକ୍ଷରୁ ସମସ୍ତ ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନ ଦାଖଲ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ଆଜି ଯାଞ୍ଚ ସରିବା ପରେ ସମସ୍ତ ପଦ ନିମନ୍ତେ ଦାଖଲ କରିଥିବା ମୋଟ ୨୦ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଥିବା ଜଣାପଡ଼ିଛି। ସଭାପତି ନିମନ୍ତେ ଦୁଇଜଣ ପ୍ରାଥୀ ବାଞ୍ଛାନିଧି ପୃଷ୍ଟି ଓ ମଦନ କୁମାର ମହାନ୍ତ, ଉପସଭାପତି ପଦ ପାଇଁ ପଙ୍କଜ ବାସିନୀ ମହାନ୍ତି ଓ ଗୌରାଙ୍ଗ ଚନ୍ଦ୍ର ବାରିକ। ସେହିପରି ସାଧାରଣ ସମ୍ପାଦକ ନିମନ୍ତେ ଦିବ୍ୟପ୍ରାସାଦ ସାହୁ ଓ ରବୀନ୍ଦ୍ର ମହାନ୍ତ; ଯୁଗ୍ମ ସମ୍ପାଦକ ପାଇଁ ସରୋଜ କୁମାର ରାଉଳ ଓ ସପନ କୁମାର ଶତପଥୀ; କୋଷାଧ୍ୟକ୍ଷ ପଦ ପାଇଁ ବାବୁରାମ ବେସରା ଓ ସୁବ୍ରତ କୁମାର ମହାନ୍ତି ଏବଂ କାର୍ଯ୍ୟକାରୀ କମିଟି ପାଇଁ ପିପୁନ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ମହାନ୍ତି, ଖଗେଶ ଚନ୍ଦ୍ର ମହନ୍ତ, ଜିତେନ୍ଦ୍ର କୁମାର ବାରିକ୍, ଏମ.ଡି ଫିରଜ, ଦୀପକ କୁମାର ପାତ୍ର ଓ ସପନ କୁମାର ଶତପଥୀ ଓ ମହିଳା ସଭ୍ୟା ନିମନ୍ତେ ସୁବର୍ଣ୍ଣ ଧୁଙ୍ଗିଆ ଓ ସରସ୍ୱତୀ ପାତ୍ର ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ ସମସ୍ତ ପ୍ରାର୍ଥିପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜିବୀ କାହ୍ନୁଚରଣ ଗିରି ସୂଚନା ଦେଇଛନ୍ତି। ପ୍ରାର୍ଥ ପତ୍ର ପ୍ରତ୍ୟାହାର ୧୬ ତାରିଖ ରଖାଯାଇଥିବାବେଳେ ୧୮ ତାରିଖରେ ପୂର୍ଣ୍ଣାଙ୍ଗ ତାଲିକା ପ୍ରକାଶ ପାଇବ।

# ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ୧୪।୩(ସମିସ):** ବାରିପଦା କଲେଜ ପଡ଼ିଆରେ ୮ମ ବାର୍ଷିକ ସିପିଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଜଗନ୍ନାଥ ୱାରିୟର୍ସ ମା' ହିଙ୍ଗୁଳା ଫାଇଟର୍ସକୁ ୪ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ମା' ହିଙ୍ଗୁଳା ଫାଇଟର୍ସ ୧୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଥୁ ନାଏକ ୪୧, ଶୁଭ ପ୍ରସାଦ ୩୩ ଓ ଶୁଭେନ୍ଦୁ ଦାସ ୨୭ ରନ କରିଥିବା ବେଳେ ବିପକ୍ଷ ଦଳର ସୁବିତ ସେଠୀ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜଗନ୍ନାଥ ୱାରିୟର୍ସ ୯.୪ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ସୁଧାକର ନାଏକ ୩୫ ଓ ଶିବପ୍ରକାଶ ପାତ୍ର ଏବଂ ପ୍ରୀତିଦେବ ଜେନା ୨୮ ରନ ଲେଖାଏଁ ସଂଗ୍ରହ କରିଥିଲେ। କେ. ଇନ୍ଦ୍ରଜିତ ପ୍ରସାଦ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଇ. ବିପ୍ଳବ ଭୁଗୁଡେଇ ଓ ସିନେ ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ, ପୂର୍ବତନ କାଉନସିଲର ଦେବାଶିଷ ଦାସ, ସମାଜସେବୀ ଦୀପା ରାଉତରାୟ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୨୪ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ଜିତ ପଟ୍ଟନାୟକ ଜଣାଇଛନ୍ତି।

# ବିଲୁପ୍ତପ୍ରାୟ ଶାଳିଆପତନି ଉଦ୍ଧାର

**ମୋରଡା, ୧୪।୩(ସମିସ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ କୋହି ଛକ ହାଟ ପଡ଼ିଆରୁ ଏକ ବିଲୁପ୍ତପ୍ରାୟ ଶାଳିଆ ପତନିକୁ ଉଦ୍ଧାର କରିଛି ବନବିଭାଗ। ସୂଚନା ଅନୁଯାୟୀ, ଜଣେ ଖବରଦାତା ଗାଡ଼ିରେ ଯାଉଥିବା ସମୟରେ ଉକ୍ତ ଶାଳିଆ ପତନିକୁ କୁକୁରମାନେ ଆକ୍ରମଣ କରୁଥିବା ଦେଖିଥିଲେ। ପରେ ସେମାନଙ୍କୁ ଘଉଡାଇ ଶାଳିଆ ପତନିକୁ ଉଦ୍ଧାର କରିଥିଲେ। ପରେ ଫରେଷ୍ଟ ଗାର୍ଡ ଜ୍ୟୋତ୍ସ୍ନାରାଣୀ ବେହେରା ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଶାଳିଆ ପତନିକୁ ଉଦ୍ଧାର କରିଥିଲେ। କୁକୁର ଆକ୍ରମଣରେ ଆହତ ହୋଇଥିବାରୁ ବର୍ତ୍ତମାନ ଚିକିତ୍ସା ଚାଲିଛି। ସୁସ୍ଥ ହେବା ପରେ ସଂରକ୍ଷିତ ଜଙ୍ଗଲରେ ଛଡାଯିବ।



# ସଂଜ୍ଞାହୀନ ମହିଳା ଓ ଶିଶୁକୁ ଉଦ୍ଧାର କଲେ ଥାନାଧିକାରିଣୀ

**ମହୁଲଡିହା, ୧୪।୩(ସମିସ):** ଠାକୁରମୁଣ୍ଡା ବଜାରର ହନୁମାନ ମୂର୍ତ୍ତି ନିକଟରେ ୧୩ ତାରିଖରେ ଜଣେ ମହିଳା ସଂଜ୍ଞାହୀନ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିଲେ। ମହିଳାଙ୍କ ନିକଟରେ ଏକ ବର୍ଷର ଶିଶୁ ବସି କାନ୍ଦୁଥିବା ଦେଖି ଥାନାଧିକାରିଣୀ ସାବିତ୍ରୀ ଦଳେଇ ନିଜେ ଉଦ୍ଧାର କରି ପାଣି ଏବଂ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ମହିଳାଙ୍କ ଚେତା ଫେରି ପାଇବାରୁ ପରିବାର ବିଷୟରେ ପଚାରି ବୁଝିଥିଲେ। କିଛି ସମୟ ଆଶ୍ୱସ୍ତି ପରେ ସେ ଭାଲିଆଡାଳ ପଞ୍ଚାୟତ ଅଧୀନ ସିଙ୍ଗାସାହିର ଗାର୍ଦ୍ଦି ଜାମୁଦାଙ୍କ ସ୍ତ୍ରୀ ଜେମା ଜାମୁଦା ବୋଲି କହିଥିଲେ। ଛୁଆକୁ ଥଣ୍ଡା ସ୍ୱର ହୋଇଥିବାରୁ ଚିକିତ୍ସା ନିମନ୍ତେ ଠାକୁରମୁଣ୍ଡା ମେଡିକାଲକୁ ଆଣିଥିବା କହିଥିଲେ। ପରେ ଏ ନେଇ ଥାନାଧିକାରିଣୀ ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସୟଙ୍କ ସହିତ ଯୋଗାଯୋଗ କରିବା ପରେ ପରିବାର ଲୋକ ଠାକୁରମୁଣ୍ଡାରେ ଆସି ପହଞ୍ଚିଥିଲେ।

# 'ଆବାସ' ଅର୍ଥ ଆତ୍ମସାତ୍ ଅଭିଯୋଗ; ହିତାଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ


**ରାଇରଙ୍ଗପୁର, ୧୪।୩ (ସମିସ):** କୁସୁମୀ ବ୍ଲକ ଟେଣ୍ଟପୋଷି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗାଁର ଗରିବ ହିତାଧିକାରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ବି ଗୃହ ନିର୍ମାଣରୁ ବଞ୍ଚିତ ହୋଇଛନ୍ତି। ସରକାରୀ କର୍ମଚାରୀମାନେ ଠକେଇକତା କରି ଆବାସ ଯୋଜନାରେ ଆସିଥିବା ହିତାଧିକାରୀଙ୍କ ଟଙ୍କା ଅନ୍ୟ ବ୍ୟକ୍ତିଙ୍କ ନାମରେ ଉଠାଣ କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, କୁସୁମୀ ବ୍ଲକ ଉପରବେଡା ପଞ୍ଚାୟତ ଟେଣ୍ଟପୋଷି ଗାଁ ବାସିନ୍ଦା ଏସ.କେ ରବାନୀଙ୍କ ସ୍ତ୍ରୀ ପରୱାନା ବିବି ଏବଂ ତାଙ୍କ ଆଧାର ସଂଖ୍ୟା ୮୨୮୧୫୪୪୯୦୮୬୧ ଓ ଜବକାର୍ଡ ସଂଖ୍ୟା ୧୧୨୨୩୫ ରହିଛି। ପରୱାନ ବିବିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆର୍ଥିକ ବର୍ଷ ୨୦୨୨-୨୩ରେ ଗୃହ ନିର୍ମାଣ ପାଇଁ ସ୍ୱୀକୃତି ମିଳିଥିଲା। ସେ କାର୍ଯ୍ୟାଦେଶ ପାଇବା ପରେ ବ୍ଲକ କର୍ତ୍ତୃପକ୍ଷ ଅର୍ଡର ସିଟ ଅନୁସାରେ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା। ହେଲେ ପ୍ରଥମ କିସ୍ତି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିବା ସେ ଅଭିଯୋଗ କରିଛନ୍ତି। ଏହା ପରେ ୨୮.୧୨.୨୦୨୩ ତାରିଖରେ ଅର୍ଡର ସିଟ ସଂଖ୍ୟା ଅନୁସାରେ ଦ୍ୱିତୀୟ କିସ୍ତି ଟଙ୍କା ୬୫ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିଲା। ତାହା ମଧ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିନଥିଲା। ଏପରିଭାବେ ହିତାଧିକାରୀଙ୍କ ଆଧାର ସଂଖ୍ୟା ଏବଂ ଆକାଉଣ୍ଟକୁ ଠକେଇକତା କରିବା ସହିତ ବଦଳ କରି ଅନ୍ୟ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଅର୍ଥକୁ ମିଳିମିଶି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଫଳରେ ପ୍ରକୃତ ହିତାଧିକାରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାରୁ ବଞ୍ଚିତ ରହୁଛନ୍ତି। ଏ ନେଇ ହିତାଧିକାରୀ ପରୱାନ ବିବି କୁସୁମୀ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତାହା କେବଳ ଆଶ୍ୱାସନରେ ସୀମିତ ହୋଇ ରହିଯାଇଥିଲା। ବର୍ତ୍ତମାନ ସୁଦ୍ଧା ଆବାସ ଯୋଜନାରେ ଗୃହ ପାଇବା ଆଶାରେ ରହିଛନ୍ତି। ଏହା କେବଳ ଗୋଟିଏ ମାମଲା ନୁହେଁ। ଟେଣ୍ଟପୋଷି ଗାଁରେ ଏପରି ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଦୁର୍ନୀତିର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



# ସାଧାରଣ ନିର୍ବାଚନ ପାଇଁ ୪ ଦିନିଆ ପ୍ରଶିକ୍ଷଣ ଶିବିର

**କରଞ୍ଜିଆ, ୧୪।୩(ସମିସ):** କରଞ୍ଜିଆ ଓ ଯଶିପୁର ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ସାଧାରଣ ନିର୍ବାଚନ ଅବାଧ, ମୁକ୍ତ, ଶାନ୍ତି ଶୃଙ୍ଖଳା ସହିତ ଆୟୋଜନ କରିବା ଲାଗି ପ୍ରିଜାଇଡିଂ ଅଫିସର ଓ ପୋଲିଙ୍ଗ ଅଧିକାରୀଙ୍କୁ ନେଇ ଏକ ୪ ଦିନିଆ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି।

ଏହି ତାଲିମ ଶିବିର ୧୪ରୁ ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହେବ। କରଞ୍ଜିଆ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରେମାଂଶୁ ଚାନ୍ଦଙ୍କ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ପୋଲିଙ୍ଗ ଅଫିସରରୁ ୫ମ ପୋଲିଙ୍ଗ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବା ବ୍ୟବସ୍ଥା ହୋଇଛି। କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରିଜାଇଡିଙ୍ଗ ଓ ପ୍ରଥମ ପୋଲିଙ୍ଗ ଅଫିସରଙ୍କ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଉପଜିଲ୍ଲାପାଳ ଶ୍ରୀ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଡିଓ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ବିଇଓ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରକାଶ କୁମାର ଦାସ, ସମସ୍ତ ଅତିରିକ୍ତ ତହସିଲଦାର ଯୋଗଦେଇ ତାଲିମ ଦେଉଛନ୍ତି। ଶିବିରରେ ମୋଟ ୯୭୦ ଜଣ ଅଫିସରଙ୍କୁ ଏହି ତାଲିମ ପ୍ରଦାନ କରାଯାଉଛି। କରଞ୍ଜିଆ ବ୍ୟତୀତ ରରୁଆଁ ଉଚ୍ଚ ବିଦ୍ୟାଳୟ, ଯଶିପୁର ଉଚ୍ଚ ବିଦ୍ୟାଳୟ ଓ ଠାକୁରମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଏହି ତାଲିମ ଆରମ୍ଭ ହୋଇଛି। ଧିରେନ ଭୋଇ, ଦୀନେଶ କୁମାର ସେଠୀ, ଦିଲୀପ କୁମାର ପଲେଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।







## ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ




**କରଞ୍ଜିଆ, ୧୪।୩(ସମିସ);** କରଞ୍ଜିଆ ତହସିଲଦାର ଦିବାକର ମାଝୀଙ୍କ ବଦଳି ହେବା ପରେ ଏହି ପଦ ଖାଲି ପଡ଼ିଥିଲା। ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ ଦାୟିତ୍ୱରେ ଥିଲେ; ହେଲେ ବିଦ୍ୟାଧର ପତି ନୂତନଭାବେ କରଞ୍ଜିଆ ତହସିଲାଦରଭାବେ ଆଜି ଯୋଗଦାନ କରିଛନ୍ତି। ସେ ପୂର୍ବରୁ ନିମାପଡ଼ାରେ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ।

# ଗୋଟିଏ ରାତିରେ ୪ଟି ସ୍ଥାନରୁ ଚୋରି

**ବାଙ୍ଗିରିପୋଷି, ୧୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଦିନକୁଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବାଙ୍ଗିରିପୋଷି ଥାନାର ଅନିତ ଦୂରରେ ବୁଧବାର ବିଳମ୍ବିତ ରାତିରେ ୪ଟି ସ୍ଥାନରରେ କଳାକନା ବୁଲାଇ ଚୋରମାନେ ଫେରାର ହୋଇଯାଇଛନ୍ତି। ପୁଲିସ ପକ୍ଷରୁ ପାଟ୍ରୋଲିଂ ଠିକ୍‌ଭାବେ ହେଉ ନ ଥିବାରୁ ଚୋରି, ଲୁଟ୍ ଆଦି ବଢ଼ିବାରେ ଲାଗିଛି। ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ବାଙ୍ଗିରିପୋଷି ବଜାର ନିକଟ ହାଣଦା ଗ୍ରାମର ଶିକ୍ଷକ ପବିତ୍ର ମୋହନ ଗିରି ଉପର ମହଲାରେ ଶୋଇଥିବା ବେଳେ ଆଲମିରା ତାଲା ଭାଙ୍ଗି ୫୦ ହଜାର ଟଙ୍କା ଚୋରି ହୋଇଯାଇଛି। ସେହିପରି ତାଙ୍କ ଘରେ ଭଡାରେ ରହୁଥିବା ଶିକ୍ଷକ ମନୋଜ କୁମାର ଦାସ ମହାପାତ୍ର ନ ଥିବା ଯୋଗୁଁ ସମସ୍ତ ଆସବାବପତ୍ର ଏଣେତେଣେ ଫିଙ୍ଗି କିଛି ରୁପା ଗହଣା ଏବଂ ନଗଦ ଟଙ୍କା ନେଇପଳାଇଥିଲେ। ସେହିପରି ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ଆଲମିରା ଭାଙ୍ଗି ନଗଦ ୭୦ ହଜାର ଟଙ୍କା ଏବଂ ସୁନାଗହଣା ଲୁଟି ନେଇଛନ୍ତି। ପାଖରେ ଥିବା ସାମ୍ବାଦିକ ପ୍ରୀତିଶ କୁମାର ମହାନ୍ତଙ୍କ ଘରେ ମଧ୍ୟ ରାତିରେ ଝରକା ଗ୍ରୀଲ ତାଡି ଚୋରମାନେ ପଶିଥିଲେ; କିନ୍ତୁ କିଛି ନ ପାଇ ଚୋରମାନେ ପଳାଇଛନ୍ତି। ଖବର ପାଇ ବାଙ୍ଗିରିପୋଷି ଥାନା ଅଧିକାରୀ ରୋଜାଲିନ ବେହେରା, ଏସଆଇ ହେମନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହ ତଦନ୍ତ କରିଛନ୍ତି।



## ଗର୍ଜନ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ବ୍ଲାକ୍ ପାନ୍ଥର୍

**ସୁନ୍ଦରଗଡ଼/ହେମଗିରି,୧୪ ।୩(ସମିସ):** ଛଅ ବର୍ଷ ବ୍ୟବଧାନରେ ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ହେମଗିରି ବନାଞ୍ଚଳର ଗର୍ଜନ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ଟ୍ରାପ୍ କ୍ୟାମେରାରେ ପୁଣି କଳାବାଘ (ବ୍ଲାକ୍ ପାନ୍ଥର)ର ଚିତ୍ର କଏଦ୍ ହୋଇଛି । ୨୦୧୮ରେ ପ୍ରଥମେ ଏହି ସଂରକ୍ଷିତ



- ୨୦୧୮ ରେ ବି ଟ୍ରାପ୍ କ୍ୟାମେରାରେ ଦେଖାଯାଇଥିଲା
- ପରେ ୬ବର୍ଷ ପର୍ଯ୍ୟନ୍ତ ମିଳି ନଥିଲା ଚିହ୍ନବର୍ଣ୍ଣ

ଜଙ୍ଗଲରେ ଟ୍ରାପ୍ କ୍ୟାମେରାରେ କଳାବାଘର ଚିତ୍ର କଏଦ୍ ହୋଇଥିଲା । ଏହା ପୂର୍ବରୁ ଓଡ଼ିଶାର କୌଣସି ଜଙ୍ଗଲରେ କଳାବାଘ ନଜରକୁ ଆସି ନ ଥିବାରୁ ଏହି ଜଙ୍ଗଲ ପ୍ରତି ସମଗ୍ର ରାଜ୍ୟବାସୀ, ପ୍ରକୃତିପ୍ରେମୀ ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଥିଲା । ୨୦୨୦ରେ ସେହି କଳାବାଘ ୨ଟି ଛୁଆ ଜନ୍ମ କରି ଜଙ୍ଗଲରେ ବୁଲୁଥିବା ଚର୍ଚ୍ଚା ହୋଇଥିଲା । କିନ୍ତୁ ଏହାର କୌଣସି ପ୍ରମାଣ ମିଳିନଥିଲା । ଏବେ ଏହି ଜଙ୍ଗଲରେ ପୁଣି କଳାବାଘର ପ୍ରମାଣ ମିଳି ଥିବାରୁ ବନ ବିଭାଗରେ ବେଶ୍ ଉତ୍ସାହ ଦେଖାଦେଇଛି । ସେହିପରି ରାଜ୍ୟବାସୀଙ୍କ ମଧ୍ୟରେ ଉତ୍ସୁକତା ପରିଲକ୍ଷିତ ହୋଇଛି । ଏହି ଅବସରରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ କହିଛନ୍ତି ଯେ ୨୦୧୮ରେ ଆମେ ସୁନ୍ଦରଗଡ଼ ବନଖଣ୍ଡର ହେମଗିରି ଜଙ୍ଗଲ ପରିସରରେ ଟ୍ରାପ କ୍ୟାମେରା ମାଧ୍ୟମରେ ଏକ କଳା ପାନ୍ଥର୍ ଦେଖିଥିଲୁ । କିନ୍ତୁ ଏହା ପରେ ତା'ର କୌଣସି ଚିହ୍ନବର୍ଣ୍ଣ ମିଳିଲା ନାହିଁ । ଗତ ସପ୍ତାହରେ ଆମେ ଟ୍ରାପ କ୍ୟାମେରା ମାଧ୍ୟମରେ ହେମଗିରି ଜଙ୍ଗଲର ଗର୍ଜନ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ପୁନର୍ବାର ବ୍ଲାକ୍ ପାନ୍ଥରର ଉପସ୍ଥିତି ପ୍ରମାଣ ପାଇଛୁ । ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ହେତୁ ପ୍ରବଳ ଚାପ ସତ୍ତ୍ୱେ ହେମଗିରି ଜଙ୍ଗଲର ଗୁଣବତ୍ତା ଭଲ ବୋଲି ଏହା ସୂଚାଇ ଦେଉଛି । ଏହା ବହୁତ ଭଲ ସଙ୍କେତ ଅଟେ । କ୍ୟାମେରା ମାଧ୍ୟମରେ କଳା ପାନ୍ଥର୍ ସହିତ ହନିବ୍ୟାଜ, ସିଭେଟ୍ ବିଲେଇ, ମୟୂର, ମଙ୍ଗୋଜ୍, ଭାଲୁ, ବାର୍କୁପାଇନ୍, ହରିଣ, ବଣୁଆ ଘୁଷୁରି, ଜଙ୍ଗଲି କୁକୁଡ଼ା, କଳା ବିଲେଇ, ଠେକୁଆ ଆଦି ମଧ୍ୟ ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ବାରିପଦା,୧୪ ।୩(ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଗୁରୁବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ୩ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଏହାସହ ପୀଡ଼ିତାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସାମୀଜଣକ ହେଲା, ବୈଶିଙ୍ଗା ଥାନା ଅଞ୍ଚଳର ବାପୁନି ସିଂ ଓରଫ ଧୂମକେତୁ (୩୦) । ଘଟଣାରୁ ପ୍ରକାଶ ଯେ ବାପୁନିର ଶରୀର ଅସୁସ୍ଥ ଥିବାରୁ ନାବାଳିକାଜଣକ ତା' ଘରକୁ ରୋଷେଇ କରିବାକୁ ଯାଉଥିଲା । ଏହାର ସୁଯୋଗ ନେଇ ବାପୁନି ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲା । ଏ ସଂପର୍କରେ ପରିବାରଲୋକେ ଜାଣିବା ପରେ ଗତ ୬.୧୧.୨୦୨୧ରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ପୀଡିତାର ବୟାନ ରେକର୍ଡ କରିବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଆଜି ସମସ୍ତ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ ।

## ରାଜଧାନୀରେ ଚାଞ୍ଚଲ୍ୟ.... ସ୍ତ୍ରୀର ଶବ ସହ ୩ଦିନ

**ଭୁବନେଶ୍ୱର,୧୪ ।୩(ସମିସ):** ପତ୍ନୀ ନିଶା ଖାଉଥିବାରୁ ଅତି ବୀଭତ୍ସ ଭାବେ ହତ୍ୟା କଲା ସ୍ୱାମୀ । କାଠଫାଳିଆରେ ପିଟିପିଟି ମାରିଦେବା ପରେ ସ୍ତ୍ରୀର ଶବ ସହ ଦୁଇ ଛୁଆଙ୍କୁ ଧରି ୩ ଦିନ ବିତାଇଲା ଜହ୍ଲାଦ ସ୍ୱାମୀ । ରାଜଧାନୀରେ ଘଟିଛି ଏପରି ଏକ ଚାଞ୍ଚଲ୍ୟକର ଘଟଣା । ମୈତ୍ରୀବିହାର ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀ ଗୋଲଖବିହାରୀ ଜେନା(୪୩)କୁ ଗିରଫ କରିଛି । ପୁଲିସ୍ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ଜବତ କରିଛି ।





- ନିଶା ଖାଉଥିବାରୁ ପିଟିପିଟି ହତ୍ୟା କରିଥିଲା
- ଅଭିଯୁକ୍ତ ସ୍ୱାମୀ ଗିରଫ

ପୁଲିସର କହିବା ଅନୁଯାୟୀ, ଗୋଲଖର ଘର ଗଞ୍ଜାମରେ । ୨୫ ବର୍ଷ ହେବ ସେ ସାଲିଆସାହିର ତାରିଣୀନଗର ବସ୍ତିରେ ଘର ଭଡ଼ା ନେଇ ପତ୍ନୀ ସ୍ୱପ୍ନା, ଦୁଇଟି ପୁଅ ଓ ଗୋଟିଏ ଝିଅ ସହ ରହୁଥିଲେ । ସେ ରଙ୍ଗମିସ୍ତ୍ରୀ ଓ ପତ୍ନୀ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ପତ୍ନୀ ଯାହା ବି ରୋଜଗାର କରୁଥିଲେ, ସେଥିରେ ମଦ ପିଇ ଦେଉଥିଲେ । ସ୍ୱପ୍ନା ମାତ୍ରାଧିକ ମଦ ପିଉଥିବାର ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା । କିଛି ଦିନ ତଳେ ସ୍ୱାମୀ ଗୋଲଖ ଋଣ କରି ୭ହଜାର ଟଙ୍କା ଆଣିଥିଲେ । ସେଇ ଟଙ୍କାକୁ ପତ୍ନୀ ସ୍ୱପ୍ନାକୁ ରଖିବାକୁ ଦେଇଥିଲେ । କିନ୍ତୁ ସ୍ୱପ୍ନା ସେଇ ଟଙ୍କାରେ ମଦ ପିଇ ଉଡାଇ ଦେଇଥିଲେ । ଗୋଲଖ ଟଙ୍କା ମାଗିବାରୁ ମାତ୍ର ୧୪ଶହ ଟଙ୍କା ଦେଇଥିଲା ସ୍ୱପ୍ନା । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଓ ମାରପିଟ୍ ହୋଇଥିଲା । ମଙ୍ଗଳବାର ଅପରାହ୍ଣରେ ସ୍ୱପ୍ନା କାମକୁ ଯାଇ ଘରକୁ ଫେରୁଥିବା ସମୟରେ ମଦ ନିଶାରେ ରାସ୍ତାରେ ପଡ଼ିଥିଲେ । ଏହା ଦେଖି ସ୍ୱାମୀ ଗୋଲଖ ତାଙ୍କୁ ଟ୍ରଲିରେ ଧରି ଘରକୁ ଆଣିଥିଲେ । ଘରେ ପହଞ୍ଚିଲା ବେଳକୁ ସ୍ୱପ୍ନା ନିଶା ଉତୁରି ଯାଇଥିଲା । ନିଶା କମିଲା ପରେ ଗାଁ ଲୋକଙ୍କ ସମ୍ମୁଖରେ ସ୍ୱାମୀ ଗୋଲଖଙ୍କୁ ବହେ ଗାଳି ଦେଇଥିଲେ ସ୍ୱପ୍ନା । ଏଥିଯୋଗୁଁ ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା । ସ୍ୱପ୍ନାଙ୍କ କଟୁ କଥା ଶୁଣିବା ଗୋଲଖଙ୍କ ପକ୍ଷେ ସମ୍ଭବ ହୋଇନଥିଲା । ତେଣୁ ସେ ତାଙ୍କୁ ବଳପୂର୍ବକ ଘର ଭିତରକୁ ନେଇଯାଇଥିଲେ । ଘର ଭିତରେ ଏକ କାଠଫାଳିଆରେ ସ୍ୱପ୍ନାଙ୍କୁ ପିଟି ପିଟି ହତ୍ୟା କରିଥିଲେ । ତେବେ ଧରାପଡ଼ିଯିବା ଭୟରେ ସେ ପତ୍ନୀଙ୍କ ମୃତଦେହ ସହ ନିଜର ଦୁଇ ଛୁଆଙ୍କୁ ଧରି ୩ ଦିନ ବିତାଇଥିଲେ । ଛୁଆଙ୍କୁ ଘର ବାହାରକୁ ବି ଛାଡ଼ିନଥିଲେ । ଦିନରାତି ସବୁବେଳେ ଘରର କବାଟ ବନ୍ଦ ରହିବାରୁ ଲୋକଙ୍କ ସନ୍ଦେହ ହୋଇଥିଲା ।

ଅପରପକ୍ଷେ ଅଲଗା ରହୁଥିବା ସ୍ୱପ୍ନାଙ୍କ ବଡ଼ପୁଅ ଗତକାଲି ଗାଁରୁ ଫେରି ମା'କୁ ଖୋଜିଥିଲା । ଗୋଲଖ ତାକୁ ଏଣୁତେଣୁ କହି ବୁଝାଇବାକୁ ଚେଷ୍ଟା କରିଥିଲା । କିନ୍ତୁ ଆଜି ସକାଳୁ ଘରୁ ଦୁର୍ଗନ୍ଧ ବାହାରିବାରୁ ବଡ଼ପୁଅ ଘର ଖୋଲିଦେବାରୁ ସ୍ୱପ୍ନାଙ୍କ ମୃତଦେହ ନିକଟରେ ବାପା ଓ ଦୁଇ କୁନି ଭାଇଭଉଣୀ ଶୋଇଥିବା ଦେଖିବାକୁ ପାଇଥିଲେ । ଖବରପାଇ ମୈତ୍ରୀବିହାର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଗୋଲଖକୁ କାବୁ କରିନେଇଥିଲା । ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରାଯାଉଛି । ଗୋଲଖକୁ ପୁଲିସ ପଚରାଉଚରା କରିବା ପରେ ଗିରଫ କରିଛି ।

## ଓଡ଼ିଆ ଝିଅ ପ୍ରଜ୍ଞାଙ୍କୁ ସମ୍ମାନିତ କଲେ ସିଜେଆଇ



**ନୂଆଦିଲ୍ଲୀ,୧୪।୩(ଏଜେନ୍ସି):** ପ୍ରଧାନବିଚାରପତି (ସିଜେଆଇ) ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ ଓଡ଼ିଆ ଝିଅ ପ୍ରଜ୍ଞା ସାମଲଙ୍କୁ ତାଙ୍କ କୃତିତ୍ୱ ପାଇଁ ସମ୍ମାନିତ କରିଛନ୍ତି । ପ୍ରଜ୍ଞା ହେଉଛନ୍ତି ସୁପ୍ରିମକୋର୍ଟର ରୋଷେୟା ଭାବେ କାର୍ଯ୍ୟ କରୁଥିବା ଅଜୟ ସାମଲଙ୍କ ଝିଅ । ପ୍ରଜ୍ଞା ଜଣେ ଆଇନ ଛାତ୍ରୀ ଭାବେ ନିକଟରେ ଏହି ବିଭାଗରେ ମାଷ୍ଟର ଡିଗ୍ରୀ ପଢିବା ପାଇଁ ଆମେରିକାର ଦୁଇଟି ବିଶ୍ୱବିଦ୍ୟାଳୟରୁ ଛାତ୍ରବୃତ୍ତି ପାଇପାଇଥିଲେ । ଏହି ବିଷୟ ସାମ୍ନାକୁ ଆସିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ତାଙ୍କୁ ପ୍ରଶଂସା କରିବା ସହିତ ସମ୍ମାନିତ କରିଛନ୍ତି । ସିଜେଆଇଙ୍କ ବ୍ୟତୀତ ସୁପ୍ରିମକୋର୍ଟର ଅନ୍ୟ ବରିଷ୍ଠ ବିଚାରପତିମାନେ ମଧ୍ୟ ପ୍ରଜ୍ଞାଙ୍କ ଏହି କୃତିତ୍ୱ ପାଇଁ ବଧାଇ ଜଣାଇଛନ୍ତି । ଯଦି ମଣିଷ ଭିତରେ ଉତ୍ସାହ ଏବଂ ନିଷ୍ଠା ରହିଥାଏ ତେବେ ସଫଳତା ମଣିଷକୁ ଛାଡିବ ନାହିଁ ଏହା ପ୍ରଜ୍ଞା ପ୍ରମାଣ କରିଦେଇଛନ୍ତି ବୋଲି ସିଜେଆଇ କହିଛନ୍ତି ।

## ବରଦାନ ସାଜିଲା ବିଏସ୍‌କେୱାଇ

## ମହିଳାଙ୍କ ପେଟରୁ ବାହାରିଲା ୮ କେଜିର ଟ୍ୟୁମର୍



**ବାଲେଶ୍ୱର,୧୪ ।୩(ସମିସ):** ପୁଣି ବରଦାନ ସାବ୍ୟସ୍ତ ହେଲା ବିଏସ୍‌କେୱାଇ କାର୍ଡ । ବୁଧବାର ଭୋଗରାଇ ଅଞ୍ଚଳର ଜଣେ ମହିଳାଙ୍କ ପେଟରୁ ୭କେଜି ଓଜନର ଟ୍ୟୁମର ବାହାରିଥିବା ବେଳେ ଆଜି ଅନ୍ୟ ଜଣେ ମହିଳାଙ୍କ ପେଟରୁ ୮କେଜିର ଏକ ଟ୍ୟୁମର ବାହାରିଛି । ବିଜୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ସମ୍ପୃକ୍ତ ମହିଳାଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି । ସୂଚନା ଅନୁସାରେ, ସୋର ବ୍ଲକ ମଙ୍ଗଳପୁର ଗ୍ରାମର ମହିଳା ପ୍ରଣତି ମହାରଣା ଦୀର୍ଘ ୪ ବର୍ଷ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ । ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସ୍ଥାନୀୟ ଆଇଟିଆଇସ୍ଥିତ ଜୟଶ୍ରୀ ହେଲ୍‌ଥ କେୟାରରେ ଭର୍ତ୍ତି ହୋଇଥିଲେ । ସେଠାରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପେଟରେ ଏକ ବଡ଼ ଟ୍ୟୁମର ଥିବା ଜଣାପଡ଼ିଥିଲା । ଡାଃ ଗିରିଜା ଶଙ୍କର ଦାଶ, ଡାଃ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମେତ ସହଯୋଗୀ ଦୀର୍ଘ ୪ ଘଣ୍ଟା ଧରି ଅସ୍ତ୍ରୋପଚାର କରିବା ପରେ ତାଙ୍କ ପେଟରୁ ଟ୍ୟୁମର ବାହାର କରିଥିଲେ । ଏହାର ଓଜନ ୮କେଜି ୨୬୧ଗ୍ରାମ । ଅସ୍ତ୍ରୋପଚାର ପରେ ପ୍ରଣତିଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ନେଇ ହସ୍‌ପିଟାଲ ନିର୍ଦ୍ଦେଶକ ଶ୍ରୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି ।


DSPL-850

# ଓଡ଼ିଶା ଦକ୍ଷତା ବୃଦ୍ଧି ଓ ନିଯୁକ୍ତି କାର୍ଯ୍ୟକ୍ରମ (OUPP) ଦ୍ୱିତୀୟ ବ୍ୟାଚ୍



**ପାଠ୍ୟକ୍ରମ :**
- ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସାର୍ଟିଫିକେଟ ପାଠ୍ୟକ୍ରମ

**ପାଠ୍ୟକ୍ରମ ଅବଧି :**
- ୬ ମାସ

**ଯୋଗ୍ୟତା:**
- ୨୦୨୧, ୨୦୨୨ ଏବଂ ୨୦୨୩ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ।
- ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ସେକେଣ୍ଡାରୀ ସ୍କୁଲ ସାର୍ଟିଫିକେଟ ପରୀକ୍ଷା, ଡିପ୍ଲୋମା ପରୀକ୍ଷା (ଉତ୍ତୀର୍ଣ୍ଣ)ଙ୍କ ପାଇଁ ଏବଂ ସ୍ନାତକୋତ୍ତର (BE / B.Tech / Post-Graduation (MCA / M.Sc (Comp Science) ଇଞ୍ଜିନିୟରିଂ ଷ୍ଟ୍ରିମ୍-(Comp Science) ଇଞ୍ଜିନିୟରିଂ, ସୂଚନା ପ୍ରଯୁକ୍ତି (IT), ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେସନ୍ ( E&TC), ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ବିଷୟରେ ପ୍ରଥମ ଶ୍ରେଣୀରେ କିମ୍ବା ସର୍ବନିମ୍ନ ୬୦% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।
- ସେକେଣ୍ଡାରୀ ସ୍କୁଲ ସାର୍ଟିଫିକେଟ ପାଠ୍ୟକ୍ରମରେ ଯୋଗଦେବାର ବ୍ୟବଧାନ ୧ ବର୍ଷରୁ ଅଧିକ ହୋଇନଥିବ ।
- ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବେ ।

**ନାମଲେଖା ପ୍ରକ୍ରିୟା:**
- ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର (ଇଣ୍ଟରଭ୍ୟୁ)
- ପରୀକ୍ଷାର ତାରିଖ, ସମୟ ଏବଂ ସ୍ଥାନର ବିବରଣୀ ବିଷୟରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଇ-ମେଲ ମାଧ୍ୟମରେ ସୂଚିତ କରାଯିବ ।

- ତାରିଖ ପରିବର୍ତ୍ତନ ବା ନିର୍ଦ୍ଧାରିତ କାର୍ଯ୍ୟକ୍ରମର ଅବଧି ବୃଦ୍ଧି ହେଲେ, ସେ ସମସ୍ତ ସୂଚନା ୱେବସାଇଟ୍‌ରେ ଅପଡେଟ୍ କରିଦିଆଯିବ ।
- ଓଡ଼ିଶା ସରକାରଙ୍କ ନିକଟରେ ଆବଶ୍ୟକସ୍ଥଳେ ଉପରୋକ୍ତ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିବାର ଅଧିକାର ରହିଛି ।
- ପ୍ରାର୍ଥୀ ମାନଙ୍କୁ ଇ-ମେଲ୍ ମାଧ୍ୟମରେ ପରୀକ୍ଷା ସମ୍ବନ୍ଧୀୟ ସୂଚନା ଦିଆଯିବ ।

**ସୁବିଧା:**
- ଦେୟମୁକ୍ତ ପଞ୍ଜୀକରଣ ଏବଂ ପାଠ୍ୟକ୍ରମ ପ୍ରବେଶିକା
- ଦେୟମୁକ୍ତ ପାଠ୍ୟକ୍ରମ
- ଦେୟମୁକ୍ତ ଆବାସିକ ସୁବିଧା
- ସମସ୍ତ ପାଠ୍ୟ ପୁସ୍ତକ ସହ ଦେୟମୁକ୍ତ ତାଲିମ

**ପ୍ରମାଣପତ୍ର ସହ ନିଯୁକ୍ତିର ସୁଯୋଗ:**
- ପାଠ୍ୟକ୍ରମ ଶେଷ ହେବାପରେ ସଫଳ ପରୀକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ଏବଂ ଅଫର୍ ଲେଟର୍ ପ୍ରଦାନ କରାଯିବ ।

କୌଣସି ବିଷୟରେ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ - odishatraining@techmahindra.com
ଅଧିକ ବିବରଣୀ ପାଇଁ କ୍ଲିକ୍ କରନ୍ତୁ : www.odishaupp.org



SCAN TO REGISTER

OIPR-44025/13/0003/2324

ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ,କେନ୍ଦୁଝର



ଖୁସି ପଣ୍ୟଦ୍ରବ୍ୟ ନୁହେଁ, ଏହା କେବଳ ତୁମ କର୍ମର ପ୍ରତିଦାନରେ ମିଳେ।
-ଦଲାଇ ଲାମା

ସକାଳ
THE SAKALA

## ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ!

# ଭାରତ ଲେଖିବ ନୂଆ ଇତିହାସ

ସମ୍ବିଧାନର ଧାରା ୩୭୦ର ବିଲୋପ ସ୍ୱାଧୀନ ଭାରତର ଏକ ଐତିହାସିକ ଘଟଣା କେବଳ ନୁହେଁ, ଏହା ସଂଘୀୟ ବ୍ୟବସ୍ଥାରେ ଦେଶର ଏକ ଘଟକ ଉପଭୋଗ କରି ଆସୁଥିବା ସ୍ୱତନ୍ତ୍ର ସାମ୍ବିଧାନିକ ସ୍ଥିତି ଓ ମାନ୍ୟତାର ଅବସାନ ମଧ୍ୟ ଘଟାଇଛି। ଏଥିସହିତ ଜାମ୍ମୁ-କାଶ୍ମୀର ଓ ଲଦାଖର ରାଜନୈତିକ ଓ ଭୌଗୋଳିକ ଚିତ୍ର ମଧ୍ୟ ବଦଳିଛି। ଅନ୍ୟାଦେଶ ପର୍ଯ୍ୟନ୍ତ ଜାମ୍ମୁକାଶ୍ମୀରର ରାଜ୍ୟ ମାନ୍ୟତାକୁ ମଧ୍ୟ ନିଲମ୍ବିତ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇଛି। ସେଥିରୁ ଜାମ୍ମୁ ଓ କାଶ୍ମୀର ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ହୋଇ କେନ୍ଦ୍ର ସରକାରଙ୍କ ସଂଘୀୟ ଶାସନ ଅଧୀନରେ ସିଧାସଳଖ ରହିଥିବା ବେଳେ ଲଦାଖ ସମାନ ମାନ୍ୟତା ପାଇ ଅନୁରୂପ ଶାସନ ବ୍ୟବସ୍ଥାରେ ଅଛି।

ଧାରା ୩୭୦ର ଉଚ୍ଛେଦ ଜାମ୍ମୁ-କାଶ୍ମୀରରେ ଦୀର୍ଘକାଳ ଧରି ଚାଲିଥିବା ଧାର୍ମିକ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବାରେ ସହାୟକ ହୋଇଛି। ସେହି ଦୁଇ କେନ୍ଦ୍ରଶାସିତ ଅଞ୍ଚଳରେ ବିକାଶର ନୂଆ ପର୍ବ ଆରମ୍ଭ ହେବା ସହିତ ସେଠାକାର ଅଧିବାସୀ ଦେଶର ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପରି ସବୁ କେନ୍ଦ୍ରୀୟ ଯୋଜନାର ଲାଭ ଏବେ ପାଉଛନ୍ତି। କେନ୍ଦ୍ର ସରକାର, ବିଶେଷକରି ପ୍ରଧାନମନ୍ତ୍ରୀ ବାରମ୍ବାର କହିଆସୁଛନ୍ତି ଯେ ଜାମ୍ମୁ-କାଶ୍ମୀରରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ସେଠାରେ ନିର୍ବାଚନ କରାଯିବ ଏବଂ ନୂଆ ସରକାର କ୍ଷମତାକୁ ଆସିବା ପରେ ତାହାକୁ ପୁନର୍ବାର ରାଜ୍ୟ ପାହ୍ୟା ପ୍ରଦାନ କରିବା କଥା ଚିନ୍ତା କରାଯିବ। ତେବେ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହୋଇ ରହିବ। ବୋଧହୁଏ ସେହି ଲକ୍ଷ୍ୟରେ ସେଠାକାର ବିଧାନସଭା, ହାଇକୋର୍ଟ ଓ ଅନ୍ୟାନ୍ୟ ପ୍ରାଦେଶିକ ଅନୁଷ୍ଠାନଗୁଡ଼ିକୁ ପୂର୍ବବତ୍ ସୁରକ୍ଷିତ କରି ରଖାଯାଇଛି। କେବଳ ନୂଆ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟମାନଙ୍କ ସ୍ଥାନରେ ଉପରାଜ୍ୟପାଳ ପଦ ସୃଷ୍ଟି କରାଯାଇଛି ଏବଂ ଭାରତୀୟ ପ୍ରଶାସନିକ ଓ ପୁଲିସ ସେବାର କ୍ୟାଡରକୁ 'ଅଗ୍‌ମେଟ୍' କ୍ୟାଡର ସହିତ ଅସ୍ଥାୟୀ ଭାବେ ମିଶାଯାଇ କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡରର ଅନ୍ତର୍ଭୁକ୍ତ କରାଯାଇଛି।

ଇତିମଧ୍ୟରେ ଜାମ୍ମୁ-କାଶ୍ମୀରର ବିଧାନସଭା ଆସନ ସୀମା ପୁନଃ ନିର୍ଦ୍ଧାରଣ କରାଯିବା ସହିତ ତାହାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେଠାକାର ଭୋଟର ତାଲିକାକୁ ମଧ୍ୟ ସଂଶୋଧନ କରାଯାଇଛି। ଜାମ୍ମୁ-କାଶ୍ମୀରର ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଛି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିବା ପରେ ସେଠାକାର ରାଜନେତା ଓ ସଚେତନ ଜନତା ବାସ୍ତବତାକୁ ଗ୍ରହଣ କରି ନେଇଛନ୍ତି। ସେଠାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମଧ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇ ତୃଣମୂଳସ୍ତରର ଗଣତନ୍ତ୍ର କ୍ରମଶଃ ସୁଦୃଢ଼ ହେଉଛି। ଏବେ ସେଠାରେ ଲୋକସଭା ନିର୍ବାଚନ କରାଇବାରେ କୌଣସି ଅସୁବିଧା ନଥିବା ବେଳେ ବିଧାନସଭା ନିର୍ବାଚନ ନିମନ୍ତେ ମଧ୍ୟ ସେମିତି କିଛି ପ୍ରତିକୂଳ ସ୍ଥିତି ବା ଅଡୁଆ ନାହିଁ। ଲୋକେ ନିର୍ବାଚନ ପାଇଁ ପ୍ରସ୍ତୁତ। ରାଜନୈତିକ ଦଳମାନେ ମଧ୍ୟ ଏଥିପାଇଁ ଦାବି କରୁଛନ୍ତି। ପ୍ରଶାସନିକ ବ୍ୟବସ୍ଥା ନିଜର ଭୂମିକା ନିର୍ବାହ କରିବାକୁ ପ୍ରସ୍ତୁତ ଅଛି। ତେଣୁ ଜାମ୍ମୁ-କାଶ୍ମୀରରେ ଆସନ୍ତା ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ କରିବାରେ ସେମିତି କିଛି ଅସୁବିଧା ଦେଖାଯାଉନାହିଁ। ଦେଶର କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳରେ ବିଶେଷ ପରିସ୍ଥିତି ବା ଅସୁବିଧା ନ ଥିଲେ ସେଠାରେ ନିର୍ବାଚନ କରାଯିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ତେବେ ସେଠାରେ ନିର୍ବାଚନ ହେବ କି ନାହିଁ ସେଥିପାଇଁ କେନ୍ଦ୍ରର ସବୁଜ ସଂକେତ ସେଠାକାର ସ୍ଥିତି ଦୃଷ୍ଟିରୁ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ବୁଧବାର ଜାମ୍ମୁଠାରେ କହିଛନ୍ତି ଯେ ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ନେଇ ତାଙ୍କ ପକ୍ଷରୁ କୌଣସି ବିଳମ୍ବ ହେଉନାହିଁ। ଏ କ୍ଷେତ୍ରରେ ଗୋଟିଏ ମାତ୍ର ସମସ୍ୟା ରହିଛି। ସେଇଟି ହେଲା ଜାମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ ୨୦୧୯ ଓ ୨୦୨୨ର ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଆଇନ, ଯାହା ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହୋଇଛି, ଉଭୟ ଆଇନ ମଧ୍ୟରେ ସମନ୍ୱୟ ଓ ମତୈକ୍ୟର ଅଭାବ ରହିଛି। ଏହା ଅବଶ୍ୟ ସତ୍ୟ ଯେ ଏହି ଦୁଇ ଆଇନ ମଧ୍ୟରେ ଅସଂହତି ଓ ବିଭେଦ ରହିଲେ ବିଧାନସଭା ନିର୍ବାଚନ କରାଇବା ଆଇନତଃ ସମ୍ଭବ ହେବ ନାହିଁ। ସେ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ ଜାମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ ୨୦୧୯ ବଳରେ ଏହାର ମୋଟ ଆସନ ସଂଖ୍ୟା ୧୦୭ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ପାକିସ୍ତାନ ନିୟନ୍ତ୍ରଣରେ ଥିବା କାଶ୍ମୀରରେ ୨୪ଟି ଆସନ ରହିଛି। ଫଳରେ ବାସ୍ତବରେ ଜାମ୍ମୁ-କାଶ୍ମୀର ପାଇଁ ୮୩ଟି ବିଧାନସଭା ଆସନ ମିଳୁଛି ଯେଉଁଥିରୁ ସାତଟି ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ।

ଅପରପକ୍ଷରେ ୨୦୨୨ର ପୁନର୍ଗଠନ ଆଇନ ଅନୁସାରେ ଜାମ୍ମୁ-କାଶ୍ମୀରର ବିଧାନସଭା ଆସନ ସଂଖ୍ୟା ୧୧୪ ହୋଇଛି। ଆଦିବାସୀଙ୍କ ନିମନ୍ତେ ୨୪ ଆସନ ଥିବାରୁ ସାଧାରଣଙ୍କ ପାଇଁ ସେଥିରୁ ୯୦ ଆସନ ରହିଛି। ଏହା ବାଦ ଏହି ଆଇନରେ ବାସଚ୍ୟୁତ କାଶ୍ମୀରୀ ହିନ୍ଦୁଙ୍କ ପାଇଁ ଦୁଇଟି ଆସନ ସଂରକ୍ଷିତ ରହିଥିବା ବେଳେ ପାକ୍ ଅଧିକୃତ କାଶ୍ମୀରରୁ ଜଣକୁ ବିଧାନସଭାକୁ ମନୋନୀତ କରିବାର ବ୍ୟବସ୍ଥା କରାଯାଇ ଗୋଟିଏ ଆସନ ରଖାଯାଇଛି। ତେଣୁ ଦୁଇଟି ଆଇନ ମଧ୍ୟରେ ଆସନକୁ ନେଇ ଅସଂଗତି ରହିଛି। ତଥାପି ଏଥିରେ ସମନ୍ୱୟ ଆଣିବା ଓ ଗ୍ରହଣଯୋଗ୍ୟ ମାର୍ଗ ବାହାର କରିବା କାର୍ଯ୍ୟ କେନ୍ଦ୍ର ସରକାରଙ୍କର। ନିର୍ବାଚନ କମିଶନ ତାଙ୍କ ପକ୍ଷର କଥା କେନ୍ଦ୍ରକୁ ଜଣାଇ ଦେବା ପରେ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ କହିବା କଥା ଯେ ଜାମ୍ମୁ ଓ କାଶ୍ମୀରର ସ୍ଥିତି ସେ ଅନୁଧ୍ୟାନ କରିବା ସହ ପ୍ରଶାସନିକ କଳ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସେଠାରେ ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ଏକ ସମୟରେ ହେବ କି ନାହିଁ ସେ ନିଷ୍ପତ୍ତି ଖୁବ୍‌ଶୀଘ୍ର ଗ୍ରହଣ କରାଯିବ। ତାଙ୍କ କଥାରୁ ନିଶ୍ଚିତ କିଛି ଅସ୍ତିବାଚକ ସୂଚନା ମିଳୁଛି। ମୁସଲମାନ ଅଧ୍ୟୁଷିତ, ଆତଙ୍କବାଦ ପ୍ରବଣ ଏହି ସୀମାନ୍ତ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇ ଏହାକୁ ପୂର୍ଣ୍ଣାଙ୍ଗ ରାଜ୍ୟ ପାହ୍ୟା ପୁଣିଥରେ ଫେରାଇ ଦେବାର ଆବଶ୍ୟକତା ସମସ୍ତେ ଅନୁଭବ କଲେଣି। ସେଠାକାର ପ୍ରମୁଖ ରାଜନୈତିକ ଦଳମାନେ ମଧ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତ ହେଲେଣି। ସେଠାରେ ବିଧାନସଭା ନିର୍ବାଚନ କରାଇ ଏକ ନିର୍ବାଚିତ ସରକାରଙ୍କ ହାତକୁ କ୍ଷମତା ଦେବା ସହ ପୁନର୍ବାର ରାଜ୍ୟ ପାହ୍ୟା ପ୍ରଦାନ କରାଗଲେ ସେଠାକାର କ୍ଷୁବ୍ଧ ଅଧିବାସୀ ଆଶ୍ୱସ୍ତ ହେବେ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ନାଗରିକତା (ସଂଶୋଧନ) ଅଧିନିୟମ

# ରାଜନୀତି ଓ ଅର୍ଥନୀତିର ପ୍ରହେଳିକା

**ଗୌରୀ ପ୍ରସାଦ ମହାପାତ୍ର**
ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

ପ୍ରାୟ ଚାରିବର୍ଷର ବ୍ୟବଧାନ ପରେ ପୁଣି ଥରେ ସିଏଏ(ନାଗରିକତା ସଂଶୋଧନ ଅଧିନିୟମ)କୁ ନେଇ ବିବାଦ, ବିତର୍କ, ବିରୋଧାଭାସ ଓ ଉତ୍ତେଜନା ସୃଷ୍ଟି ହୋଇଛି। ବିରୋଧାଭାସକୁ ଇନ୍ଧନ ଯୋଗାଉ ଥିବା ବିରୋଧୀ ରାଜନୈତିକ ଦଳ ଓ ସଂଗଠନମାନଙ୍କର ଅଭିଯୋଗ ହେଉଛି - ସିଏଏ ସମ୍ବିଧାନର ମୌଳିକ ଅଧିକାର ହନନକାରୀ, ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧୀ, ହିନ୍ଦୁତ୍ୱ ଏଜେଣ୍ଡା ଭିତ୍ତିକ ଓ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି)ର ମୂଳଦୂଆ। ଅପରପକ୍ଷରେ ସରକାରୀ ଦଳର ଯୁକ୍ତି ହେଉଛି ସିଏଏ ଭେଦଭାବ ରହିତ, ନ୍ୟାୟସଙ୍ଗତ, ସାମ୍ପ୍ରତିକ ସମୟର ଆବଶ୍ୟକତା, ଦେଶ ହିତରେ ଉଦ୍ଦିଷ୍ଟ ଏବଂ ୨୦୧୯ ସାଧାରଣ ନିର୍ବାଚନ ଇସ୍ତାହାର ଅନୁଯାୟୀ ସିଏଏ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବଦ୍ଧପରିକର। ବିରୋଧୀ ଦଳର ପ୍ରତ୍ୟୁତ୍ତର ହେଉଛି ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପାଇଁ ଉଦ୍ଦିଷ୍ଟ 'କଟ୍ ଅଫ୍ ଡେଟ୍(ଧାର୍ଯ୍ୟ ସର୍ବଶେଷ ପ୍ରବେଶ ସମୟ ସୀମା)'୧୯୪୮, ଜୁଲାଇ ୧୯ ହେବା ଆବଶ୍ୟକ ବୋଲି ବିଜେପି ପୂର୍ବରୁ ଯୁକ୍ତି ଉପସ୍ଥାପନ କରି ଆସୁଥିଲା ଏବଂ କୌଣସି ପରିସ୍ଥିତିରେ ଆସାମ ଚୁକ୍ତି(କଟ୍ ଅଫ୍ ଡେଟ୍ -୧୯୭୧, ମାର୍ଚ୍ଚ ୨୫)କୁ ଅଗ୍ରାହ୍ୟ କରାଯିବ ନାହିଁ ବୋଲି ୨୦୧୬ ଆସାମ୍ ବିଧାନସଭା ନିର୍ବାଚନ ସମୟରେ ଦଳୀୟ ଇସ୍ତାହାରରେ ଉଲ୍ଲେଖ ଥିଲା। ଏବେ କିନ୍ତୁ ସିଏଏରେ 'କଟ୍ ଅଫ୍ ଡେଟ୍'କୁ କୋହଳ(୨୦୧୪, ଡିସେମ୍ବର ୩୧) କରାଯିବା ସହିତ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ସମେତ ଶ୍ରୀଲଙ୍କା, ମ୍ୟାଁମାର, ନେପାଳ ଓ ଭୁଟାନର ନିର୍ଯାତିତ ଦେଶାନ୍ତରିତଙ୍କୁ ବାଦ୍ ଦିଆଯାଇଛି। ଏହାଛଡ଼ା ମାମଲା ଏବେ ସୁପ୍ରିମକୋର୍ଟର ବିଚାରାଧୀନ ଥିବା ବେଳେ କେନ୍ଦ୍ର ସରକାର ତରବରିଆ ଭାବେ ଏହାର କାର୍ଯ୍ୟକାରିତା ସମ୍ପର୍କିତ ବିଜ୍ଞପ୍ତି ଜାରି କରିବା ଦ୍ୱାରା ଏହାପଛର ପ୍ରଚ୍ଛନ୍ନ ରାଜନୈତିକ ଉଦ୍ଦେଶ୍ୟ ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ।

ଏହି ଆରୋପ-ପ୍ରତ୍ୟାରୋପରୁ କିଛି ସମୟ ପାଇଁ ବିରତ ରହି ଆସାମ ନାଗରିକ ପଞ୍ଜିକା(ଏଆରସି)ର ପୃଷ୍ଠଭୂମି ଏବଂ କେତେକ ପରିସଂଖ୍ୟାନ ଆଧାରରେ ସିଏଏକୁ ତର୍ଜମା କଲେ କିଛି ଭିନ୍ନ ସଙ୍କେତ ମିଳୁଛି -

ଆସାମକୁ ଅନୁପ୍ରବେଶକାରୀ/ଶରଣାର୍ଥୀ ସମସ୍ୟାମୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଏଆରସି ନବୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ତାଲିକା ଘୋଷଣା ହୋଇଥିଲା ୨୦୧୯ ଅଗଷ୍ଟ ମାସରେ, ଯେଉଁଥିରୁ ପ୍ରାୟ ଆସାମର ୧୯ ଲକ୍ଷ ମୂଳ ବାସିନ୍ଦା ବାଦ୍ ପଡ଼ିଥିବା ଅଭିଯୋଗ ହୋଇଥିଲା। ନୂଆଦିଲ୍ଲୀସ୍ଥିତ 'ରାଇଟ୍ ଆଣ୍ଡ ରିସ୍କ ଆନାଲିସିସ୍' ଗ୍ରୁପ୍‌ର ସୂଚନା ଅନୁଯାୟୀ ଏଆରସିର ପ୍ରାଥମିକ ବା ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଆସାମର ୪୧, ୧୦, ୧୬୯ ମୂଳ ନାଗରିକ ଓ ବାଂଲାଦେଶୀ ହିନ୍ଦୁ ସେମାନଙ୍କ ନାଗରିକତ୍ୱକୁ ବୈଧ କରିବା ବା ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇବା ପାଇଁ ଖର୍ଚ୍ଚ କରିଥିଲେ ପ୍ରାୟ ୭, ୮୩୬ କୋଟି ଟଙ୍କା। ଅର୍ଥାତ୍ ଜଣକ ପିଛା ହାରାହାରି ଖର୍ଚ୍ଚ ଥିଲା ୧୯, ୦୬୫ ଟଙ୍କା। ଏହାସତ୍ତ୍ୱେ ଚୂଡ଼ାନ୍ତ ଏଆରସିରୁ ବାଦ୍ ପଡ଼ିଥିବା ପ୍ରାୟ ୧୯ ଲକ୍ଷଙ୍କ ମଧ୍ୟରେ ଅଛନ୍ତି ୫, ୦୪, ୮୦୦ ବାଂଲାଦେଶୀ ହିନ୍ଦୁଙ୍କ ସମେତ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଆସାମର ମୂଳ ହିନ୍ଦୁ। ଏଆରସିରେ ସେମାନଙ୍କ ନାମ ନଥିବାରୁ ଏବେ ସେମାନେ ବିଦେଶୀ ଭାବେ ପରିଗଣିତ ହେଉଛନ୍ତି। ତେଣୁ ଭାରତର ନାଗରିକତ୍ୱ ହାସଲ ପାଇଁ ସେମାନଙ୍କୁ 'ଫରେନର୍ସ ଟ୍ରିବ୍ୟୁନାଲ୍ ଅର୍ଡର ୧୯୬୪' ଅନୁଯାୟୀ 'ଫରେନର୍ସ ଟ୍ରିବ୍ୟୁନାଲ୍'ରେ ଆବେଦନ କରିବାକୁ ପଡ଼ିବ। ଆବେଦନ ପାଇଁ ଜଣକ ପିଛା ହାରାହାରି ପ୍ରାୟ ୧ ଲକ୍ଷରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ୨୦୧୯ରେ ଆକଳନ କରାଯାଇଥିଲା। ଆମ ଦେଶରେ ନ୍ୟାୟିକ ବ୍ୟବସ୍ଥାର ମନ୍ଥର ଗତି ଦୃଷ୍ଟିରୁ ଏହି ଅର୍ଥ ପରିମାଣ ଆହୁରି ବୃଦ୍ଧି ହୋଇପାରେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରେ ଥିବା ଏହି ଲୋକମାନେ ଏତେ ଟଙ୍କା ଖର୍ଚ୍ଚ କରି ଭାରତର ନାଗରିକତ୍ୱ ହାସଲ କରିବା କାଠିକର ପାଠ। ଯଦି ଜାତୀୟସ୍ତରରେ ଏନ୍‌ଆରସି ନବୀକରଣ ହୁଏ ଏବଂ ପ୍ରଶାସନିକ ତ୍ରୁଟି କାରଣରୁ ଅଧିକ ସଂଖ୍ୟକ ବୈଧ ବା ଦେଶର ମୂଳ ନାଗରିକ ତାଲିକାରୁ ବାଦ୍ ପଡ଼ନ୍ତି ତେବେ ସ୍ଥିତି ଆହୁରି ଜଟିଳ ହେବ। ଏହାଛଡ଼ା ପ୍ରାୟ ୧୦ ବର୍ଷ ଧରି ଚାଲିଥିବା ଏଆରସି ଚୂଡ଼ାନ୍ତ ତାଲିକା ପ୍ରକାଶ ପ୍ରକ୍ରିୟାରେ ୫୨ ହଜାର ସରକାରୀ କର୍ମଚାରୀ ନିଯୁକ୍ତ ହୋଇଥିବା ବେଳେ ଜଣେ ବ୍ୟକ୍ତି ପିଛା ୫୩୩ ଟଙ୍କା ହିସାବରେ ସରକାରୀ ତହବିଲରୁ ଖର୍ଚ୍ଚ ହୋଇଥିଲା ପ୍ରାୟ ୧୬୦୦ କୋଟି ଟଙ୍କା। ଏହି ଆଧାରରେ ଆକଳନ କରାଗଲେ ସମଗ୍ର ଦେଶରେ ଏନ୍‌ଆରସି ପାଇଁ କେତେ ବିପୁଳ ଆର୍ଥିକ ସମ୍ବଳ, ମାନବ ସମ୍ବଳ ଓ ସମୟ ଅପଚୟ ହେବ ତାହା ଅନୁମେୟ। ଅନୁପ୍ରବେଶକାରୀ ସମସ୍ୟା ଦୂର କରିବା ପାଇଁ ଏହି ବିଶାଳ ଆର୍ଥିକ ବୋଝ ଯୁକ୍ତିସଙ୍ଗତ ହୋଇପାରେ, କିନ୍ତୁ ଏହା ଯେ ଶତ ପ୍ରତିଶତ କାର୍ଯ୍ୟକାରୀ ଏବଂ ସଫଳ ହେବ ତାହା ଏଆରସି ଅନୁଭୂତି ଆଧାରରେ ନିଶ୍ଚିତ କରିହେଉନାହିଁ।

ଆଉ ଏକ ଅଭିଯୋଗ ହେଉଛି ଯେ ଭାରତ 'ରେଫ୍ୟୁଜି କନ୍‌ଭେନ୍‌ସନ୍' କିମ୍ବା '୧୯୬୭ ପ୍ରୋଟୋକଲ୍'ରେ ସ୍ୱାକ୍ଷର କରି ନଥିବାରୁ ସିଏଏ ଓ ପରବର୍ତ୍ତୀ ସମୟରେ ନୀବକୃତ ହେବାକୁ ଥିବା ସମ୍ଭାବ୍ୟ ଏନ୍‌ଆରସିରୁ ବାଦ୍ ପଡ଼ିଲା ପରେ ବହିରାଗତଙ୍କୁ ତଡ଼ି ଦିଆଯିବ। ଏଠାରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ବିବୃତିକୁ ଉଦ୍ଧାର କରାଯାଇପାରେ। ୨୦୧୭ରେ ଏକ ଟ୍ୱିଟର ବାର୍ତ୍ତାରେ ସେ ଉଲ୍ଲେଖ କରିଥିଲେ ଯେ ଭାରତ 'ରେଫ୍ୟୁଜି କନ୍‌ଭେନ୍‌ସନ୍' କିମ୍ବା '୧୯୬୭ ପ୍ରୋଟୋକଲ୍'ରେ ସ୍ୱାକ୍ଷର କରି ନଥିଲେ ମଧ୍ୟ ଆନ୍ତର୍ଜାତିକ ଆଇନକୁ ସମ୍ମାନ ଜଣାଇ କୌଣସି ବହିରାଗତ କିମ୍ବା ଶରଣାର୍ଥୀଙ୍କୁ ଦେଶାନ୍ତରିତ କରିବ ନାହିଁ। ୨୦୧୬ରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରଣ ରିଜ୍ଜୁ ସଂସଦରେ ଦେଇଥିବା ସୂଚନା ଅନୁଯାୟୀ ଭାରତରେ ଆନୁମାନିକ ୨ କୋଟି ବାଂଲାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି। ଇତିମଧ୍ୟରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଥାଇପାରେ, ଯେଉଁମାନେ ଭାରତୀୟ ନାଗରିକଙ୍କ ଭଳି ଅନେକ ସୁବିଧା ସୁଯୋଗ ଅନୈତିକ ଭାବରେ ଉପଭୋଗ କରୁଛନ୍ତି। ଉପରୋକ୍ତ ଦୁଇ ଆନ୍ତର୍ଜାତିକ ଚୁକ୍ତିରେ ସ୍ୱାକ୍ଷର କରି ନଥିବା ଆଳରେ ସେମାନଙ୍କୁ କେବେ ଠାରୁ ତଡ଼ି ଦିଆଯାଇପାରିଥା'ନ୍ତା। ତେଣୁ କେନ୍ଦ୍ରରେ ଯେଉଁ ଦଳ ସରକାର ଗଢୁ ନା କାହିଁକି ଶରଣାର୍ଥୀଙ୍କୁ ତଡ଼ିବା ଏତେ ସହଜ ବ୍ୟାପାର ନୁହେଁ।

ଏବେ ଆଉ ଏକ ପରିସଂଖ୍ୟାନ ଉପରେ ଦୃଷ୍ଟି ଦିଆଯାଉ। ଯଦି ସିଏଏ ଆଧାରରେ ଏନ୍‌ଆରସି ତତ୍କାଳ କାର୍ଯ୍ୟକାରୀ ହୁଏ ଏବଂ ତ୍ରୁଟିଶୂନ୍ୟ ହୁଏ ତେବେ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ସେହି ସମସ୍ତ ୨ କୋଟି ଅଣହିନ୍ଦୁ ଅନୁପ୍ରବେଶକାରୀ(ସଂଖ୍ୟା ଆହୁରି ଅଧିକ ହୋଇପାରେ)ଙ୍କୁ ଦେଶାନ୍ତର ନ କରି ଅଟକ ଶିବିରରେ ରଖାଯିବ। ୨୦୧୯ ସେପ୍ଟେମ୍ବରରେ ଆସାମ ସରକାର ୩ ହଜାର ଅନୁପ୍ରବେଶକାରୀଙ୍କ ପାଇଁ ଗୋଆଲ୍‌ପାରାରେ ଅଟକ ଶିବିର ନିର୍ମାଣରେ ଖର୍ଚ୍ଚ କରିଥିଲେ ୪୫ କୋଟି ଟଙ୍କା। ଏଆରସିରୁ ବାଦ୍ ପଡ଼ିଥିବା ୧୯ ଲକ୍ଷ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତାବିତ ଅଟକ ଶିବିର ନିର୍ମାଣ ଲାଗି ରାଜକୋଷରୁ ପ୍ରାୟ ୨୮, ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେତେବେଳେ ଆକଳନ କରାଯାଇଥିଲା। ଏହି ହିସାବ ଅନୁଯାୟୀ ୨କୋଟିରୁ ଊର୍ଦ୍ଧ୍ୱ ଅଣହିନ୍ଦୁ ଅନୁପ୍ରବେଶକାରୀ(ଯେଉଁମାନେ ସମ୍ଭାବ୍ୟ ଏନ୍‌ଆରସିରୁ ବାଦ୍ ପଡ଼ିବା ପ୍ରାୟ ନିଶ୍ଚିତ)ଙ୍କ ପାଇଁ ଅଟକ ଶିବିର ନିର୍ମାଣ ଓ ସେଠାରେ ସେମାନଙ୍କ ଭରଣପୋଷଣ ଲାଗି ବାର୍ଷିକ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ତେଣୁ ଭାରତର ଅର୍ଥନୀତି ଯେ ବହିରାଗତ ବା ଶରଣାର୍ଥୀଙ୍କ ପାଇଁ ଏତେ ବଡ଼ ବୋଝ ସହିବ ସେକଥା ସହଜରେ ବିଶ୍ୱାସ କରି ହେଉନାହିଁ କି ସିଏଏ-ଏନ୍‌ଆରସି ସମ୍ପର୍କ ଆଲୋଚନା ପଛରେ କୌଣସି ଦୃଢ଼ ଆଧାର ଥିବା ମନେ ହେଉନାହିଁ।

ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନ ପରିସ୍ଥିତିରେ ସିଏଏର ସର୍ବାଧିକ ସୁଫଳ କେବଳ ଏଆରସିର ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଥିବା ଆସାମ୍‌ର ସେହି ୧୨ ଲକ୍ଷ ହିନ୍ଦୁଙ୍କୁ ହିଁ ମିଳିବ। ସିଏଏ ଆଧାରରେ ସେମାନେ ଭାରତର ନାଗରିକତ୍ୱ ହାସଲ କରିପାରିଲେ ସେମାନଙ୍କୁ ଆଉ ଫରେନର୍ସ ଟ୍ରିବ୍ୟୁନାଲ୍‌ରେ ଆବେଦନ କରିବାକୁ ପଡ଼ିବ ନାହିଁ ଏବଂ ସେମାନଙ୍କ ବିରୋଧରେ ଥିବା ସମସ୍ତ ଆପତ୍ତି ଅଭିଯୋଗ ଫରେନର୍ସ ଆକ୍ଟ-୧୯୪୬ ଅନୁଯାୟୀ ବନ୍ଦ ହୋଇଯିବ। ପ୍ରତିବଦଳରେ ସେମାନେ ଆସନ୍ତା ନିର୍ବାଚନରେ ସ୍ୱାଭାବିକ ଭାବେ ବିଜେପି ମନସ୍କ ହେବାର ସମ୍ଭାବନା ଅଧିକ। ଅପରପକ୍ଷରେ ପଶ୍ଚିମବଙ୍ଗର ଭୋଟବ୍ୟାଙ୍କ ଭାବେ ପରିଗଣିତ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏଥିରେ ସର୍ବାଧିକ ପ୍ରଭାବିତ ହେବେ। ତେଣୁ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ସିଏଏକୁ ନେଇ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ।

ବିଶେଷଜ୍ଞମାନଙ୍କ ଉପରୋକ୍ତ ମତ ଓ ମନ୍ତବ୍ୟ ଆଧାରରେ ତର୍ଜମା କଲେ ଏହି ନିଷ୍କର୍ଷ ବାହାରୁଛି ଯେ କେବଳ ଆସାମ ଓ ପଶ୍ଚିମବଙ୍ଗ ପରି ଅନୁପ୍ରବେଶ ସମସ୍ୟା ଜନିତ ସମ୍ବେଦନଶୀଳ ହାତଗଣତି କେତୋଟି ରାଜ୍ୟକୁ ଛାଡ଼ି ଦେଲେ ଦେଶର ଅନ୍ୟାନ୍ୟ ରାଜ୍ୟରେ ଏହା ସେତେଟା ପ୍ରଭାବଶାଳୀ ହେବ ନାହିଁ କି ମାତ୍ରାଧିକ ପ୍ରତିକ୍ରିୟା ପ୍ରକାଶ ପାଇବାର ଆଶଙ୍କା ମଧ୍ୟ ନାହିଁ। ଏହାଛଡ଼ା ଏଭଳି ପ୍ରକ୍ରିୟା ଏବେ ପ୍ରଥମ ଥର ପାଇଁ ଲାଗୁ ହେଉନାହିଁ। ରାଜସ୍ଥାନ ସରକାରଙ୍କ ଅନୁରୋଧକ୍ରମେ ପାକିସ୍ତାନୀ ହିନ୍ଦୁଙ୍କୁ ଭାରତୀୟ ଭିସା ଓ ନାଗରିକତା ପ୍ରଦାନ ପ୍ରକ୍ରିୟାକୁ ସରଳ ଓ କୋହଳ କରିବା ପାଇଁ ୨୦୦୪ରେ କେନ୍ଦ୍ର ସରକାର ଭାରତୀୟ ନାଗରିକ ଆଇନରେ କେତେକ ସଂଶୋଧନ କରିଥିଲେ। ୨୦୧୦ରେ ପୁଣି ଥରେ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇ ପାକିସ୍ତାନରୁ ଆସୁଥିବା ହିନ୍ଦୁ ଓ ଶିଖ୍, ଭାରତରେ ବିବାହ କରିଥିବା ପାକିସ୍ତାନୀ ମହିଳା, ପାକିସ୍ତାନରେ ବିବାହ କରିଥିବା ଭାରତୀୟ ମହିଳା ଅଥଚ ବିଧବା, ଦେଶବିଭାଜନ ପରେ ପରିବାରକୁ ଭାରତରେ ଛାଡ଼ି ପାକିସ୍ତାନ ଚାଲିଯାଇଥିବା ଏବଂ ସେଠାରୁ ଫେରି କେରଳରେ ବସବାସ କରୁଥିବା ବ୍ୟକ୍ତିମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପାଇଁ ନିୟମ କୋହଳ କରାଯାଇ 'କଟ୍ ଅଫ୍ ଡେଟ୍'କୁ ୨୦୦୯, ଡିସେମ୍ବର ୩୧ କରାଯାଇଥିଲା। ଏବେ କେନ୍ଦ୍ରରେ ଥିବା ମୋଦୀ ସରକାର ଆଣିଥିବା ସିଏଏ ଆଇନ ଜାତୀୟ ସ୍ତରରେ ଲାଗୁ ହୋଇଥିବାରୁ ଏବଂ ଏଥିରେ ଆସାମ୍ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ସାମିଲ୍ ହୋଇଯାଇଥିବାରୁ ବିବାଦ ଅଧିକ ହେଉଛି। ଏ ସବୁ ସତ୍ତ୍ୱେ ଶ୍ରୀଲଙ୍କା, ମ୍ୟାଁମାର, ନେପାଳ ଓ ଭୁଟାନର ନିର୍ଯାତିତ ଅଣମୁସଲମାନ ଦେଶାନ୍ତରିତଙ୍କୁ କାହିଁକି ସିଏଏ ଅନ୍ତର୍ଭୁକ୍ତ କରାଯାଇନାହିଁ ସେ ବିଷୟରେ କେନ୍ଦ୍ର ସରକାର ସ୍ପଷ୍ଟ କରିବା ଉଚିତ ବୋଲି ମନେ ହୁଏ।

# ଖୁସି ଓ ଆନନ୍ଦର ଜୀବନମନ୍ତ୍ର



**ଇପ୍ସିତା ମହାନ୍ତି**
ବୈପାରୀଗୁଡ଼ା, ମୋ: ୬୩୭୦୬୭୯୪୦୫

ସମ୍ପ୍ରତି ଅର୍ଥ ବା ଟଙ୍କାପଇସାକୁ ସମସ୍ତ ସୁଖ, ଶାନ୍ତି ଓ ଖୁସିର ମାପକାଠି ଭାବେ ଗଣାଯାଉଛି। ଯେଉଁମାନେ ଅର୍ଥ ପଛରେ ଦୌଡୁଛନ୍ତି ସେମାନେ ଯୁକ୍ତି ବାଢ଼ନ୍ତି ଯେ ଦୁନିଆର ସମସ୍ତ ଖୁସିକୁ ଟଙ୍କା ଦ୍ୱାରା କିଣାଯାଇ ପାରିବ। ସୁଖୀ ଓ ବିଳାସପୂର୍ଣ୍ଣ ଜୀବନ ଜିଇଁବା ପାଇଁ ଟଙ୍କା ଜରୁରୀ, ଏ କଥା ଠିକ୍। କିନ୍ତୁ ସମସ୍ତ ଆନନ୍ଦ ବା ଖୁସିର ଏକମାତ୍ର ଆଧାର କେବଳ ଟଙ୍କା ହୋଇ ନ ପାରେ। ଦ ୟୁନିଭରସିଟି ଅଫ୍ ବ୍ରିଟିଶ କଲମ୍ବିଆର ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ନିଜ ଆତ୍ମୀୟ ପରିଜନଙ୍କ ସହ ବିତାଇଥିବା ସମୟ ହିଁ ଯେ କୌଣସି ବ୍ୟକ୍ତିଙ୍କ ଜୀବନକୁ ସବୁଠାରୁ ଅଧିକ ମାତ୍ରାରେ ପ୍ରଭାବିତ କରିଥାଏ। ଟଙ୍କାପଇସା ତୁଳନାରେ ଏହାର ପ୍ରଭାବ ଅଧିକ। ସ୍ନାତକ ଶ୍ରେଣୀରେ ପଢୁଥିବା ୧ହଜାର ଶିକ୍ଷାର୍ଥୀଙ୍କୁ ନେଇ ହୋଇଥିବା ଉକ୍ତ ଗବେଷଣାରେ ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା। ପ୍ରଶ୍ନଟି ଥିଲା - ସମୟ ଓ ଅର୍ଥ ମଧ୍ୟରୁ ନିଜ ଜୀବନରେ ତୁମ୍ଭେମାନେ କାହାକୁ ଅଧିକ ପ୍ରାଧାନ୍ୟ ଦେଉଛ? ସେମାନଙ୍କ ମଧ୍ୟରୁ ୬୦ପ୍ରତିଶତ ଶିକ୍ଷାର୍ଥୀ ସମୟ ଓ ୪୦ପ୍ରତିଶତ ଶିକ୍ଷାର୍ଥୀ ଅର୍ଥକୁ ପ୍ରାଥମିକତା ଦେଉଥିବା କହିଥିଲେ। ବର୍ଷକ ପରେ ଏହି ଶିକ୍ଷାର୍ଥୀଙ୍କୁ ସେହି ଏକା ପ୍ରଶ୍ନ କରିବାରୁ ଚକିତ କରିଦେବା ଭଳି ଉତ୍ତର ମିଳିଥିଲା। ଯେଉଁ ୪୦ପ୍ରତିଶତ ଶିକ୍ଷାର୍ଥୀ ଅର୍ଥକୁ ପ୍ରାଥମିକତା ଦେଇଥିଲେ ସେମାନଙ୍କ ଜୀବନରେ ସୁଖର ମାତ୍ରା ହ୍ରାସ ପାଇଥିବା ଜଣାଗଲା। ଅର୍ଥାତ ଟଙ୍କାକୁ ପ୍ରାଧାନ୍ୟ ଦେଉଥିବା ଶିକ୍ଷାର୍ଥୀଗଣ ଅଧିକ ଦୁଃଖୀ ଥିବା ଜଣାପଡ଼ିଥିଲା। ଉକ୍ତ ଗବେଷଣାତ୍ମକ ତଥ୍ୟରେ ଲୋକେ ଅର୍ଥ ବଦଳରେ ନିଜ ଆତ୍ମୀୟ ପରିଜନଙ୍କୁ ମହତ୍ୱ ଦେଉଥିବା ଜଣାପଡ଼ିଛି।

ଏହି ଗବେଷଣାଲବ୍ଧ ତଥ୍ୟକୁ ଆଧାର ରୂପେ ମାନି ନେଲେ କୁହାଯାଇପାରେ ଯେ ଜୀବନର ବିଭିନ୍ନ ଅସୁବିଧା ଓ ଦୁଃଖ ପଛରେ ମୁଖ୍ୟତଃ ନିଜ ଆତ୍ମୀୟ ପରିଜନଙ୍କ ପ୍ରଭାବ ରହିଛି। ଅର୍ଥ ଲବ୍ଧ ସୁଖ, ଶାନ୍ତି ଓ ଖୁସି କ୍ଷଣସ୍ଥାୟୀ ହୋଇଥାଏ। ଆତ୍ମୀୟ ପରିଜନ ହିଁ ଚିରସ୍ଥାୟୀ ସୁଖ, ଶାନ୍ତି ଓ ଖୁସି ଦେଇପାରନ୍ତି।

ନିଜ ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ଥିଲେ ଜଣେ ଅଧିକ ସୁଖୀ ରହିପାରିବ, ଏ କଥାରେ ସଭିଏଁ ଏକମତ। କିନ୍ତୁ ନିଜ ବ୍ୟାଙ୍କ୍ ଖାତାରେ ପ୍ରଚୁର ଅର୍ଥ ଥିଲେ ମଧ୍ୟ ଏହା ଖୁସିର କାରଣ ହୋଇ ନ ପାରେ। ସମସ୍ତଙ୍କର ଏକ ଧାରଣା ରହିଛି, ଯେ ଧନିକ ଶ୍ରେଣୀର ଲୋକେ ଅଧିକ ସୁଖୀ ହୋଇଥା'ନ୍ତି। ପୁଣି ସାରାଦୁନିଆରେ ଏମାନେ ଅତ୍ୟନ୍ତ ଭାଗ୍ୟଶାଳୀ ହୋଇଥା'ନ୍ତି ବୋଲି ଆମେ ଭାବିଥାଉ। କାରଣ ଅର୍ଥ ହିଁ ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭୌତିକ ସୁଖ ସୁବିଧା ପୂରଣ କରିବାରେ ସମର୍ଥ। ଗୋଟିଏ ଦିଗରେ ଯେତେବେଳେ ଆମ ପେଟ ପୂର୍ଣ୍ଣ ରହିଥାଏ ଏବଂ ହାତରେ ପର୍ଯ୍ୟାପ୍ତ ଅର୍ଥ ଥାଏ ସେତେବେଳେ ଆମକୁ ଖୁସିରେ ରହିବାର ଅବସର ମିଳିଥାଏ। ଅନ୍ୟ ଦିଗରେ ଅନେକ ସମୟରେ କେତେକଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ତ ଥାଏ ହେଲେ ଏହାକୁ ଖର୍ଚ୍ଚ କରିବା ପାଇଁ ସେମାନଙ୍କ ପାଖରେ ଆଦୌ ସମୟ ନ ଥାଏ। ଏଭଳି ପରିସ୍ଥିତିରେ ଅର୍ଥ ସୁଖ ପ୍ରଦାନ କରିବାରେ ଅସମର୍ଥ। ଅନେକ ଲୋକ ପ୍ରଥମେ ଅର୍ଥ ରୋଜଗାର କରିନେଇ ପରେ ନିଜ ପରିଜନଙ୍କ ସହ ସମୟ ବିତାଇବା ପାଇଁ ଆଗ୍ରହ ରଖିଥା'ନ୍ତି। କିନ୍ତୁ ଅର୍ଥ ଉପାର୍ଜନ ନିଶାରେ ଆତ୍ମୀୟ ପରିଜନଙ୍କୁ ଭୁଲି ଯାଆନ୍ତି। ଫଳସ୍ୱରୂପ ସମ୍ପର୍କରେ ଦୂରତା ବଢ଼ିଚାଲେ। ବାସ୍ତବରେ ଅର୍ଥ ଦ୍ୱାରା ଖୁସି ବା ସୁଖ ମିଳେ ନାହିଁ। ନିଜ ଆତ୍ମୀୟ ପରିଜନଙ୍କ ସହ ସମୟ ବିତାଇବା ଦ୍ୱାରା ଖୁସି ମିଳିଥାଏ।



ମୋଟାମୋଟି ଭାବରେ କହିବାକୁ ଗଲେ ଭଲ ପାଇବାରେ ମିଳୁଥିବା ଖୁସି ଏବଂ ଖୁସିରେ ପରିପୂର୍ଣ୍ଣ ମନ ଜୀବନର ଗତିପଥକୁ ସଠିକ ବାଟରେ ମାର୍ଗଦର୍ଶନ କରିଥାଏ। ବିଶାଳ ଜନସମୁଦ୍ର ମଧ୍ୟରେ ବୃତ୍ତି ଓ ଚାକିରି ପଛରେ ଧାଉଁଥିବା ସାଧାରଣ ଜନତା ଆଜି ଏ କଥାକୁ କ୍ରମଶଃ ବୁଝିବାରେ ଲାଗିଲେଣି।

ଶରୀରବିଜ୍ଞାନ ଅନୁଯାୟୀ ଖୁସି ଓ ଆନନ୍ଦ ଦ୍ୱାରା ଆମ ଶରୀରରେ ଏଣ୍ଡୋରଫିନ୍ସ, ସେରୋଟୋନିନ୍, ଅକ୍ସିଟୋସିନ୍ ନାମକ ହରମୋନ ସୃଷ୍ଟି ହୋଇଥାଏ। ଏହା ଆମକୁ ସକାରାତ୍ମକ ଭାବେ ମାନସିକ ଓ ଭାବପ୍ରବଣତା ଦିଗକୁ ଟାଣି ନିଏ। ଯଦି କେହି ଖୁସି ଓ ଆନନ୍ଦଠାରୁ ଦୂରେଇ ରହୁଥା'ନ୍ତି, ତେବେ ଅସମୟରେ ଅବସାଦ ଓ ଚାପ ତାଙ୍କୁ ମାଡ଼ି ବସେ। ଏହି ସମୟରେ ଶରୀରରେ କୋର୍ଟିସୋଲ୍ ଓ ଏଡ୍ରୋନାଲାଇନ୍ ନାମକ ବାୟୋକେମିକାଲ୍ ନ୍ୟୁରୋଟ୍ରାନ୍ସମିଟରର ଉତ୍ପନ୍ନ ଘଟେ, ଯାହା ଶରୀର ତଥା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ।

ଖୁସି, ଆନନ୍ଦ ବା ସୁଖ - ଏ ସବୁ ବଜାରରେ ମିଳେନା। ଏସବୁ ଅତି ଦୁର୍ଲଭ। ନିଜ ଆତ୍ମୀୟ ପରିଜନଙ୍କ ସହ ସମୟ ଅତିବାହିତ ଦ୍ୱାରା ଏହା ମିଳିପାରେ। ପରସ୍ପର ମଧ୍ୟରେ ସୁସମ୍ପର୍କ ଓ ଭଲପାଇବା ଦ୍ୱାରା ଏହା ବଢ଼ିଚାଲେ। ଅନ୍ୟମାନଙ୍କ ସହ ଖୁସି ବାଣ୍ଟି ଚାଲିଲେ ଆମ ଜୀବନ ହସ, ଖୁସି, ଆନନ୍ଦ ଓ ସୁଖରେ ଭରି ଉଠେ। ଯେଉଁ ପିତାମାତା ନିଜ ପିଲାଙ୍କୁ ଭଲ ମଣିଷ ହେବା ପରିବର୍ତ୍ତେ ବେଶୀ ରୋଜଗାର କରିପାରୁଥିବା ବଡ଼ ମଣିଷ ଭାବେ ଗଢ଼ି ତୋଳିଥା'ନ୍ତି, ତାହାର ପରାଭବ ପ୍ରଥମେ ସେହି ପିତାମାତା ହିଁ ଭୋଗ କରିଥା'ନ୍ତି। ଭଲପାଇବା, ଖୁସି ଓ ଆନନ୍ଦ କେବଳ ପ୍ରାପ୍ୟ ପାଇଁ ନୁହେଁ, ବରଂ ଅନ୍ୟମାନଙ୍କ ନିକଟରେ ନିଜକୁ ହଜେଇ ଦେବାକୁ ବୁଝାଇଥାଏ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ବାଲି ଚୋରାଚାଲାଣ ବୃଦ୍ଧି

## ଚଢ଼ା ଦରରେ ବିକୁଛନ୍ତି ମାଫିଆ



ମୋରଡ଼ା, ୧୪।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ତହସିଲ ଅଞ୍ଚଳରେ ଦିନକୁ ଦିନ ଚୋରା ବାଲି ଚାଲାଣ ବଢ଼ିବାରେ ଲାଗିଛି। କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି ମାଫିଆମାନେ ଚୋରାରେ ବାଲି ଚାଲାଣ କରୁଛନ୍ତି। ବାଲିଘାଟଗୁଡିକ ଖଣି ବିଭାଗକୁ ହସ୍ତାନ୍ତର ହେବା ପରେ ମୋରଡ଼ା ଥାନା ଅଞ୍ଚଳରେ ବାଲିମାଫିଆ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ଏହି ଅଞ୍ଚଳରେ ରାତିରେ ଶହ ଶହ ଟ୍ରିପ ବାଲି ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଏବଂ ବାଲେଶ୍ୱରକୁ ଚାଲାଣ ହେଉଛି। ଫଳରେ ଏହି ଅଞ୍ଚଳର ଲୋକେ ଗୃହ ନିର୍ମାଣ କରିବା ନିମନ୍ତେ ଚଢା ଦରରେ ବାଲି କିଣିବାକୁ ବାଧ ହେଉଛନ୍ତି। ଏପରିକି କେତେକ ମଧ୍ୟବିତ୍ତ ପରିବାର ବାଲି କିଣି ନ ପାରି ଘରକୁ ଅଧାରେ ରଖିଛନ୍ତି। ତେବେ ରାତିରେ ବାଲି ଚୋରା ଚାଲାଣକୁ ରୋକିବା ନେଇ ମୋରଡ଼ା ତହସିଲ ଅଧୀନରେ ଥାନା ଓ ଚିତ୍ରଡା ଫାଣ୍ଡି ଉପରେ ଲୋକେ ଭରସା କରୁଥିବା ବେଳେ ଫାଣ୍ଡି ଏରିଆରେ ଚଢଉ ହେଉଛି; କିନ୍ତୁ ଥାନା ଅଞ୍ଚଳରେ କୌଣସି ଚଢଉ ନ ହେବା ଫଳରେ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ମାଫିଆମାନେ ବେଆଇନ ଭାବରେ ଶହ ଶହ ଟ୍ରିପ ବାଲି ନଦୀରୁ ଆଣି ଅଞ୍ଚଳରେ ବିକ୍ରି ନ କରି ଅନ୍ୟ ସ୍ଥାନରେ ଗଚ୍ଛିତ କରି ରଖୁଛନ୍ତି। ଫଳରେ ବାଲି ଟ୍ରାକ୍ଟର ପିଛା ୩୦୦୦ଟଙ୍କା ବୃଦ୍ଧି ପାଇଛି। ଏହାକୁ ଲୋକେ ଅର୍ଥଦଣ୍ଡ କହୁଛନ୍ତି। ତେଣୁ ପୁଲିସ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ ଦାବି ହେଉଛି।

## କବିରାଜଙ୍କ ପରଲୋକ



ବଡ଼ଡାଲିମା/ତିରିଙ୍ଗ, ୧୪।୩(ସମିସ): ତିରିଙ୍ଗ ବ୍ଲକକୁ ଲାଗିଥିବା ପଡୋଶୀ ଝାରଖଣ୍ଡ ରାଜ୍ୟର କୁଲଡିହା ଗ୍ରାମର ନିବାସୀ ରମେଶଚନ୍ଦ୍ର କେଶରୀଙ୍କ ଗତ ୧୨ ତାରିଖରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ସେ ଜଣେ ପରୋପକାରୀ ବ୍ୟକ୍ତି ଏବଂ ଜଣେ କବିରାଜଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଥାଉ କି ସ୍ୱର୍ଗତ କେଶରୀଙ୍କ ପରିବାର ତିରିଙ୍ଗ ଅଞ୍ଚଳରେ ବସବାସ କରୁଛନ୍ତି।

## କପ୍ତିପଦା-ଶରତ ରାସ୍ତା ପାଲଟିଛି ମରଣଯନ୍ତା



କପ୍ତିପଦା, ୧୪।୩(ସମିସ): କପ୍ତିପଦା-ଶରତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା କପ୍ତିପଦାରୁ ଜାମବଣୀ ପର୍ଯ୍ୟନ୍ତ ବିପଦସଙ୍କୁଳ ରହିଥିବାବେଳେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ଭାରୀଯାନ, ବସ, ଚଳାଚଳ କରୁଛି। ଏପରିକି ୪ଟି ପଞ୍ଚାୟତର ଲୋକେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏବେ ରାସ୍ତା ମରଣଯନ୍ତା ପାଲଟିଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ସ୍କୁଲ, କଲେଜ, ତହସିଲ, ଡାକ୍ତରଖାନା, ଥାନାକୁ ଆସୁଥିବା ଲୋକେ ଦୁର୍ଘଟଣାରେ ଶିକାର ହେଉଛନ୍ତି। ବିଶେଷ କରି ନୂଆସାହି ମାର୍କେଟରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ସାମାନ୍ୟ ବର୍ଷାରେ ପାଣି ଜମା ହୋଇରହୁଛି। କିଛିଦିନ ପୂର୍ବରୁ କପ୍ତିପଦା ତହସିଲଦାର ଚାଷଜମିରୁ ଜଳ ନିଷ୍କାସନ କରିବା ପାଇଁ ରାସ୍ତାରେ ଗୋଟିଏ ପାଖରେ ଡ୍ରେନ ତାଡି ରାସ୍ତାର ଓସାର କମାଇ ଦେଇଥିଲେ। ଚାଷକାମ ପରେ ସବୁଦିନିଆ ଡ୍ରେନେଜ ବ୍ୟବସ୍ଥା କରିବାକୁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଜାମବଣୀରୁ କପ୍ତିପଦା ପର୍ଯ୍ୟନ୍ତ ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ଥିବା ଏହି ରାସ୍ତାଟି କିଛିଦିନ ପୂର୍ବରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଭାଗ ତରଫରୁ ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ହୋଇଥିଲା; ମାତ୍ର କାମ ଆରମ୍ଭ ପୂର୍ବରୁ ଟେଣ୍ଡର ନାକଚ ହୋଇଯାଇଥିବାରୁ ଏବେ ମରାମତି ନ ହୋଇ ମରଣଯନ୍ତା ପାଲଟିଛି। ଆଗାମୀ ଦିନରେ ରାସ୍ତା ନିର୍ମାଣ ନ ହେଲେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

କୂଳ ଖାଉଛି ନାଲୁହା ନଦୀ

# ଗୁହିରାଡୁବା ଗାଁ ଲୋକେ ଆତଙ୍କିତ

କୁଆମରା, ୧୪।୩(ସମିସ)



ବାତ୍ୟା, ବନ୍ୟା ନାଁ ଶୁଣିଲେ ଅନ୍ୟତ୍ର ଖୋଜନ୍ତି ବାସସ୍ଥାନ

ଶିମିଳିପାଳ ପାଦଦେଶରୁ ବାହାରିଥିବା ନାଲୁହା ନଦୀ ଖୁଣ୍ଟା ବ୍ଲକ ଦେଇ ପ୍ରବାହିତ ହେଉଛି। ଏହି ନଦୀର ଦୁଇ ପାର୍ଶ୍ୱରେ ଗ୍ରାମ ଓ ଚାଷ ଜମି ରହିଥିବାବେଳେ ତାହା ଏବେ ନଦୀଗର୍ଭରେ ଲୀନ ହେବାକୁ ବସିଛି। ଗଡ଼ିଗାଁ ପଞ୍ଚାୟତ ଗୁହିରାଡୁବା ଗ୍ରାମର ହରିଜନ ସାହି ଓ ବାଥୁଡି ସାହିର ପରିବାର ସଂଖ୍ୟା ପ୍ରାୟ ୩୦ ହୋଇଥିବାବେଳେ ଲୋକସଂଖ୍ୟା ୨ ଶହ ହେବ। ଏହି ପରିବାରଗୁଡିକ ଦୀର୍ଘ ବର୍ଷ ଧରି ସ୍ଥାୟୀ ବାସିନ୍ଦା ଭାବେ ରହି ଆସୁଛନ୍ତି। ଏହି ଦୁଇଟି ସାହି ନାଲୁହା ନଦୀକୂଳରେ ଅବସ୍ଥିତ। ଗାଁରୁ ନଦୀର ଦୂରତା ମାତ୍ର ୫୦ ମିଟର। ତେଣୁ ବର୍ଷା ଋତୁ ଆସିଲେ ଲୋକଙ୍କ ଚିନ୍ତା ବଢ଼ିଯାଏ। ନଦୀରେ ବନ୍ୟା ଜଳ ଆସିବା ଯୋଗୁଁ ପ୍ରତିବର୍ଷ ଚାଷ ଜମି ସହ ବାସଗୃହ ନଦୀ ଗର୍ଭରେ ଲୀନ ହୋଇଚାଲିଛି। ନଦୀ କୂଳ ଖାଇବା ଯୋଗୁଁ ଏହି ଦୁଇ ସାହି ଏବେ ବିପଦରେ। ଗତ ୧୯୯୯ ମହାବାତ୍ୟାରେ ଏହି ଦୁଇ ସାହିର ଏକାଧିକ ଚାଷ ଜମି ବାଲିଚର ପାଲଟିଯାଇଥିଲା। ଆଉ କେତେକ ବାସଗୃହ ମଧ୍ୟ ନଦୀ ଗର୍ଭରେ ଲୀନ ହୋଇଯାଇଥିଲା। ମହାବାତ୍ୟା ପରେ ଚାଷଜମିଗୁଡିକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ କରାଯାଇଥିଲା; କିନ୍ତୁ ପୁଣି ଫାଇଲିନ ବାତ୍ୟାରେ ପଥର ପ୍ୟାକିଂ ନଷ୍ଟ ହୋଇଯାଇଥିଲା। ତା'ପରଠାରୁ ନଦୀ କୂଳ ଖାଇ ଗ୍ରାମମୁହାଁ ହୋଇଚାଲିଛି। ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୫ କିମି ବ୍ୟବଧାନ ମଧ୍ୟରେ ଏକାଧିକ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଗଲାଣି। ଏକାଧିକ ସ୍ଥାନରେ ବେଆଇନ ଇଟାଭାଟି ଯୋଗୁଁ ନଦୀ କୂଳ ଖାଇବା ଅନ୍ୟତମ କାରଣ ବୋଲି ଗ୍ରାମବାସୀ କହୁଛନ୍ତି।

ସେହିପରି ପ୍ରତିବର୍ଷ ନଦୀରୁ ବେଆଇନ ବାଲି ଏବଂ ନଦୀପଠାରୁ ହଜାର ହଜାର ଟ୍ରିପ୍ ମାଟି ଉଠାଣ ହେଉଥିବାର କୂଳ ଖାଇଚାଲିଛି। ଫଳରେ ବନ୍ୟା ଆସିଲେ ହାଲୁକା ମାଟିକୁ ଧୋଇ ନେଇ ଯାଉଛି। ବନ୍ୟା ଏବଂ ବାତ୍ୟା ନାଁ ଶୁଣିଲେ ଦୁଇ ସାହିର ଲୋକେ ଭୟରେ ଘର ଛାଡ଼ି ଅନ୍ୟତ୍ର ବାସ ଖୋଜନ୍ତି। ବର୍ଷା ଋତୁ ୪ ମାସ ଆତଙ୍କିତ ଅବସ୍ଥାରେ ଦିନ କାଟନ୍ତି ସାହି ଲୋକେ। ତେଣୁ ଗ୍ରାମ ଓ ଚାଷ ଜମିର ସୁରକ୍ଷା ନିମନ୍ତେ ନଦୀର ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ ପାଇଁ ପଲ୍ଲିସଭା ଓ ପଞ୍ଚାୟତ ମାସିକ ବୈଠକରେ ଦାବି ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଆର୍ତ୍ତ ନାଏକ, ରତିକାନ୍ତ ଖଣ୍ଡେଇ, ଅନ୍ତରା ମଡେଇ, ସୁରେନ୍ଦ୍ର ମଡେଇ, ରତ୍ନାକର ସେନାପତି ପ୍ରମୁଖ ଅଭିଯୋଗ କରିଛନ୍ତି।

■ ପୌର ପରିଷଦ ମାନ୍ୟତା ସ୍ୱପ୍ନ ଅଧୁରା ରହିଲା

## ଦ୍ୱିତୀୟ ପର୍ଯ୍ୟାୟରେ ବି ଉଦଳାବାସୀ ନିରାଶ

ଉଦଳା, ୧୪।୩(ସମିସ)

ବୁଧବାର ପୁଣି ରାଜ୍ୟ ସରକାର ୨୨ଟି ଏନଏସି ଓ ଗୋଟିଏ ପୌର ପରିଷଦ ଘୋଷଣା କରିଛନ୍ତି। ପୂର୍ବରୁ ଯେଉଁ ଅଞ୍ଚଳଗୁଡିକୁ ଏନଏସି କିମ୍ବା ପୌର ପରିଷଦ ମାନ୍ୟତା ମିଳି ନ ଥିଲା ସେହି ଅଞ୍ଚଳବାସୀବିରୋଧ ପ୍ରଦର୍ଶନ କରିଥିଲେ। ତେଣୁ ରାଜ୍ୟ ସରକାର ବୁଧବାର ସମ୍ପୃକ୍ତ ଅଞ୍ଚଳଗୁଡିକୁ ଏନଏସି ଘୋଷଣା କରିଛନ୍ତି। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଉଦଳା ଏନଏସି ପୌର ପରିଷଦ ମାନ୍ୟତାରୁ ବାଦ ପଡ଼ିଛି। ଉଦଳା ଏନଏସି ୧୨ଟି ୱାର୍ଡକୁ ନେଇ ଗଠିତ। ଗତ ୧୯୭୩ ମସିହାରେ ଉଦଳା ଏନ.ଏ.ସି. ଗଠନ ହୋଇଥିଲା। ଇତିମଧ୍ୟରେ ୫୦ ବର୍ଷ ବିତିଯାଇଥିଲେ ହେଁ ପୌର ପରିଷଦ ଘୋଷଣା ନ ହେବା ସହରବାସୀଙ୍କ ମଧ୍ୟରେ ପୁଣି ଅସନ୍ତୋଷ ଦେଖାଦେଇଛି। କେଉଁ କାରଣରୁ ଉଦଳା ସହରକୁ ପୌରପରିଷଦ ମାନ୍ୟତା ମିଳୁନାହିଁ ତାହା ଚର୍ଚ୍ଚାର ବିଷୟ ହୋଇଛି। ତେବେ ସହରବାସୀ ରାଜନୈତିକ ଇଚ୍ଛାଶକ୍ତି ଓ ବିକାଶର ଦୂରଦୃଷ୍ଟିହୀନତା ହିଁ ମୁଖ୍ୟ କାରଣ ବୋଲି କହୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାନ୍ୟତା ନ ମିଳିବା ନେଇ ଆଦୌ ଦାବି ନ କରିବା ବଡ କାରଣ ବୋଲି ଅଭିଯୋଗ କରିଛନ୍ତି। ସହରର ମୁଖ୍ୟ ସମାସ୍ୟା ମଧ୍ୟରେ ରାସ୍ତା ଘାଟ, ଜଳ ନିଷ୍କାସନ ବ୍ୟବସ୍ଥା, ପାନୀୟ ଜଳ, ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ ଆଦି ପ୍ରମୁଖ ରହିଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ମଧ୍ୟ ଅନୁରୂପଭାବେ ପ୍ରସଙ୍ଗ ରହିଛି। ଶିମିଳିପାଳର ପୂର୍ବ ପାଦଦେଶରେ ଥିବା ଏହି ଛୋଟ ସହରର ନବକଳେବର କେବେ ହେବ ସେ ନେଇ ଅନିଶ୍ଚିତତା




ସାମାନ୍ୟ ଦାବି ଜଣାଇଲେ ନାହିଁ ରାଜନୈତି ଦଳ କି ଲୋକପ୍ରତିନିଧି

ଦେଖାଦେଇଛି। ଏ ନେଇ ବିଧାୟକ, ସାଂସଦ, ନଗରପାଳ କିମ୍ବା ଲୋକପ୍ରତିନିଧିଙ୍କ ପାଖରେ ଉତ୍ତର ନାହିଁ। କେବଳ ଉଦଳାର ବିକାଶର ନାରା ଦେଇ ନିର୍ବାଚନ ସମୟରେ ଭୋଟ ହାତେଇବା ହେଉଛି ରାଜନେତାଙ୍କ କାମ। ମୋଟାମୋଟି ଭାବେ ଉଦଳା ସହରର ବିକାଶ ଦିଗହରା କହିଲେ ଭୁଲ ହେବନି। ସହରର ବିକାଶ ନେଇ ଅନେକ ଦାବି ରହିଛି। ସେହି ଦାବିଗୁଡିକ ହେଲା ପ୍ରବେଶ ପଥରେ ପରିଚୟ ଫଳକ, ବାଇପାସ ରୋଡ୍ ନିର୍ମାଣ, ମାଷ୍ଟାର ଡ୍ରେନ ନିର୍ମାଣ, ଟାଉନ ପ୍ଲାନିଂ ଜରିଆରେ ସହରର ଆଧୁନିକୀକରଣ, ଟ୍ରାଫିକ ବ୍ୟବସ୍ଥା, ଶିଶୁ ଉଦ୍ୟାନ ସାଙ୍ଗକୁ ସହରବାସୀଙ୍କ ମନୋରଞ୍ଜନ ପାଇଁ ପାର୍କ, ପାନୀୟ ଜଳ, ପାର୍କିଂ ସ୍ଥାନ, ଆଲୋକ ବ୍ୟବସ୍ଥା, ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ, ଶବଦାହ କେନ୍ଦ୍ର ସ୍ଥାପନା।

ଉଦଳା କେବଳ ନାଁକୁ ମାତ୍ର ସହର; ହେଲେ ଅସଲରେ କିନ୍ତୁ ସହରୀ ଛାପ ଏଠାରେ ଦେଖିବାକୁ ମିଳେନି। କେବଳ ଠିକାଦାରୀ ତୁଷ୍ଟିକରଣରେ ଏହି ସହରର ବିକାଶ ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାକାର ରାଜନୈତିକ ଦଳଗୁଡିକ ମଧ୍ୟରେ ଆନ୍ତରିକତା ଓ ସମନ୍ୱୟ ଅଭାବରୁ ଏହି ସହରକୁ ୫୦ ବର୍ଷ ହୋଇଥିଲେ ମଧ୍ୟ କୌଣସି ଆଖିଦୃଷିଆ ବିକାଶ ହୋଇପାରିନାହିଁ ବୋଲି ବହୁ ବୁଦ୍ଧିଜିବୀ ଅଭିଯୋଗ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ମାନ୍ୟତା ନ ମିଳିବା ନେଇ ବନ୍ଦ, ଆନ୍ଦୋଳନ ହୋଇଥିଲେ ମଧ୍ୟ ଉଦଳାରେ ସାମାନ୍ୟତମ ବିରୋଧ କରାଯାଇନଥିଲା। ତେଣୁ ରାଜନୈତିକ ଉଦାସୀନାତା ବୋଲି କହିଛନ୍ତି ସହରବାସୀ। କେବଳ ଚୌକି ଲୋଭରେ କ୍ଷମତାସୀନ ହେବା ମୂଳଲକ୍ଷ୍ୟ ବୋଲି ମଧ୍ୟ ଅଭିଯୋଗ ବାଢିଛନ୍ତି।

## ଅବକାରୀ ଚଢ଼ଉ; ୩ କୋର୍ଟଚାଲାଣ

ବେତନଟୀ, ୧୪।୩(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରା ଦେଶିମଦ ଜବତ କରାଯିବା ସହିତ ଏହି ବେଆଇନ କାରବାରରେ ଜଡିତ ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଯୋଗୀନୂଆଗାଁ ଗ୍ରାମର ରତନୀ ମୁର୍ମୁ(୩୦) ନିକଟରୁ ୧୦ଲିଟର, ବାହାନଡା ଗ୍ରାମର ଦୀନକୃଷ୍ଣ ସାହୁର ପୁଅ କ୍ଷୀରୋଦ କୁମାର ସାହୁ(୩୦) ନିକଟରୁ ୧୩ଲିଟର ଏବଂ ନହଣ୍ଡାଶୋଳ ଗ୍ରାମର ଗୋଲାପୀ ମହାନ୍ତ ନିକଟରୁ ୧୨ଲିଟର ଚୋରା ଦେଶିମଦ ଜବତ କରାଯାଇଥିଲା। ବେତନଟୀ ଥାନା ପକ୍ଷରୁ ତିନିଗୋଟି ପୃଥକ ମାମଲା ରୁଜୁ କରାଯାଇ ସମସ୍ତଙ୍କର ସ୍ୱାସ୍ଥ୍ୟପରୀକ୍ଷାପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା। ଅବକାରୀଥାନା ଅଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏଏସଆଇ ସୁଧାଂଶୁ ବେହେରା, କାଶୀନାଥ ସୋରେନ, ବ୍ରହ୍ମଜିତ ଦାସ ପ୍ରମୁଖ ସାମିଲଥିଲେ।

## ରାସ୍ତାରୋକ ପରେ ଆରମ୍ଭ ହେଲା ପାଇପ୍ ବିଛା କାମ



ବେତନଟୀ, ୧୪।୩(ସମିସ): ବେତନଟୀ ଏବଂ ସଠିଲୋ ପଞ୍ଚାୟତର ଦୁଇଟି ୱାର୍ଡକୁ ସଂଯୋଗ କରୁଥିବା ପାଇପ ଲାଇନକୁ ବିଚ୍ଛେଦ କରିବା ଘଟଣାକୁ ନେଇ ଗ୍ରାମବାସୀ ବେତନଟୀ-ମେର୍ଦ୍ଧା ରାସ୍ତାକୁ ଅବରୋଧ କରିଥିଲେ। ପରେ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ସହିତ ଆଲୋଚନା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ତେବେ ରାସ୍ତାରୋକ ୨୪ଘଣ୍ଟା ନ ପୂରୁଣୁ ବେତନଟୀ ପଞ୍ଚାୟତର ୧୫ନମ୍ବର ୱାର୍ଡ ଏବଂ ସଠିଲୋ ପଞ୍ଚାୟତର ୪ନମ୍ବର ୱାର୍ଡକୁ ପାଇପଲାଇନ ସଂଯୋଗ ନିମନ୍ତେ କାମ ଆରମ୍ଭ ହୋଇଛି। ଏହି ଦୁଇଟି ୱାର୍ଡର ୬୦ରୁ ଊର୍ଦ୍ଧ୍ୱ ପରିବାରର ଶତାଧିକ ଲୋକ ପିଇବାପାଣି ପାଇଁ ଡହଳବିକଳ ହେଉଥିବା ବେଳେ ପାଇପ ଲାଇନ ସଂଯେଗାକୁ ବିଚ୍ଛେଦ କରିଦିଆଯାଇଥିଲା। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆସୁଥିବା ବେଳେ ପାନୀୟ ଜଳକୁ ନେଇ ବିଷମ ପରିସ୍ଥିତି ଉପୁଜିବାର ଆଶଙ୍କା ମଧ୍ୟ ଦେଖାଦେଇଥିଲା। ଶେଷରେ ଗ୍ରାମର ଶତାଧିକ ମହିଳା ଗରା, ବାଲ୍ଟି ଧରି ରାସ୍ତାରୋକ କରିଥିଲେ। ତତ୍କାଳୀନ ବିଡିଓ ଡ. ଅମୃତ ରାଉଳ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ଉପଖଣ୍ଡ ଅଧିକାରୀ, କନିଷ୍ଠଯନ୍ତ୍ରୀ, ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ସଂଗଠକ ରଜତ ନାଥ, ବେତନଟୀ ସମିତିସଭ୍ୟ ରଣଜିତ ସିଂ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ବନାଗ୍ନି ନିୟନ୍ତ୍ରଣ ସଚେତନତା ପଦଯାତ୍ରା

ବେତନଟୀ, ୧୪।୩(ସମିସ)

ଜଙ୍ଗଲ ନିଆଁ ନିୟନ୍ତ୍ରଣକୁ ବ୍ୟାପକ ତଥା ଅଧିକ ଜନାଦୃତ କରିବା ଉଦ୍ଦେଶ୍ୟରେ ବୁଧବାର ବେତନଟୀ ବନବିଭାଗ ପକ୍ଷରୁ ଦଲକି, ଟିକରବାଟି ସମେତ ବିଭିନ୍ନ ସ୍ଥାନରେ ବନସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ରେଞ୍ଜର ମନୁୱର ଖାଁଙ୍କ ନେତୃତ୍ୱରେ ପଦଯାତ୍ରାରେ ବନପାଳ ପ୍ରଶାନ୍ତ ସିଂସାମନ୍ତ, ବଡାମପୁର ବନପାଳ ଦୀପକ କୁମାର ପାତ୍ର, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ ପ୍ରମୁଖ ସଂଯୋଜନା ଏବଂ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବନସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାଙ୍କ ସମେତ ବନରକ୍ଷୀ, ଗଜସାଥୀ, ପାରା ବନ କର୍ମଚାରୀ, ବନାଗ୍ନି ନିୟନ୍ତ୍ରଣରେ କାର୍ଯ୍ୟରତ କର୍ମଚାରୀ ସମୂହ ଆଜିର ଏହି ବିଶାଳ ସଚେତନାମୂଳକ ପଦଯାତ୍ରାରେ ସାମିଲ ହୋଇ ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ବ୍ୟାପକ ଜନମତ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ବନାଗ୍ନିର ପ୍ରତିକୂଳ ପ୍ରଭାବ ଦ୍ୱାରା କିଭଳି ସମଗ୍ର ମାନବସମାଜ ଧ୍ୱଂଶଭିମୁଖୀ ହେବାକୁ ଯାଉଛି ସେ ନେଇ ମଧ୍ୟ ସଚେତନ କରାଯାଇଥିଲା।

ପରିଚୟ ଖୋଜୁଛି ରାଜାବନ୍ଧ

# କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି ହେଲାନି ପୁନରୁଦ୍ଧାର

ମୋରଡ଼ା, ୧୪।୩(ସମିସ)



ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ଅନ୍ତର୍ଗତ ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥ କଡ଼ରେ ରହିଛି ରାଜା ରାଜୁଡ଼ା ଅମଳର ରାଜାବନ୍ଧ; ହେଲେ ପ୍ରଶାସନିକ ଅବହେଳାରୁ ଏହି ବନ୍ଧ ଏବେ ପରିଚୟ ହରାଇବାକୁ ବସିଛି। ୧୨୫ ଏକରରୁ ଊର୍ଦ୍ଧ୍ୱ ପରିସୀମା ବିଶିଷ୍ଟ ଏହି ବନ୍ଧ ପ୍ରାୟ ୩୦୦ ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ଯୋଗାଉଥିଲା। ବନ୍ଧର ପାଣି ବ୍ୟବହାର କରି ଚାଷୀମାନେ ଉଭୟ ଖରିଫ ଓ ରବି ଋତୁରେ ଧାନ ସହିତ ଅନ୍ୟାନ୍ୟ ଚାଷ କରି ଲାଭବାନ ହେଉଥିଲେ; କିନ୍ତୁ ଦୁଃଖର ବିଷୟ ଯେ, ଗତ କିଛି ବର୍ଷ ହେବ ଚାଷ ପାଇଁ ବର୍ଷା ଜଳ ହିଁ ଭରସା ପାଲଟିଛି। ଦିନକୁ ଦିନ ବନ୍ଧ ପୋତି ହେବାରେ ଲାଗିଛି। ଫଳରେ ପୂର୍ବଭଳି ଏହି ବନ୍ଧରେ ଅଧିକ ଜଳ ସଂରକ୍ଷଣ ହେଉନାହିଁ। ତେଣୁ ଅଧିକାଂଶ ଚାଷଜମିକୁ ବନ୍ଧର ପାଣି ପହଞ୍ଚିପାରୁନାହିଁ। ଯାହାର ପରିଣାମ ଚାଷୀ ଭୋଗୁଛନ୍ତି। ସେହିପରି ବନ୍ଧଟି ଏବେ ଦଳରେ ଭର୍ତ୍ତି ହୋଇ ଯାଇଥିବାରୁ ସାଧାରଣ ଲୋକେ ଗାଧୋଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ବନ୍ଧର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଏହି ବନ୍ଧ ପାର୍ଶ୍ୱ ଦେଇ ବହୁ ରାଜନେତା, ବିଭାଗୀୟ ଅଧିକାରୀ ଯିବାଆସିବା କରୁଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନାହିଁ।

ଏ ନେଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ବହୁବାର ଦାବି କରିଥିଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗତ ୨୦୨୧ ମାର୍ଚ୍ଚ ୨ ତାରିଖରେ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ସୁବର୍ଣ୍ଣରେଖା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କ ସହିତ ଏକ ବିଶେଷଜ୍ଞ କମିଟି ରାଜାବନ୍ଧର କ୍ଷେତ୍ର ପରିଦର୍ଶନ କରିଥିଲେ। ଟିମ ପରିଦର୍ଶନ କରି ପ୍ରକୃତ ଆକଳନ କରିବା ସହିତ ବନ୍ଧର ତର୍ଜମା କରି ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ୨୦୨୨ ମାର୍ଚ୍ଚ ୫ ତାରିଖରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଏକ ସ୍ୱତନ୍ତ୍ର ଟିମ ସହିତ ପରିଦର୍ଶନ କରିଥିଲେ। ଚାଷୀଙ୍କ ସହିତ ଆଲୋଚନା ବେଳେ ବନ୍ଧର ସମ୍ପୂର୍ଣ୍ଣ ବିକାଶ କରାଯିବା ଏବଂ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିବା ଭଳି ପୁନରୁଦ୍ଧାର ହେବ ବୋଲି କହିଥିଲେ; କିନ୍ତୁ ଆଜିଯାଏ କୌଣସି କାର୍ଯ୍ୟ ହୋଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଆଜିଯାଏ ବନ୍ଧରୁ ମୁଠାଏ ବି ପଙ୍କ ଉଠିପାରିନାହିଁ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଶୁକ୍ଳି, ୧୪।୩ (ସମିସ)

ମୟୂରଭଞ୍ଜ ଜିଲ୍ଲାର ଖିଚିଂରେ ଐତିହାସିକ ଜାଗର ମେଳା ୮ ଦିନ ଧରି ଚାଲିଥାଏ। ଏହି ମେଳାରେ ୩ଟି ରାଜ୍ୟରୁ ହଜାର ହଜାର ଲୋକଙ୍କ ସୁଅ ଛୁଟିଥାଏ। ତେଣୁ ଏହି ମେଳାକୁ ଦୃଷ୍ଟିରେ ରଖି ଶୁକ୍ଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମା' କୀଚକେଶ୍ୱରୀ ମନ୍ଦିର ସମ୍ମୁଖରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଶୁକ୍ଳୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଶାନ୍ତନୁ କୁମାର ଟୁଡୁଙ୍କ ନେତୃତ୍ୱରେ ଚାଲୁଛି। ଦିନରେ ତାପମାତ୍ରା ବୃଦ୍ଧି ହେଉ ଥିବାରୁ ସମସ୍ତଙ୍କୁ ଓଆର୍‌ଏସ ପାଉଡର ଦେବା ସହିତ ଅଧିକରୁ ଅଧିକ ପାଣି ପିଇବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏହି ଶିବିର ୭ ଦିନ ଧରି ଚାଲିବ ବୋଲି ମେଡିକାଲ ଅଫିସର୍ ଶାନ୍ତନୁ କୁମାର ଟୁଡୁ ସୂଚନା ଦେଇଛନ୍ତି। ଶିବିରରେ ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଫାର୍ମାସିଷ୍ଟ ଓ ଆଶା କର୍ମୀମାନେ ପରିଚାଳନା କରୁଛନ୍ତି।

## କେନାଲ ଭିତରକୁ ପଶିଗଲା କାର୍



**ତୁରୁମୁଙ୍ଗା/ପାଟଣା,୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ପାଟଣା କେନ୍ଦୁଝର ରାସ୍ତାର ଶ୍ୟାମସୁନ୍ଦରପୁର ନିକଟରେ ଦୁର୍ଘଟଣା । ବୁଧବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ କାର୍ ରାସ୍ତା କଡ଼ରେ ଥିବା କେନାଲ ଭିତରକୁ ପଶିଯାଇଥିଲା । ଫଳରେ କାର୍‌ରେ ଥିବା ଚାଳକ ଓ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । କାର୍‌ଟି କେନ୍ଦୁଝରରୁ ପାଟଣା ଆଡ଼କୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଖବରପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି କାରକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

**ତୁରୁମୁଙ୍ଗା/ପାଟଣା,୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବାଇକ୍‌ରେ ଥିବା ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ସଦର ଥାନା ବେଲଦା ଗ୍ରାମର ନବୀନ କୁମାର ସିଂ ଏବଂ ଗୁରୁତର ହେଲେ ତୁଷାର ପାତ୍ର । ଉଭୟ ବାଇକ୍ ଯୋଗେ ଖିରେଇଟାଙ୍ଗିରୀ ପଟରୁ ଘରକୁ ଯାଉଥିବା ସମୟରେ ଡାବରଚୁଆ ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନବୀନଙ୍କ ମୃତ୍ୟୁ ଘଟିଥିବା ବେଳେ ତୁଷାର ଚିକିତ୍ସିତ ହେଉଛନ୍ତି । ତୁରୁମୁଙ୍ଗା ପୁଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

## କୁଟୁରା ଶିକାରୀଙ୍କୁ ଧରିବାରେ ଅକ୍ଷମ ବନ ବିଭାଗ


**ହାଟଡ଼ିହୀ,୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ହଦଗଡ଼ ବନାଞ୍ଚଳ ଅଧୀନ ବାଘୁଆ ଗ୍ରାମ ଝାଡୁସାହିର କେହି ଶିକାରୀ କୌଶଳ ସହ ଲୁକ୍କାୟିତ ଭାବେଗତ ପ୍ରାୟ ୨୦ଦିନ ହେବ ଏକ କୁଟୁରାକୁ ମାରି ତାର ମାଂସକୁ ନିଜ ଭିତରେ ବାଣ୍ଟି ଖାଇଥିଲେ । ଜନ୍ତୁ ମାଂସ ବାଣ୍ଟି ଖାଇବା ଭିତରେ ନୂଆଗାଁ ଓ ସୋସୋ ଅଞ୍ଚଳର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ମଧ୍ୟ ସାମିଲ୍ ଥିବା ନେଇ ସେମାନଙ୍କ ନାଁ ଉକ୍ତ ଭାଇରାଲ୍ ଭିଡିଓରେ ଶୁଣିବାକୁ ମିଳୁଛି । ବନବିଭାଗ ପକ୍ଷରୁ ତଦନ୍ତ କରାଗଲେ ତାହା ସ୍ପଷ୍ଟ ହୋଇପାରିବ ବୋଲି ସାଧାରଣରେ କୁହାଯାଉଛି । ବନବିଭାଗର ଅଧିକାରୀଙ୍କ ହାତରେ ଘଟଣା ସମ୍ପର୍କିତ କିଛି ଭିଡିଓ ହସ୍ତଗତ ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ଶିକାରୀଙ୍କୁ ଧରିବାରେ ବନବିଭାଗ କାହିଁକି ଆଗ୍ରହ ପ୍ରକାଶ କରୁନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଅଧିକାରୀ ଘଟଣାକୁ ନେଇ ତଦନ୍ତ ତତ୍ପରତା ଦେଖାଇଲେ ହୁଏତ ଘଟଣା ପରେ ଲୁଚି ଯିବାକୁ ବସିଥିବା ରୋଚକ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ମହଲରେ ଦାବି ଜୋର୍ ଧରିଛି ।

## ହସ୍ପିଟାଲ ପରିଦର୍ଶନ କଲେ ସ୍ୱାସ୍ଥ୍ୟ ବିଭାଗ ଟିମ୍



**ପାଟଣା,୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣାଠାରେ ଆଦିତ୍ୟ କେୟାର ହସ୍ପିଟାଲ ନାମରେ ଏକ ଔଷଧ ଦୋକାନ କିଛିଦିନ ହେଲା ଖୋଲିଥିବା ବେଳେ ଆଜି କେନ୍ଦୁଝର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ତଦନ୍ତ ଟିମ୍ ଅଚାନକ ଏଠାରେ ପହଞ୍ଚି ଥିଲା । ପାଟଣାରେ ଆଦିତ୍ୟ କେୟାର ହସ୍ପିଟାଲ ନାମରେ ଏକ ହସ୍ପିଟାଲ ସରକାରଙ୍କ ବିନା ପଞ୍ଜୀକରଣରେ ଖୋଲା ଯାଇଥିବା ସମ୍ପର୍କରେ ଏହି ଅଞ୍ଚଳରୁ କେହି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଠାରେ ଅଭିଯୋଗ କରିଥିଲେ । ଏଥିପାଇଁ କେନ୍ଦୁଝର ସିଡିଏମ୍‌ଓଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅତିରିକ୍ତ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ (ପରିବାର ନିୟୋଜନ) ପ୍ରଶନ୍ତିନୀ ନାୟକ, ଦିଲ୍ଲୀପ କୁମାର ରାମ, ନୃସିଂହ ନନ୍ଦ ପ୍ରମୁଖ ଏହାର ତଦନ୍ତ ନିମନ୍ତେ ହଠାତ ଆଜି ଏଠାରେ ପହଞ୍ଚିଥିଲେ । ଏଠାରେ ହସ୍ପିଟାଲ ନିମନ୍ତେ କୌଣସି ଭିତ୍ତିଭୂମି କରାଯାଇ ନ ଥିବା ଏହି ତଦନ୍ତ ଟିମର ତଦନ୍ତରେ ଜଣାପଡିଥିଲା । ଅଭିଯୋଗ ଭିତ୍ତିହୀନ ଥିଲା ବୋଲି ଏହି ଟିମ୍‌ର ମୁଖ୍ୟ ଜିଲ୍ଲା ଅତିରିକ୍ତ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରଶନ୍ତିନୀ ନାୟକ କହିଛନ୍ତି ।

## ମଙ୍ଗଳପୁରରେ ଲାଗିଲା ଷ୍ଟ୍ରିଟ୍‌ଲାଇଟ୍



**ବେଲବାହାଲି,୧୪।୩(ସମିସ):** ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ ଦୀର୍ଘଦିନ ଧରି ଅନ୍ଧାରରେ ଗ୍ରାମବାସୀ ରହି ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେଣୁ ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ୍ ଓ ହରିଡାପାଳ ପଞ୍ଚାୟତର ସରପଞ୍ଚ ମିନତି ମହାରଣାଙ୍କ ନେତୃତ୍ୱରେ ଆଜି ଆଲୋକିକରଣ ବ୍ୟବସ୍ଥା ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପାଣ୍ଠିରୁ ୧୦ଟି ଷ୍ଟ୍ରିଟ୍‌ଲାଇଟ୍ ପ୍ରଦାନ କରାଯାଇଛି । ଏହି ଲାଇଟ୍ ଲାଗିବା ପରେ ଗ୍ରାମର ସବୁଆଡେ ଆଲୋକମୟ ହେଉଥିବା ନେଇ ଆଜି ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

## ଦୁଇ ଭଉଣୀଙ୍କ ମୃତ୍ୟୁ ପରେ ତନାଘନା

# ଖାଦ୍ୟ ନମୁନା ସଂଗ୍ରହ କଲା ପୁଲିସ

**ତୁରୁମୁଙ୍ଗା,୧୪।୩(ସମିସ)**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢ଼ୀକାପୁଡ଼ି ପଞ୍ଚାୟତ ପୁରନ୍ଦରପୁର ଗ୍ରାମରେ ମଙ୍ଗଳବାର ଦୁଇଭଉଣୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ତନାଖନା ଆରମ୍ଭ ହୋଇଛି । ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଦୁଇଭଉଣୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଗୁରୁବାର ଗାଁରେ ମେଡିକାଲ ଟିମ୍ ଏବଂ ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ଦୁଇଭଉଣୀ ଖାଇଥିବା ଖାଦ୍ୟ ନମୁନା ସଂଗ୍ରହ କରିଛି । ତୁରୁମୁଙ୍ଗା ପୁଲିସ ପକ୍ଷରୁ ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏଏସ୍‌ଆଇ ସୁଜାତା ମହାନ୍ତ ପହଞ୍ଚି ତଦନ୍ତ କରିବା ସହ ଖାଇଥିବା ଖାଦ୍ୟ ଏବଂ ଚିନି, ଚା' ପତି, କୋଳି ଓ ପିଠାର ନମୁନା ସଂଗ୍ରହ କରିଛନ୍ତି । ଏଥିସହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଯଶୋବନ୍ତ ମହାନ୍ତ

**ଗାଁରେ ପହଞ୍ଚିଲା ମେଡିକାଲ ଟିମ୍**



ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ପରିବାର ଲୋକଙ୍କୁ ମୃତ୍ୟୁ ପୂର୍ବରୁ ଲକ୍ଷଣ ବାବଦରେ ପଚାରି ବୁଝିଥିଲେ ।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ପୁରନ୍ଦରପୁର ଗ୍ରାମର ଟଙ୍କଧର ମହାରଣା ଓ ଶକୁନ୍ତଳା ମହାରଣାଙ୍କ ମଝିଆଁ ଝିଅ ଇତିଶ୍ରୀ ଅଙ୍ଗନବାଡ଼ିରୁ ଫେରି ବାନ୍ତି କରିବା ପରେ ଗୁରୁତର ହୋଇପଡିଥିଲେ । ପରେ ପରେ ସାନଝିଅ ଲିପିର ମଧ୍ୟ ବାନ୍ତି ହୋଇଥିଲା । ପରିବାର ଲୋକେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ବାଟରେ ବଡ଼ ଝିଅର ମୃତ୍ୟୁ ଘଟିଥିଲା । କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ସାନ ଝିଅର ମଧ୍ୟ ମୃତ୍ୟୁ ଘଟିଥିଲା । ତେବେ ସାନ ଝିଅର ମୃତଦେହକୁ ପରିବାର ଲୋକେ ଘରକୁ ଆଣି ଜୀବନ ଫେରିବା ଆଶାରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଝାଡ଼ିଆ ଚେଙ୍କ ଦେଇଥିଲେ । ପରେ ପୁଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଗାଁ ମଶାଣିରେ ଦୁଇ ଭଉଣୀଙ୍କ ଶବ ସତ୍କାର କରିଛନ୍ତି ପରିବାର ଲୋକେ । ଅନ୍ୟପଟେ ବିଷାକ୍ତ ଖାଦ୍ୟ କିମ୍ବା ସାପ କାମୁଡ଼ାରେ ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ୍ କହିଛି ।

## ଆନନ୍ଦପୁରରେ ସାମ୍ବାଦିକଙ୍କ କଳାବ୍ୟାଜ୍ ପରିଧାନ



**ଆନନ୍ଦପୁର,୧୪।୩(ସମିସ):** ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବୃତ୍ତିଗତ ଓ ସାମାଜିକ ସୁରକ୍ଷା ପାଇଁ ସରକାର ବିଧିବଦ୍ଧ ନୀତିନିୟମ ନିର୍ଦ୍ଧାରଣ କରିବା ସହିତ ସାମ୍ବାଦିକମାନଙ୍କୁ ଆବଶ୍ୟକୀୟ ସୁବିଧାସୁଯୋଗ ଯୋଗାଇଦେବା ଦାବିରେ ଆଜିଠାରୁ ଆନନ୍ଦପୁର ଗଣମାଧ୍ୟମର ପ୍ରତିନିଧିମାନେ କଳାବ୍ୟାଜ ପରିଧାନ କରିଛନ୍ତି । ଗଣମାଧ୍ୟମର ପ୍ରତିନିଧିମାନେ ଏକତ୍ରିତ ହୋଇ ଆନନ୍ଦପୁର ଉପଜିଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ଆଲୋଚନାକାଳରେ କମଳାକାନ୍ତ ଦାସ, ମଦନ ପାଣି, ଶତ୍ରୁଘ୍ନ ସାହୁ, ଉମେଶ ଚନ୍ଦ୍ର ପାଢୀ, ଲଲାଟେନ୍ଦୁ ଧୀର, ଲକ୍ଷ୍ମଣ ବେହେରା, ଗଣେଶ୍ୱର ସା, ଜ୍ୟୋତିରଞ୍ଜନ ଜେନା, ସୋମନାଥ ମିଶ୍ର, ରଞ୍ଜିତ ରଣା ପ୍ରମୁଖ ଦାବି ପୂରଣ ନହେବା ଯାଏଁ କଳାବ୍ୟାଜ ପରିଧାନ କରିବାକୁ ନିଷ୍ପତି ନେଇଥିବା ଜଣାଯାଇଛି ।

## ପୁଲୁରୀଗଡ଼ିଆରେ ଅଷ୍ଟପ୍ରହରୀ ନାମଯଜ୍ଞ


**ରାମଚନ୍ଦ୍ରପୁର,୧୪।୩(ସମିସ):** ଘଷିପୁରା ବ୍ଲକ୍ ଗଁପୁର ପଞ୍ଚାୟତ ଅନ୍ତର୍ଗତ ପୁଲୁରୀଗଡିଆ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ୩ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଅଧିବାସ ଓ ବୁଧବାର ରାତି ନାମଯଜ୍ଞ ହୋଇଛି । ଗୁରୁବାର ଦିନ ନଗର ପରିକ୍ରମା କରାଯାଇଥିଲା । ଏଥିରେ ଅନେକ ଶ୍ରଦ୍ଧାଳୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କୃଷ୍ଣ ପ୍ରେମରେ ବିଭୋର ହୋଇଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ନଦିଆ କୀର୍ତ୍ତନ ସହ ଉଦଣ୍ଡ କିର୍ତ୍ତନ କରିଥିଲେ । ନଦିଆ କିର୍ତ୍ତନ ଦଳ ମଧ୍ୟରେ କିଆପଦା,



କାଟେଣୀ, ଗୌରାପାଳ, ଅଳତୀ, ପଟିଲୋ, କୋରେଇଗଡିଆ, କରଡାପାଳ ପ୍ରଭୃତି ଗ୍ରାମରୁ ଅନେକ ଗୌରଭକ୍ତ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ । ପୁଲୁରୀଗଡିଆ ସଂକୀର୍ତ୍ତନ ଦଳର ସ୍ମୃତିରଞ୍ଜନ ବୋଇତେଇ ଦଧିହାଣ୍ଡି ଭାଙ୍ଗି କାର୍ଯ୍ୟକ୍ରମକୁ ସମାପନ କରିଥିଲେ । ସଂକୀର୍ତ୍ତନ ମଣ୍ଡଳିର କ୍ଷମାକର ବିହାରୀ, ରମେଶ ମହାରଣା, ପ୍ରକାଶ ମହାରଣା, ସୁବାସ ମହାରଣା, ପ୍ରଫୁଲ୍ଲ ବିହାରୀ, ନିତ୍ୟାନନ୍ଦ ବିହାରୀ, ମାୟାଧର ମହାରଣା, ବ୍ରଜବନ୍ଧୁ ଜେନା, ଶ୍ରୀଧର ଜେନା, ଶତ୍ରୁଘ୍ନ ପଲାର, ଭାଗିରଥି ଜେନା, ଗିରାଧାରୀ ବେହେରା, ବିଶ୍ୱାସ ଜେନା, ବିଭୂତି ବିହାରୀ, ସତ୍ୟବ୍ରତ ବିହାରୀ, ଗିରିଧାରୀ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ନନ୍ଦିପଦା ଥାନାରେ ଗଣେଶ ମୂର୍ତ୍ତି ଉନ୍ମୋଚିତ

**ସୋସୋ,୧୪।୩(ସମିସ):** ହାଟଡିହୀ ବ୍ଲକ ନନ୍ଦିପଦା ଥାନାର ନୂତନ ଗୃହରେ ଗଣେଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ ଉତ୍ସବରେ



ଏସ୍‌ପି ନିତିନ କୁସଲ୍‌କର, ଡିଏସ୍‌ପି ପ୍ରଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ସଦସ୍ୟା କୌଶଲ୍ୟା ସେଠୀ, ଆମ ପୁଲିସ ସଦସ୍ୟର ସୁଧାଂଶୁ ଶେଖର ଦକ୍ଷିଣରାୟ, ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ, ଅଭିମନ୍ୟୁ ସେଠୀ ବହୁ ଅତିଥି ଭାବେ ଯୋଗ ଦେଇଥିଲେ ।

## ବାଲିବରେଇରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

**ସୋସୋ,୧୪।୩(ସମିସ):** ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ମୁକ୍ତେଶ୍ୱର ବଜାରରେ ବାଲିବରେଇ, ବିଦ୍ୟାଧରପୁରରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗତକାଲି ସାଳନ୍ଦୀ ନଦୀରୁ କଳସ ଶୋଭାଯାତ୍ରାରେ କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଗତକାଲି ଲକ୍ଷ୍ମୀ ନାରାୟଣ ପୂଜା ଓ ନାସ୍ୟ, ଗୀତା ପାଠ, ବିଷ୍ଣୁ ସହସ୍ର ନାମ ଜପ, ଚଣ୍ଡିପାଠ କରାଯାଇଥିବା ବେଳେ ଆଜି ରିତିନୀତି ଅନୁଯାଇ ପୂଜା କରାଯାଇଥିଲା । ଆସନ୍ତାକାଲି ପୁର୍ଣ୍ଣାହୁତି ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପଣ୍ଡିତ ଅଶୋକ କୁମାର ମିଶ୍ର, ଅକ୍ଷୟ କୁମାର ଷଡ଼ଙ୍ଗୀ, ଲଳିତ ମୋହନ ପଣ୍ଡା, ସୁମନ ଆଚାର୍ଯ୍ୟ, ବିଜୟ କୁମାର ଶାସ୍ତ୍ରୀ, ଗୋପାଳ କୃଷ୍ଣ ପାଣିଗ୍ରାହୀଙ୍କ ବେଦ ପାଠ ଓ ଗୀତା ପାଠରେ ଆଖପାଖ ଅଞ୍ଚଳ ଆଧ୍ୟାମିଠକ ପରିବେଶ ସୃଷ୍ଟି କରିଛି । ଯଜ୍ଞ କଳସ କର୍ତ୍ତା ଭାବେ ରବିନାରଣୟ ଦାସ, ରେଖାରାଣୀ ଦାସ, ଦୀପକ ପହି, ଉଷାରାଣୀ



ମହାପାତ୍ର, ଚତୁର୍ଭୁଜ ରାଉତ, ସୁଶ୍ରୀ ସଙ୍ଗୀତା ରାଉତ, ଭଗବାନ ବିଶ୍ୱାଳ, ତନ୍ମୟା ରାଉତ, ବୃନ୍ଦଦେବ ପୁହାଣ, ଆରତି ପୁହାଣ ଦାୟିତ୍ୱ ତୁଲାଇଥିଲେ । ୩ ଦିନ ଧରି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉପଲକ୍ଷେ ବିଭିନ୍ନ ଦୋକାନ ବଜାର ଆଲୋକ ସଜାରେ ସନ୍ଧ୍ୟାବେଳେ ଆଲୋକମୟ ହେବା ସହ ହଜାର ହଜାର ଭକ୍ତଙ୍କ ସମାବେଶ ହେଉଛି । କମିଟି ସଭାପତି ନରୋତ୍ତମ ଶତପଥି, ଅନନ୍ତ ରାଉତ, ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପିତାମ୍ବର ପଣ୍ଡା, ଶତ୍ରୁଘନ ପାତ୍ର, ଶ୍ୟାମସୁନ୍ଦର ଜେନା, ନରେନ୍ଦ୍ର ନାୟକ, ଚିନ୍ତା ମହାନ୍ତି, ସତ୍ୟାନନ୍ଦ ନାୟକ, ପରମାନନ୍ଦ ନାୟକ ଓ ଅନ୍ୟ କମିଟି ସଦସ୍ୟ ଯଜ୍ଞଙ୍କୁ ପରିଚାଳନା କରୁଛନ୍ତି ।

## ମାରଣାସ୍ତ୍ର ଦେଖାଇ ଯୁବକଙ୍କ ଠାରୁ ୮୦ ହଜାର ଲୁଟ୍

**ତେଲକୋଇ,୧୪।୩(ସମିସ):** ଆଜି ସନ୍ଧ୍ୟାରେ ମାରଣାସ୍ତ୍ର ଦେଖାଇ ଜଣେ ଯୁବକଙ୍କ ଠାରୁ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି ଲୁଟେରା । ମିଳିଥିବା ସୂଚନା ଅନୁଯାୟୀ ତେଲକୋଇ ଥାନା ବିମଳା ପଞ୍ଚାୟତ ଅନ୍ତର୍ଗତ ନମକାନି ଗ୍ରାମ ଶଶଧର ଗିରିଙ୍କ ପୁଅ ଲୋକେଶ ଗିରି (୨୯) ତେଲକୋଇ ଏଟିଏମ୍‌ରୁ ୪ଟି କାର୍ଡରେ ୮୦ ହଜାର ଟଙ୍କା ଉଠାଣ କରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ବାଇକ୍ ଆଗରେ ରହିଯାଇଥିଲେ । ଲୋକେଶଙ୍କୁ ମାରଣାସ୍ତ୍ର ଦେଖାଇ ପକେଟ୍ ଫାଡି ଟଙ୍କା ଧରି ଚମ୍ପଟ ମାରିଥିଲେ । ଭଉଣୀ ବିବାହ ପାଇଁ ଆସନ୍ତାକାଲି ସୁନା କିଣିବାକୁ ତାଙ୍କ ବାପା ଓ ତାଙ୍କର ୪ଟି କାର୍ଡ ମାଧ୍ୟମରେ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଏଭଳି କାଣ୍ଡ ଘଟିଥିବା ଲୋକେଶ କହିଛନ୍ତି । ଏନେଇ ତେଲକୋଇ ଆଇଆଇସି ସରୋଜକାନ୍ତ ସାମଲଙ୍କୁ ପଚାରିବାରୁ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା କହିଛନ୍ତି ।



## ସାହାରପଡ଼ାରେ ନୂତନ ଫାଣ୍ଡି ଅଧିକାରୀ

**ତୁରୁମୁଙ୍ଗା,୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ଫାଣ୍ଡିରେ ନୂତନ ଅଧିକାରୀ ଭାବରେ ଏସଆଇ ଭବାନୀ ଶଙ୍କର ବାଦି ଯୋଗଦେଇଛନ୍ତି । ସେ ଏହା ପୂର୍ବରୁ ସୁନ୍ଦରଗଡ଼ କୋର୍ଟରେ କାର୍ଯ୍ୟନିର୍ବାହ କରୁଥିଲେ । ସେଠାରୁ ବଦଳି ହୋଇ ଆସି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗଦେଇଥିଲେ । ଏସ୍‌ପି ନିତିନ କୁଶଲ କର ଦାଗୁଡୁଙ୍କ ନିର୍ଦ୍ଦେଶ କ୍ରମେ ସାହାରପଡ଼ା ଫାଣ୍ଡିରେ ଯୋଗଦେଇଛନ୍ତି । ପୂର୍ବରୁ ଥିବା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା ବାମବାରୀ ଥାନାକୁ ବଦଳି ହୋଇଛନ୍ତି ।

## ଅର୍ଜୁନବଣିଆ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଆନନ୍ଦପୁର,୧୪।୩(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଳିମାଟି ଗ୍ରାମ ପଞ୍ଚାୟତର ଅର୍ଜୁନବଣିଆ ଗ୍ରାମରେ ଜୟପ୍ରଭୁ ମଠ ପରିସରରେ ବିଶ୍ୱଶାନ୍ତି ବ୍ରହ୍ମ ମହାଯଜ୍ଞ ପାଳିତ ହୋଇଯାଇଛି । ପାଞ୍ଚଦିନ ଧରି ପାଳିତ ହୋଇଥିବା ଏହି ଦିବ୍ୟ କାର୍ଯ୍ୟକ୍ରମରେ ପ୍ରତ୍ୟେହ ବେଦପାଠ, ହରିନାମ ସଂକୀର୍ତ୍ତନ, ଗୀତା ଓ ଭାଗବତ ପାଠ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ । ଏହି ଯଜ୍ଞ କାର୍ଯ୍ୟରେ ମଠାଧୀଶ କାଳନ୍ଦୀ ବାବାଙ୍କ ତତ୍ତ୍ୱାବଧାନରେ ଅର୍ଜୁନ ବଣିଆ ଗ୍ରାମର ନାରାୟଣ ନାଇକ, କପିଳା ନାଇକ, ଚନ୍ଦ୍ରମଣି ନାଇକ, ଡମ୍ବରୁଧର ନାଇକ, ଯାଦବ ନାଇକ, ମୃତ୍ୟୁଞ୍ଜୟ ନାଇକ, ବ୍ରଜ ନାଇକ, ଦିବାକର ନାଇକ, ଅଭିମନ୍ୟୁ ନାଇକ, ବାଇଧର ନାଇକ, ବ୍ରହ୍ମେଶ୍ୱର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅର୍ଜୁନବଣିଆ, କନ୍ତୋ, କୋଳିମାଟି, ନୂଆପଡା, ବନ୍ଧ, ଧକୋଠା, ଭାଲୁକୁମା ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଯୋଗ ଦେଇ ସହଯୋଗ କରିଥିଲେ ।

# ଲୁଚାଚୋରାରେ ଚାଲିଛି ବିସି ଦେବ ବନ୍ଦ ଖଣିରେ ଉତ୍ତୋଳନ

**ଯୋଡା,୧୪।୩(ସମିସ)**

ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଇଙ୍ଗାଣୀଝରଣ ସ୍ଥିତ ବିସି ଦେବ ଲୌହ ଓ ମାଙ୍ଗାନିଜ ଖଣି ଦୀର୍ଘଦିନ ହେବ ବନ୍ଦ ହୋଇ ରହିଥିବା ବେଳେ ଅଚାନକ ଭାବେ କିଛିଦିନ ହେବ ଏହି ଖଣିରେ ଖଣିଜ ଉତ୍ତୋଳନ କାର୍ଯ୍ୟ ଚାଲୁ ରହିଥିବା ଦେଖିବାକୁ ମିଳିଛି । ଉକ୍ତମାନର ମାଙ୍ଗାନିଜକୁ ଶ୍ରମିକ ଲଗାଇ ଉତ୍ତୋଳନ କରାଯାଉଥିବା ବେଳେ ଏହି ଉତ୍ତୋଳନ ନିମନ୍ତେ କୌଣସି ଅନୁମତି ନଥିବା ଜଣାପଡିଛି । ଏସମ୍ପର୍କରେ ଯୋଡା ଖଣି ଉପନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିବା ସହ ଉତ୍ତୋଳନ ନିମନ୍ତେ କୌଣସି ଅନୁମତି ଦିଆଯାଇନଥିବା କହିଛନ୍ତି । ତେବେ ତାଙ୍କର କହିବା ମୁତାବକ ଏହି ଖଣିକୁ ଅବୈଧ ଖଣିଜ କାରବାର ନେଇ ୧୧୬ କୋଟି ଟଙ୍କାର ଜରିମାନା ଦାବି କରାଯାଇଥିବା



**ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ**
**ଖଣି ଉପନିର୍ଦ୍ଦେଶକଙ୍କ ଖଣ୍ଡନ**

ବେଳେ ଖଣିସଂସ୍ଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଖଣିରେ ଗଚ୍ଛିତ ଥିବା ଖଣିଜକୁ ବିକ୍ରି କରି ଏହି ଜରିମାନା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଖଣି ଉପନିର୍ଦ୍ଦେଶକ ଗଚ୍ଛିତ ଖଣିଜକୁ ବିକ୍ରି କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହି ମିଆଦ ୧୯ ଅପ୍ରେଲ ୨୦୨୪ ପର୍ଯ୍ୟନ୍ତ ରହିଥିବା ବେଳେ ଏହି ଖଣି କମ୍ପାନୀ ଏହାର ସୁଯୋଗରେ ବନ୍ଦ ଖଣିରେ ଶ୍ରମିକ ଲଗାଇ ଖଣି ଖନନ, ଉତ୍ତୋଳନ ଏବଂ ବିକ୍ରୟ କରିବାକୁ ମସୁଧା କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏନେଇ ଖଣି ବିଭାଗରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ସେପରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ଅବୈଧ ଖଣି ଖନନ କରାଯାଇ ସେଠାରୁ ୪ କିମି ଦୂର ଓଏମ୍‌ସି ଲିଜ୍ ତଥା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପରିବହନ ନିମନ୍ତେ ମୂଲ୍ୟବାନ ଖଣିଜ ଦ୍ରବ୍ୟରେ ରାସ୍ତା ନିର୍ମାଣ କରାଯାଇଛି । ଏହି ଖନନ ପାଇଁ ଖଣି ସଂସ୍ଥା ଏତେ ସାହାସ କେଉଁଠାରୁ ଜୁଟାଇ ପାରିଲେ ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ଅବୈଧ ଖଣି କାରବାର ନେଇ ଯୋଡ଼ା ଖଣି କ୍ଷେତ୍ର ପୂର୍ବରୁ ନିନ୍ଦିତ ହୋଇଆସିଛି । ତଥାପି ସମ୍ପୃକ୍ତ ବିଭାଗର ଚେତା ପଶୁନଥିବା ସମସ୍ତଙ୍କୁ ଚକିତ କରିଛି ।

## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**କେନ୍ଦୁଝର,୧୪।୩(ସମିସ):** କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଗୁରୁବାର ଭିତ୍ତି ପ୍ରସ୍ଥର ସ୍ଥାପିତ ହୋଇଯାଇଛି । ପୂର୍ବରୁ ଥିବା ସମବାୟ ବ୍ୟାଙ୍କ ପରିସରରେ ନୁତନ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ହେବାକୁ ଥିବାବେଳେ ଏଥି ନିମନ୍ତେ ୧୪ କୋଟି ୬୧ ଲକ୍ଷ ୯ ହଜାର ଟଙ୍କାର ବ୍ୟୟ ଅଟକଳ ଅନୁମୋଦିତ ହୋଇଥିବା ସୂଚନା ମିଳିଛି । ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳକ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଚମ୍ପୁଆ ବିଧାୟକ ମିନାକ୍ଷୀ ମହାନ୍ତ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, କେନ୍ଦୁଝର ଉପନଗରପାଳ ବରଦା ପ୍ରସନ୍ନ ଦାଶ, ସମବାୟ ବ୍ୟାଙ୍କ ସଭାପତି କାନନବିହାରୀ ପହି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ର କାଲୁଣ୍ଡିଆ, କେନ୍ଦୁଝର ଜେଆରସିଏସ ଶୁଭ୍ରକାନ୍ତି ତୁଙ୍ଗ, ଏଆର୍‌ସିଏସ ଅଜୟ କୁମାର ସେଠୀ, ଉପସଭାପତି ରଶ୍ମିରେଖା ଚକ୍ର, ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର, ମହେନ୍ଦ୍ର କୁମାର ନାୟକ, ଗୋଲାପ ନାଏକ, କିଶୋର କୁମାର ଜେନା, ସୁବ୍ରତ କୁମାର ସାମଲ, ପ୍ରଫୁଲ ନାଏକ, ମାଧବାନନ୍ଦ ପୃଷ୍ଟି, ମଙ୍ଗୁଳି ଚରଣ ନାଏକ, ରଞ୍ଜନ କୁମାର ଦାଶ, ବିଦ୍ୟୁତ କୁମାର ନାୟକ, ସୁରେନ୍ଦ୍ର କାନ୍ଦି ତିଳୋତ୍ତମା ମାଝୀ, ନିର୍ମଳା ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।



ସକାଳ
THE SAKALA



## ଶିକ୍ଷକଙ୍କ ଘରୁ ଲୁଟ୍ ଘଟଣା; ୩ ଗିରଫ

# ୧୮ ହଜାର ୫ ଶହ ଟଙ୍କା, ୨ ମୋବାଇଲ୍ ଜବତ

ରାମଚନ୍ଦ୍ରପୁର,୧୪।୩(ସମିସ)



ଏକ ୩ ଜଣିଆ ଚୋରି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ରାମଚନ୍ଦ୍ରପୁର ପୁଲିସ। ଦୀର୍ଘ ଦିନ ହେଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ପୁଲିସ ଆଖିରେ ଧୂଳି ଦେଇ ଚୋରୀ ଡକାୟତି କରିବାରେ ମାହିର ଥିବା ଏହି ୩ ଜଣିଆ ଡକାୟତ ଦଳକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ ସାଇଁକୁଳ ଫାଣ୍ଡି ଅଧୀନ ମଛାଳୋ ବଇଁଚବଣିଆଁ ସାହିରେ ଘର କରି ରହିଥିବା ଶିକ୍ଷକ ସର୍ବଦମନ ପାଣିଗ୍ରାହୀ ଗତ ଅକ୍ଟୋବର ୨୪ ତାରିଖରେ ଘରେ ତାଲା ମାରି ପତ୍ନୀଙ୍କ ସହ କେଶଦୁରାପାଳ ଯାଇଥିଲେ। ଏହାର ସୁଯୋଗରେ ଦିନ ଦ୍ୱିପ୍ରହରରେ ଘରର ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ଅର୍ଥ ସହ ସୁନା ଅଳଙ୍କାର ଲୁଟି ନେଇଥିଲେ ଲୁଟେରା। ଅପରାହ୍ନରେ ଘରକୁ ଫେରି ଚୋରି ସମ୍ବନ୍ଧରେ ଜାଣି ସାଇଁକୁଳ ଫାଣ୍ଡି ଅଧିକାରୀଙ୍କ ଜରିଆରେ ରାମଚନ୍ଦ୍ରପୁର ଥାନାରେ ଏକ ଏତଲା ଦାଏର କରିଥିଲେ। ଏତଲା ଆଧାରରେ ରାମଚନ୍ଦ୍ରପୁର ପୁଲିସ ୨୪୮/୨୩ରେ ୪୫୪/୩୮୦ ଧାରାରେ ଏକ ମାମଲା ରୁଜୁ କରି ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉକ୍ତ ମାମଲାରେ ପୁଲିସ ବିଭିନ୍ନ ଆଡେ ଖାନତଲାସୀ କରି ଦୁଇ ଦିନ ତଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଲୁଅ ଗୋପାଳସାହିର ସତ୍ୟବ୍ରତ ଖିଲାର, ଘସିପୁରା ବ୍ଲକ କଲୋନୀର ଶିବକୁମାର ପାତ୍ର, ସୋସୋ ଥାନା ବାଲିବରେଇ ଗ୍ରାମର ପ୍ରଶାନ୍ତ ନାୟକଙ୍କୁ ଗିରଫ କରି ଅଧିକ ପଚାରା ଉଚାରା କରିବା ପରେ ଆଜି କୋର୍ଟଚାଲାଣ କରିଛି। ସେମାନଙ୍କ ବୟାନ ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଜଣାପଡିଛି। ସେମାନେ ମଛାଳୋ ଚୋରି ସମେତ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ହୋଇଥିବା ଅନେକ ଡକାୟତରେ ସଂପୃକ୍ତି ଥିବା ସ୍ୱୀକାର କରିଥିବା ପୁଲିସ କହିଛି। ସେପଟେ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ସହ ନଗଦ ୧୮ ହଜାର ୫ଶହ ଟଙ୍କା ଏବଂ ଗୋଟିଏ ଲୁହା ଶାବଳ ଜବତ ହୋଇଥିବା ଜଣାପଡିଛି। ଦୀର୍ଘ ଦିନ ହେଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେବା ପରେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ ବେହେରାଙ୍କ ନିର୍ଦ୍ଦେଶରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ଡକାୟତ ଦଳକୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଛାନବିନ୍ ଜାରି ରହିଥିଲା।

## ବ୍ୟାରେଜରୁ ମହିଳା ଉଦ୍ଧାର

**ଆନନ୍ଦପୁର, ୧୪।୩(ସମିସ):** ଆନନ୍ଦପୁର ବ୍ୟାରେଜ ଜଳସ୍ରୋତରେ ଭାସି ଭାସି ଗେଟ୍ ନିକଟରେ ଅଟକି ରହି ଚିତ୍କାର କରୁଥିବା ଜଣେ ମହିଳାଙ୍କୁ ଆନନ୍ଦପୁର ପୁଲିସର ପେଟ୍ରୋଲିଂ ଟିମ୍ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଆନନ୍ଦପୁର ଥାନାର ଏଏସଆଇ ଅଜିତ କୁମାର ବାନରା କୋଡ଼ପଡ଼ା ଅଞ୍ଚଳରୁ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ରାତି ପ୍ରାୟ ୧.୪୫ ମିନିଟ୍ ସମୟରେ ଆନନ୍ଦପୁର ବ୍ୟାରେଜ ଛକରେ ଜଣେ ଡ୍ରାଇଭର ଓ ବ୍ୟାରେଜର ସୁରକ୍ଷା କର୍ମଚାରୀ ଗୌରାଙ୍ଗ ଖୁଣ୍ଟିଆ ପୁଲିସ ଭ୍ୟାନକୁ ଅଟକାଇ ବ୍ୟାରେଜ ଜଳଭଣ୍ଡାରରେ ଜଣେ ମହିଳାଙ୍କ ଚିତ୍କାର ଶୁଭୁଛି ବୋଲି ସୂଚନା ଦେଇଥିଲେ। ଡ୍ରାଇଭର ଓ ସୁରକ୍ଷା କର୍ମଚାରୀଙ୍କ ସହିତ ପୁଲିସ ଅଧିକାରୀ ଓ ଡ୍ରାଇଭର ଶୁଭ୍ରାଂଶୁ ଶେଖର ବଳ ନଦୀର ଜଳ ରାଶିରେ ମହିଳାଙ୍କ ଶବ୍ଦ ଠାବ କରି ନଦୀ ପାଣି ନିକଟରେ ପହଞ୍ଚିଥିଲେ। ମହିଳାଜଣକ ପାଣିରେ ବେକ ପର୍ଯ୍ୟନ୍ତ ବୁଡିଯାଇଥିବା ବେଳେ ବ୍ୟାରେଜ ଗେଟ୍‌ରେ ଅଟକି ରହିଥିଲେ। ଅନ୍ଧାରିଆ ପରିସ୍ଥିତିରେ ବହୁ କଷ୍ଟକରି ମହିଳାଙ୍କୁ ପାଣିରୁ ଉଦ୍ଧାର କରିବା ପରେ ଆନନ୍ଦପୁର ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ଦ୍ୱାରା ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ତେବେ ଚିକିତ୍ସା ପରେ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବା ଏସଆଇ ଅଭିମନ୍ୟୁ ଦାସଙ୍କ ଠାରୁ ସୂଚନା ମିଳିଛି। ଉଦ୍ଧାର ହୋଇଥିବା ମହିଳାଜଣକ ଆନନ୍ଦପୁର ପାଟରାସାହି ନିବାସୀ ବୋଲି ଜଣାପଡିଛି।

## ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ତାଲିମ ଶିବିର



**ସୋସୋ,୧୪।୩(ସମିସ):** ହାଟଡିହୀ ବ୍ଲକ ହଦଗଡ ରେଞ୍ଜର କାଠକଟା ବନ ବିଭାଗ କାର୍ଯ୍ୟାଳୟରେ ହଦଗଡ ବନାଞ୍ଚଳ ଅଧିକାରୀ ମାର୍ଶଲ କିସ୍କୁଙ୍କ ଅଧ୍ୟକ୍ଷତାରେ ବନାଞ୍ଚଳସ୍ତରୀୟ ବନାଗ୍ନୀ ନିବାରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ଆନନ୍ଦପୁର ସହକାରୀ ବନସଂରକ୍ଷକ ଅଶୋକ କୁମାର ବିଶ୍ୱାଳ, ତରତରା ସରପଞ୍ଚ ତୃପ୍ତିରେଖା ସାମଲ, କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଏହି ବୈଠକରେ ଜଙ୍ଗଲରେ କିପରି ନିଆଁ ନ ଲାଗିବ ଓ ଜଙ୍ଗଲରେ ନିଆଁ ଲାଗିଲେ କିପରି ନିଆଁକୁ ଆୟତ କରାଯିବ, ଜୀବଜନ୍ତୁଙ୍କ ସୁରକ୍ଷା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମୟରେ ହଦଗଡ ଫରେଷ୍ଟର କେଦାର ପାତ୍ର, କାଠକଟା ଫରେଷ୍ଟର ଡମ୍ବରୁଧର ମହାନ୍ତ, ବିଟ୍ ଫରେଷ୍ଟ ଅଫିସର ମନ୍ମଥ ସାହୁ, ଅମରେନ୍ଦ୍ର ନାଥ, ରଶ୍ମିରଞ୍ଜନ ରାଉତ, କମଳିନୀ ଜେନା, ଦିନେଶ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଓଏଫଏସଡିଏସ ଓମ୍ବାଡିସ୍‌ର ଦଳ ନେତା ବିଜୟ କୁମାର ଶାହା, ଡିଓ ସନ୍ତୋଷ ସା, ବିବେକାନନ୍ଦ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଏହି ବୈଠକରେ ୧୫ଟି ବନ ସୁରକ୍ଷା ସମିତିର ବହୁ ସଭ୍ୟସଭ୍ୟା ଯୋଗଦାନ କରିଥିଲେ। ଜଙ୍ଗଲର ସୁରକ୍ଷା ନେବା, ଜଙ୍ଗଲରେ ନିଆଁ ନଲାଗିବା ପାଇଁ ପାଳି କରି ଜଙ୍ଗଲ ଜଗିବାକୁ ମାଆମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ।

## ଉପଜିଲ୍ଲାପାଳଙ୍କୁ ଭେଟିଲେ କ୍ରୀଡ଼ା ସଂସଦ କର୍ମକର୍ତ୍ତା

**ଆନନ୍ଦପୁର,୧୪।୩(ସମିସ):** ଆନନ୍ଦପୁର କ୍ରୀଡା ସଂସଦର କର୍ମକର୍ତ୍ତାମାନେ ଆଜି ସଂସଦର ସଭାପତି ତଥା ଉପଜିଲ୍ଲାପାଳ ଫାଲଗୁନି ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିବା ଜଣାଯାଇଛି। ଷ୍ଟାଡିୟମରେ '୫-ଟି'ଉପକ୍ରମରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି କରିବା ସହିତ '୫-ଟି'ର ଅନୁଦାନରେ ହେବାକୁ ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଇଣ୍ଡୋର ଷ୍ଟାଡିୟମରେ ଖୋଲାଯାଇଥିବା ବିଭିନ୍ନ ବିଭାଗରେ କ୍ରୀଡା ପ୍ରଶିକ୍ଷକ ନିଯୁକ୍ତି, ଆବଶ୍ୟକୀୟ କର୍ମଚାରୀ ଯୋଗାଇ ଦେବା ସହିତ ଆନନ୍ଦପୁରରେ ଏକ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବାକୁ ହୋଇଥିବା ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବାକୁ କର୍ମକର୍ତାମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଫୁଟବଲ ଖେଳାଳି ରମେଶ ସିଂ, ମୁରଲୀଧର ମିଶ୍ର, ରମେଶ କୁମାର ସିଂ, ଜ୍ୟୋତିରଂଜନ ଜେନା, ଲଳିତ କୁମାର ଚାନ୍ଦ ଓ ଆଇନଜିବୀ ବାଇଧର ସେଠୀ ଉପସ୍ଥିତ ଥିଲେ।

## ଆନନ୍ଦପୁର ବ୍ୟାରେଜ ଆପ୍ରୋଚ୍ ରୋଡ୍ ଶୋଚନୀୟ

**ଆନନ୍ଦପୁର, ୧୪।୩ (ସମିସ):** ଆନନ୍ଦପୁର ବ୍ୟାରେଜର ଆପ୍ରୋଚ ରୋଡ୍ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡି ଯାତାୟାତରେ ବିପଦ ସୃଷ୍ଟି କରିଛି। ଆନନ୍ଦପୁର-କରଞ୍ଜିଆ ରାସ୍ତାର ଜେଲ ଛକ ନିକଟରୁ ବ୍ୟାରେଜକୁ ଯାଇଥିବା ଏହି ଆପ୍ରୋଚ ରୋଡ୍ ଟର୍ଣ୍ଣିଂ ପଏଣ୍ଟ ଖାଲଖମା ହୋଇ ବିପଦ୍‌ଜନକ ଅବସ୍ଥାରେ ଥିବା ବେଳେ ଆପ୍ରୋଚ ରୋଡରେ ବିରାଟ ଗାଡ଼ ହୋଇ ଯାଇ ଯାତାୟତରେ ବାଧା ସୃଷ୍ଟି କରିଛି। ସନ୍ଧ୍ୟା ପରେ ଅନ୍ଧାରିଆ ପରିସ୍ଥିତିରେ ଯାତାୟାତ କରୁଥିବା ଲୋକେ ଏହି ରାସ୍ତାରେ ପଡି ଆହତ ହେଉଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ନିର୍ମାଣ ହେବାର ମାତ୍ର ୧ ବର୍ଷ ମଧ୍ୟରେ ଅବସ୍ଥା ଦୟନୀୟ ହୋଇପଡିଛି। ନୂଆ କରି ନିର୍ମାଣ ହୋଇଥିବା ଏହି ରାସ୍ତା ଉପଯୁକ୍ତ ସମୟରେ ପିଚୁ କରାଯାଇନଥିବାରୁ ଖୁବ୍ କମ୍ ଦିନରେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଗାଡ଼ ସୃଷ୍ଟି ହୋଇଛି। ୨ ବର୍ଷ ପର୍ଯ୍ୟନ୍ତ ଏହି ରାସ୍ତାକୁ ରକ୍ଷଣାବେକ୍ଷଣ କରିବା ପାଇଁ ଠିକାଦାର ଚୁକ୍ତିନାମା କରିଥିବା ବେଳେ ସାମାନ୍ୟ ମରାମତି ମଧ୍ୟ କରାଯାଉନଥିବା ଚିନ୍ତାର କାରଣ ହୋଇଛି। ଏହି ରାସ୍ତାର ଟର୍ଣ୍ଣିଂ ପଏଣ୍ଟରେ ବିରାଟ ଗାଡ଼ମାନ ହୋଇ ଥିବାବେଳେ ବର୍ଷାଜଳ ରହି ପୋଖରୀର ଭ୍ରମ ସୃଷ୍ଟି କରିଛି। ଏହି ଗାଡ଼ ଗୁଡିକରେ ଚାରିଚକିଆ ଯାନ ଯାତାୟାତରେ ଅସୁବିଧା ଭୋଗ କରୁଥିବା ବେଳେ ବାଇକ ଚକା ବୁଡିଯାଉଥିବାରୁ ଆରୋହୀମାନେ ନାହିଁ ନଥିବା ହୀନସ୍ତା ଭୋଗ କରୁଛନ୍ତି। ପ୍ରାୟ ୩ହଜାର କୋଟି ଟଙ୍କାର ଅନୁଦାନରେ ନିର୍ମାଣ ହୋଇଥିବା ଏହି ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଉପଯୁକ୍ତ ତଦାରଖ ଅଭାବରୁ ଏଭଳି ଦୟନୀୟ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଏହି ବୃହତ ଜଳସେଚନ ପ୍ରକଳ୍ପକୁ ନିୟମିତ ଅନୁଧ୍ୟାନ କରିବା ପରିବର୍ତ୍ତେ ଦୀର୍ଘ ମାସେ କାଳ ଏହି ପ୍ରକଳ୍ପକୁ ଅନୁଧ୍ୟାନ କରିନଥିବା ଅନୁମାନ ହୋଇଛି। ଏଣୁ ଜଳସମ୍ପଦ ବିଭାଗର ଆନନ୍ଦପୁର ମୁଖ୍ୟ ନିର୍ମାଣଯନ୍ତ୍ରୀ ଏଦିଗରେ ଦୃଷ୍ଟି ଦେବା ସହିତ ଏହି ବ୍ୟାରେଜ ଆପ୍ରୋଚ ରୋଡର ସର୍ବନିମ୍ନ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।



## କେନ୍ଦୁଝର ଜିଲ୍ଲାର ନୂତନ ୱେବସାଇଟ୍ ଲୋକାର୍ପିତ




**କେନ୍ଦୁଝର,୧୪।୩(ସମିସ):** ଓଡ଼ିଶାରେ ଇ-ଶାସନର ଏକ ନୂତନ ଯୁଗ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ର (ଓକାକ୍) ଦ୍ୱାରା ବିକଶିତ ଅନ୍‌ଲାଇନ୍ ଇନସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମକୁ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲା ଲାଗି ଉଦ୍‌ଘାଟନ କରିଛନ୍ତି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ୱେବସାଇଟ ଲୋକାର୍ପଣ ସମୟରେ କେନ୍ଦୁଝର ଓସ୍ୱାନ କକ୍ଷରେ ଜିଲ୍ଲାପାଳ ବିଶାଳ ସିଂ, ଡିଆଇଓ ଅଜୟ ମହାପାତ୍ର ଓ ଡିଇଜିଏମ ଭ୍ୟାଲେଣ୍ଟିନା ପୋଥାଳ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ ଯେ ଏହି ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ସିଷ୍ଟମ ପୋର୍ଟାଲ୍ ଉଦ୍ୟୋଗୀମାନଙ୍କ ଦ୍ୱାରା ଆବେଦନ ଦାଖଲ କରିବା ସହଜ କରିଥାଏ। ଯାହା ସେମାନଙ୍କ ପ୍ରୋତ୍ସାହନକୁ ଓଡ଼ିଶାର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ ଓ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫେବଲ୍ସ ନୀତି ଅନୁଯାୟୀ ଅନୁମୋଦନ କରିବାକୁ ଅନୁମତି ଦେଇଥାଏ। ଅନଲାଇନ୍ ଇନସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ ଶାରୀରିକ ପ୍ରୟୋଗ ଦାଖଲ ଉପରେ ଏକାଧିକ ସୁବିଧା ପ୍ରଦାନ କରିବ। ଏହି ଅନଲାଇନ୍ ପୋର୍ଟାଲ୍ ସାହାଯ୍ୟରେ, ଏକ କମ୍ପାନୀ ସପ୍ତାହରେ ଯେକୌଣସି ଦିନ ୨୪ ଘଣ୍ଟା ଏହାର ଆବେଦନ ଦାଖଲ କରିବାକୁ ସକ୍ଷମ ହୋଇପାରିବ। ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ।

## ମନରେଗା ଓ ଖାଦ୍ୟ ସୁରକ୍ଷା ଆଇନ ଜନଶୁଣାଣି ପ୍ରହସନ



**ସୋସୋ,୧୪।୩(ସମିସ):** ହାଟଡିହି ବ୍ଲକର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ଜନଶୁଣାଣି ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଉପଜିଲ୍ଲାପାଳ ଫାଲଗୁନି ମାଝୀ ଉପସ୍ଥିତ ଥିବା ବେଳେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଏବିଇଓ ଭୈରବ ତ୍ରିପାଠୀ, ସୋସିଆଲ ଅଡିଟର ବିଜୟ କୁମାର ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଯୋଗାଣ ଅଧିକାରୀ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭିଆରପି, ପିଇଓ, ଜିଆର୍‌ଏସ ଓ ସରପଞ୍ଚ ଯୋଗ ଦେଇଥିଲେ। ଏଥିରେ ବହୁ ପଞ୍ଚାୟତର ଜାତୀୟ ଖାଦ୍ୟ ସୁରକ୍ଷା ସମ୍ପର୍କରେ ଅନିୟମିତତା ଥିବା ପଦାକୁ ଆସିଥିବା ବେଳେ ମନରେଗା ଯୋଜନାର କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପଦାକୁ ଆସିନଥିଲା। ସାମାଜିକ ସମୀକ୍ଷାର ମଧ୍ୟ ସଠିକ ତଥ୍ୟ ପ୍ରକାଶ କରାଯାଇନଥିଲା। ଯାହାକୁ ନେଇ ଜନଶୁଣାଣି ପ୍ରହସନ ପାଲଟିଥିବା ଆଲୋଚିତ ହେଉଛି। ଭିଆର୍‌ପିମାନେ ପଞ୍ଚାୟତ କାର୍ଯ୍ୟାଳକୁ ଯାଇ ସଠିକ ତଥ୍ୟ ଆଣିପାରୁନଥିବା ଜଣାପଡିଥିଲା। କେବଳ ଭତ୍ତା ଓ ପିଡିଏସ୍ ସମ୍ପର୍କରେ ଅଧିକ ଆଲୋଚିତ ହୋଇଥିବା ବେଳେ ମନରେଗା ଯୋଜନାର ସମୀକ୍ଷା ଓ ସମସ୍ୟାର ଆଲୋଚନା ଲୋକ ଦେଖାଣିଆ ହୋଇଥିଲା।

## ଉଦ୍‌ଘାଟନ ପୂର୍ବରୁ ଆର୍‌ଆଇ କାର୍ଯ୍ୟାଳୟ ଗୃହ ଫାଟିଗଲାଣି



**ସୋସୋ, ୧୪।୩(ସମିସ):** ହାଟଡିହି ବ୍ଲକ ବିଭିନ୍ନ ବିଭାଗ ଅଧୀନରେ ହେଉଥିବା ଉନ୍ନୟନ କାର୍ଯ୍ୟ ଗୁଡିକ ତଦାରଖ ଓ ଏଷ୍ଟିମେଟ୍ ଅନୁଯାଇ କାର୍ଯ୍ୟ ହେଉନଥିବାରୁ ଉନ୍ନୟନ କାର୍ଯ୍ୟ ଗୁଡିକ ଅଳ୍ପ ଦିନରେ ନଷ୍ଟ ହେଉଥିବାବେଳେ ପକ୍କା ଗୃହ ଗୁଡିକ ମଧ୍ୟ ଫାଟି ଆଁ କରୁଛି। ଯାହାର ଉଦାହରଣ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମିତ ପଢିଆରିପଲ୍ଲିରେ ଗ୍ରାମରେ ନୂତନ ଆର୍‌ଆଇ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ୩୬ଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କା ବ୍ୟୟରେ ଆରଆଇ କାର୍ଯ୍ୟଳୟର ଗୃହ ନିର୍ମାଣ କରାଯାଇଥିଲା। କିନ୍ତୁ ଠିକାଦାର ତରବରିଆ ଭାବେ ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଗୃହଟି ସଂପୂର୍ଣ୍ଣ ହେବାର ୪ମାସ ହୋଇଥିବା ବେଳେ ଘରଟି ବିଭିନ୍ନ ସ୍ଥାନରେ ଫାଟିବା ସହିତ ଗ୍ରେଡ୍‌ବିମ୍ ମଧ୍ୟ ଫାଟିଛି। ତାଛଡା ପାହଚ ଗୁଡିକ ଫାଟି ଆଁ କରିଛି। ଗ୍ରାମରେ ଆର୍‌ଆଇ କାର୍ଯ୍ୟାଳୟ ହେବା ନେଇ ଦାବି ହୋଇ ଆସୁଥିବା ବେଳେ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ନୂତନ ଆର୍‌ଆଇ କାର୍ଯ୍ୟାଳୟ ପାଇଁ ଅନୁମତି ମିଳିଥିଲା। ଏଥିପାଇଁ ନୂତନ ଗୃହ ପାଇଁ ଅନୁଦାନ ଯୋଗାଇଦେଇଥିଲେ। ଗୃହ ସଂପୂର୍ଣ୍ଣ ପରେ ଆର୍‌ଆଇ କାର୍ଯ୍ୟାଳୟ ଏଯାବତ୍ ଉଦ୍‌ଘାଟନ ହୋଇନଥିବାବେଳେ ଗୃହଟି ବିଭିନ୍ନ ସ୍ଥାନରେ ଫାଟିବା ଆରମ୍ଭ କଲାଣି। ତା'ଛଡା ଲାଗିଥିବା ବିଭିନ୍ନ ଲାଇଟ ଚୋରି ହୋଇଗଲାଣି। ଏଭଳି ନିମ୍ନମାନର କାର୍ଯ୍ୟକୁ ନେଇ ଠିକାଦାର ଓ ବିଭାଗ ପ୍ରଶାସନ ର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି।

## ଆନନ୍ଦପୁର କଲେଜ ରସାୟନ ବିଜ୍ଞାନ ବିଭାଗର ଉତ୍ସବ

**ଆନନ୍ଦପୁର,୧୪।୩(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବକୁ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ଉଦଘାଟନ କରିଥିଲେ। ବିଭାଗର ମୁଖ୍ୟ ଡ. ଶେଖରପ୍ରସାଦ ଦେବତାଙ୍କ ସଭାପତିତ୍ୱରେ ବରିଷ୍ଠ ଅଧ୍ୟାପକ ଡ. ନିମାଇଁ ଚରଣ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସେମିନାର ସହସଂପାଦକ ଶୁଭ୍ରାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଭଞ୍ଜକିଆର ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ଚନ୍ଦ୍ରଶେଖର ମହାନ୍ତ ଯୋଗ ଦେଇଥିଲେ। ସେମିନାର ସମ୍ପାଦକ ସମରଜିତ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଡ. ଶକ୍ତି ପ୍ରସାଦ ମହାପାତ୍ର, ଶିବଚରଣ ବେହେରା, ସଂଘମିତ୍ରା ରାଉତ, ଶ୍ରୀଲେଖା ସାହୁ, ଅନୀତା ଦାଶ, ଭାରତୀ ସାହୁ, ହେମା ଗୁପ୍ତା, ରତିକାନ୍ତ ଦାସ, ପାର୍ଥସାରଥୀ ଶଙ୍ଖୁଆ, ଆଦ୍ୟଦେବ ମହାନ୍ତି, ପାର୍ଥସାରଥୀ ଦେଓ , ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ଦେଓଗାଁ ଜାଗର ମେଳାରେ ଜନଗହଳି

# ଖାଦ୍ୟ ଷ୍ଟଲ୍‌ରେ ମଜା ନେଉଛନ୍ତି ଯାତ୍ରୀ

ଆନନ୍ଦପୁର,୧୪।୩(ସମିସ)



ଦେଓଗାଁର ଶ୍ରୀ କୁଶଳେଶ୍ୱରଙ୍କ ଜାଗର ଯାତ୍ରା ଆଜି ସପ୍ତମ ଦିନରେ ପହଞ୍ଚିଥିବା ବେଳେ ଦିନକୁ ଦିନ ଜନଗହଳି ଅଧିକ ହେଉଛି। ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀକୁଶଳେଶ୍ୱରଙ୍କ ଜାଗର ମେଳା ପାଇଁ ଓଡିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଫୁଡ୍ ବଜାରରେ ମଜା ନେଉଛନ୍ତି ଯାତ୍ରୀମାନେ। ପିଲାଛୁଆ ଓ ଆତ୍ମୀୟସ୍ୱଜନଙ୍କ ସହିତ ଯାତ୍ରୀମାନେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଭିଡ ଜମାଇଥିବା ପରିଲକ୍ଷିତ ହୋଇଛି। ଦିନକୁ ଦିନ ଜନଗହଳି ଭିତରେ ଶାନ୍ତିଶୃଙ୍ଖଳାର ସହ ଚାଲିଥିବା ଏହି ମେଳାରେ ଆକାଶଗଙ୍ଗା ଅପେରା ପାଇଁ ରାତି ତମାମ ଜନଗହଳି ଲାଗିରହୁଥିବା ଜଣାଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳାରେ ଓଡିଶାର ବିଭିନ୍ନ ସ୍ଥାନରୁ ନାମୀଦାମୀ ଉଠାଦୋକାନୀ ଘରକରଣା ସାମଗ୍ରୀ ଆଣିଥିବା ବେଳେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀର ମେଳା ପଡିଆରେ ପସରା ମେଳିଛି। କେନ୍ଦୁଝର ଜିଲା ଘସିପୁରା ବ୍ଲକ ଦେଓଗାଁ ଶ୍ରୀ କୁଶଳେଶ୍ୱର ପୀଠରେ ହେଉଥିବା ଏହି ଜାଗର ମେଳା ୧୧ ଦିନ ଧରି ଅନୁଷ୍ଠିତ ହେଉଥିବାରୁ ପ୍ରତିଦିନ ଯାତ୍ରୀଙ୍କ ଭିଡ଼ ଲାଗିରହିଛି। ଆନନ୍ଦପୁର ଉପଖଣ୍ଡର ଏହି ସର୍ବବୃହତ ମେଳାର ସପ୍ତମ ଦିନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଅପରାହ୍ନ ୫ଟାରୁ ମେଳା ପଡିଆରେ ଆଖପାଖ ଅଞ୍ଚଳ ସମେତ ଯାଜପୁର, ଢେଙ୍କାନାଳ ଜିଲ୍ଲାର ଜନସାଧାରଣଙ୍କ ସମାଗମ ପରିଲକ୍ଷିତ ହୋଇଛି। ଲୋକଙ୍କ ମନୋରଞ୍ଜନ ପାଇଁ, ରାମଦୋଳି, ଡ୍ୟାନ୍‌ସିଂ ଦୋଳି, ଡ୍ରାଗନ ଦୋଳି, ବେଲୁନ ଦୋଳି, ଜମ୍ପିଂ ଦୋଳି, ମିକି ମାଉସ ଓ ମୀନାବଜାର ପାଇଁ ଚଳିତ ବର୍ଷର ଜାଗର ମେଳା ବେଶ ଆକର୍ଷଣୀୟ ହୋଇଉଠିଥିବା ଜଣାଯାଇଛି। ଏହି ଜାଗରମେଳା କାର୍ଯ୍ୟକ୍ରମରେ ଆୟୋଜକ କମିଟିର ଦେବେନ୍ଦ୍ର ଦାଶ, ପ୍ରେମାନନ୍ଦ ପାଣିଗ୍ରାହୀ, ଅରୁଣ ରାଉତ, ପଙ୍କଜ ଦାଶ, ରଞ୍ଜନ ବଳ, ସନ୍ତୋଷ ବଳ, ବିଶ୍ୱଜିତ ଦାଶ, ରାଜୀବ ଲୋଚନ ଜେନା, ବଳରାମ ସେଠୀ, ଆଶିଷ ରାଉତ, ଜଗବନ୍ଧୁ ପଣ୍ଡା, କାବୁଲି ପଣ୍ଡା ପ୍ରମୁଖ ସହଯୋଗ କରୁଥିବା ଜଣାଯାଇଛି।



# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

# ସ୍ୱାମୀଙ୍କ ଭଲପାଇବା ଏମିତି

## ପତ୍ନୀଙ୍କୁ ଧରାନ୍ତି ୮ ଲକ୍ଷ ହାତଖର୍ଚ୍ଚ

ବିବାହ ଏକ ପବିତ୍ର ବନ୍ଧନ । ଅନେକ ଆଶା ଆକାଂକ୍ଷା ଯୋଡ଼ି ହୋଇ ରହିଥାଏ ଏହାସହ । ବର କନିଆଙ୍କ ଠାରୁ ଆରମ୍ଭ କରି ପରିବାର ଓ ବନ୍ଧୁବାନ୍ଧବ ସମସ୍ତେ ବେଶ୍ ଉତ୍ସାହିତ ଥାନ୍ତି ବାହାଘରକୁ ନେଇ । ପ୍ରତ୍ୟେକ ଝିଅ ତାଙ୍କୁ ଭଲ ସ୍ୱାମୀଟିଏ ମିଳୁ ବୋଲି ସ୍ୱପ୍ନ ଦେଖିଥାନ୍ତି । ଯିଏ ତାଙ୍କୁ ସବୁବେଳେ ଖୁସିରେ ରଖିପାରୁଥିବ । ସେମିତି ଜଣେ ସ୍ୱାମୀ ହେଲେ ଆମେରିକାରେ ରହୁଥିବା ଆର୍ଟୁରୋ ପେଷ୍ଟାନା । ଆର୍ଟୁରୋ ନିଜ ପତ୍ନୀଙ୍କୁ ଏମିତି ରଖନ୍ତି ଯେ, ଏବେ ସେ ବିଶ୍ୱର ସବୁଠୁ ଭଲ ସ୍ୱାମୀ ଆଖ୍ୟା ପାଇଛନ୍ତି । ୨୪ ବର୍ଷୀୟ ଆର୍ଟୁରୋ ତାଙ୍କ ପତ୍ନୀଙ୍କୁ ହାତଖର୍ଚ୍ଚ ବାବଦରେ ମାସକୁ ୮ ଲକ୍ଷ ଟଙ୍କା ଦେଇଥାନ୍ତି । ଯଦ୍ୱାରା ସେ ମନଇଚ୍ଛା ସପିଂ କରିପାରିବେ । ତା'ସହ ନିଜ ସ୍ତ୍ରୀଙ୍କୁ ଘରକାମ କରିବାକୁ ବି ମନା କରନ୍ତି । ଏହାବାଦ୍ ପ୍ରତିମାସ ଅମିରାଙ୍କୁ ୪ଟି ଛୁଟି ମଧ ଦେଇଥାଆନ୍ତି ଯଦ୍ୱାରା ସେ ଯୁଆଡ଼େ ଇଚ୍ଛା କରିବେ ବୁଲିପାରିବେ । ତେବେ ୧୨ ବର୍ଷ ବୟସରେ ଏହି ପତିପତ୍ନୀ ପରସ୍ପରକୁ ଭେଟିଥିଲେ । ୨୦୨୩ ମସିହାରେ ଏ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଗଲେ । ଅମିରା ଓ ଆର୍ଟୁରୋଙ୍କ ଗୋଟିଏ ସନ୍ତାନ ମଧ୍ୟ ଅଛି । ପ୍ରଥମେ ଆର୍ଟୁରୋଙ୍କୁ ଅମିରା ପସନ୍ଦ କରୁ ନ ଥିଲେ । ମାତ୍ର ୧୮ ବର୍ଷ ବୟସ ହେବା ପରେ ଅମିରା ଆର୍ଟୁରୋଙ୍କ ପ୍ରେମକୁ ସ୍ୱୀକାର କରିଥିଲେ ଓ ଉଭୟେ ଏବେ ସୁଖୀଦାମ୍ପତ୍ୟ ଜୀବନ କାଟୁଛନ୍ତି । ଅମିରାଙ୍କୁ ସାରା ଜୀବନ ରାଜକୁମାରୀ ଭଳି ରଖିବେ ବୋଲି ଆର୍ଟୁରୋ କହିଛନ୍ତି ।





- ୧୮୯୨- ପ୍ରଥମ ଥର ନ୍ୟୁୟର୍କରେ ଅଟୋମେଟିକ୍ ବାଲାଟ୍ ମେସିନ୍‌ର ବ୍ୟବହାର କରାଗଲା ।
- ୧୯୧୯ - ଉସ୍‌ମାନିଆ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ହୋଇଥିଲା ।
- ୧୯୩୪- ବହୁଜନ ସମାଜ ପାର୍ଟିର ସଂସ୍ଥାପକ କାଂଶୀ ରାମଙ୍କ ଜନ୍ମ ।
- ୨୦୦୨- ବାର୍ସିଲୋନାରେ ୟୁରୋପୀୟ ସଂଘର ଶିଖର ସମ୍ମିଳନୀ ଆରମ୍ଭ ହେଲା ।
- ୨୦୦୮ - ଦେଶର ପ୍ରଥମ ମହିଳା ପାଇଲଟ୍ ସରଳା ଠକରାଲ୍‌ଙ୍କ ଦେହାନ୍ତ ।



# ଭିକାରି ବେଶରେ ୧୨ ବର୍ଷ

ସମାଜରେ ବହୁ ଅସହାୟ, ଦରିଦ୍ର ତଥା ଭିନ୍ନକ୍ଷମ ଭିକ୍ଷାବୃତ୍ତି କରିଥାନ୍ତି । ଏଥିରୁ ଯାହା କିଛି ମିଳେ ସେଥିରେ ସେମାନେ ଜୀବନ ନିର୍ବାହ କରନ୍ତି । ଏହି ପରିପ୍ରେକ୍ଷୀରେ ଚୀନ୍‌ର ଜଣେ ବ୍ୟକ୍ତିଙ୍କୁ ଅଭିନୟ ପସନ୍ଦ ଥିବାରୁ ସେ ଭିକାରି ବେଶ ଧାରଣ କରିଛନ୍ତି । ତେବେ ଏହି ବ୍ୟକ୍ତି ଜଣକ ଯେ, କେବଳ ଭିକାରି ଭଳି ଅଭିନୟ କରୁଛନ୍ତି ତାହା ନୁହେଁ, ବରଂ ଏହାକୁ ସେ ବୃତ୍ତି ଭାବେ ଆପଣାଇ ମାସକୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି । ଅଭିନେତା ଲୁ ଜିନ୍‌ଗାଙ୍ଗ ଚୀନ୍‌ର ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳରେ ଭିକାରି ବେଶରେ ଦିନେ କି ଦୁଇ ଦିନ ନୁହେଁ, ବରଂ ଦୀର୍ଘ ୧୨ ବର୍ଷ ଧରି ଅଭିନୟ କରି ଆସୁଛନ୍ତି । ତାଙ୍କ ଅଭିନୟ ଏତେ ଜୀବନ୍ତ ଯେ, ଲୋକେ ତାଙ୍କୁ ସତରେ ଭିକାରି ଭାବନ୍ତି । ଲୁଙ୍କୁ ଦେଖିଲେ ଏମିତି ଲାଗେ, ଯେମିତି ସେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଉଦାସ ମୁହଁ ସହିତ ଛିଣ୍ଡାଲେଙ୍କଡ଼ା ମଇଳା ପୋଷାକରେ ଲୁଙ୍କୁ ସବୁବେଳେ ଦେଖିବାକୁ ମିଳେ । ତାଙ୍କର ଏଭଳି ଅବସ୍ଥାକୁ ଦେଖି ଲୋକେ ଦୁଃଖ କରି ଲୁଙ୍କୁ ଭିକ୍ଷା ଦେବାକୁ ବାଧ୍ୟ ହୋଇଥାନ୍ତି । ଲୁ ତାଙ୍କର ଏହି ଅଭିନୟ ମାଧ୍ୟମରେ ମାସିକ ଆଠ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି । ଅବଶ୍ୟ ପ୍ରଥମେ ତାଙ୍କ ପରିବାର ତାଙ୍କର ଏଭଳି କାର୍ଯ୍ୟକୁ ଆଦୌ ପସନ୍ଦ କରୁ ନ ଥିଲେ । କିନ୍ତୁ ପରେ ଏଥିରୁ ସେ ଅଧିକ ଟଙ୍କା ଆୟ କରିବାରୁ ସେମାନେ ଲୁଙ୍କ ଏହି କାର୍ଯ୍ୟକୁ ସମର୍ଥନ କଲେ । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ସେୟାର୍ ହେବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ତା'ସହ ଲୁଙ୍କ ଏଭଳି କାର୍ଯ୍ୟକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଚାକିରି ଛାଡ଼ି ଭିକ୍ଷାବୃତ୍ତିକୁ ଆପଣାଇବା କଥା ଅନେକ କହିଛନ୍ତି ।

# 'ପୁଷ୍ପା-୨'ରେ ସଞ୍ଜୟ !



ଚଳିତ ବର୍ଷ ରିଲିଜ୍ ହେବାକୁ ଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି 'ପୁଷ୍ପା ୨: ଦ ରୁଲ୍' । ଅଲ୍ଲୁ ଅର୍ଜୁନ୍‌ଙ୍କ ଅଭିନୀତ 'ପୁଷ୍ପା' ଫିଲ୍ମର ଏହା ସିକ୍ୱେଲ । ୨୦୨୧ରେ ମୁକ୍ତିଲାଭ କରିଥିବା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ସାରା ବିଶ୍ୱରେ ୩୫୦ କୋଟିରୁ ଅଧିକ ଆୟ କରିଥିଲା । ବିଶେଷକରି ସୋସିଆଲ ମିଡିଆରେ ଏହାର ଏକ ଅଲଗା କ୍ରେଜ୍ ଦେଖିବାକୁ ମିଳିଥିଲା । ତେବେ 'ପୁଷ୍ପା-୨' ପାଇଁ ଏହାର ନିର୍ଦ୍ଦେଶକ ସୁକୁମାର ସଞ୍ଜୟ ଦତ୍ତଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି । ଏଥିରେ ସଞ୍ଜୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ଅଭିନୟ କରିବେ । ତେବେ 'କେଜିଏଫ୍-୨' ହିଟ୍ ହେବା ପରେ ସଞ୍ଜୟଙ୍କୁ ବହୁତ ବଡ଼ ବଡ଼ ବ୍ୟାନର୍‌ରୁ ଅଫର୍ ଆସୁଛି । ସଞ୍ଜୟ ଏଥିରେ ଖଳନାୟକ ଭାବେ ଦେଖାଯିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନର ପାରିବାରିକ ମତଭେଦ ଦୂର ହେବ । ଭାବନା ଉପରେ ନିୟନ୍ତ୍ରଣ ରଖନ୍ତୁ । କର୍ମଚଞ୍ଚଳ ରହିବେ । ସାଥୀଙ୍କୁ ତାଙ୍କ ପସନ୍ଦର ଉପହାର ଦିଅନ୍ତୁ । ଶୁଭ ରଙ୍ଗ-ଲାଲ୍, ଶୁଭ ଅଙ୍କ- ୫ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି । ନୂତନ ବ୍ୟବସାୟ ପାଇଁ ଉପଯୁକ୍ତ ସମୟ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଶୁଭ ରଙ୍ଗ-ସବୁଜ, ଶୁଭ ଅଙ୍କ- ୯ ।

**ମିଥୁନ:** ପ୍ରେମସମ୍ପର୍କ ବିଷୟରେ ଅଧିକ ଚିନ୍ତା କରିବେ । ନିଜ ପାଇଁ ସମୟ ବାହାର କରନ୍ତୁ । ଶାନ୍ତ ରୁହନ୍ତୁ । କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ଶୁଭ ରଙ୍ଗ -ହଳଦିଆ, ଶୁଭ ଅଙ୍କ- ୭ ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଶୁଭ ରଙ୍ଗ - ଗାଢ଼ ନୀଳ ଓ ଶୁଭ ଅଙ୍କ - ୧୧ ।

**ସିଂହ:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପ୍ରେମ ବ୍ୟାପାରରେ ସତର୍କ ରୁହନ୍ତୁ । ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ଶୁଭ ରଙ୍ଗ - ନାରଙ୍ଗୀ ଓ ଶୁଭ ଅଙ୍କ- ୩ ।

**କନ୍ୟା:** ନିଜ ଲୋକଙ୍କ ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ଶୁଭ ରଙ୍ଗ -ବାଇଗଣୀ ଓ ଶୁଭ ଅଙ୍କ -୧୬ ।

**ତୁଳା:** ମନ ବିଚଳିତ ରହିବ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ପୂଜାର୍ଚ୍ଚନାରେ ସମୟ ବିତିବ । ଶୁଭ ରଙ୍ଗ-ଗୋଲାପୀ ଏବଂ ଶୁଭ ଅଙ୍କ -୮ ।

**ବିଛା:** ନିଜ ମନକଥା କହିବାକୁ ସଙ୍କୋଚ କରନ୍ତୁନି । ଅଚାନକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜମିବାଡ଼ିକୁ ନେଇ ବିବାଦ ଦେଖାଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଶୁଭ ରଙ୍ଗ -ସବୁଜ, ଶୁଭ ଅଙ୍କ -୬ ।

**ଧନୁ:** ପ୍ରେମରେ ପ୍ରତାରିତ ହୋଇପାରନ୍ତି । ଘର ପାଇଁ ନୂଆ ଜିନିଷ କିଣିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଶୁଭ ରଙ୍ଗ - ଲାଲ, ଶୁଭ ଅଙ୍କ -୧୨ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ନୂତନ ଯାନବାହନ କ୍ରୟ କରିବେ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ଶୁଭ ରଙ୍ଗ -ହଳଦିଆ ଓ ଶୁଭ ଅଙ୍କ -୧୭ ।

**କୁମ୍ଭ:** ଆଜି ଦିନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଶୁଭ ରଙ୍ଗ- ନୀଳ, ଶୁଭ ଅଙ୍କ -୧୩ ।

**ମୀନ:** ବ୍ୟବସାୟରେ ବାଧା ଆସିବ । ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେବେ । ଶୁଭ ରଙ୍ଗ- ଧଳା. ଶୁଭ ଅଙ୍କ -୨ ।

# କର୍କଟ ଆଶଙ୍କା ହ୍ରାସ କରେ ଆଖୁରସ



**ଆଖୁରସରୁ ସୋଡିୟମ୍, କ୍ୟାଲସିୟମ୍, ଲୌହସାର ଆଦି ପୋଷକତତ୍ତ୍ୱ ମିଳିଥାଏ । ଆଖୁରସ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରିବା ସହ ଯକୃତ୍ ସମସ୍ୟା, ପାଚନସମ୍ବନ୍ଧୀୟ ସମସ୍ୟାକୁ କମ୍ କରି ଅସ୍ଥିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ତେଣୁ ପ୍ରତିଦିନ ଏକ ଗ୍ଲାସ ଆଖୁରସ ପିଇବା ଫଳପ୍ରଦ ।**

- ଆଖୁରସରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍ ମାତ୍ରା ଅଧିକ ରହିଥାଏ । ଏଥିରେ ମିଳୁଥିବା ସ୍ୱତନ୍ତ୍ର ତତ୍ତ୍ୱ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରାଏ । ବିଭିନ୍ନ କର୍କଟ ରୋଗ ସମେତ ପ୍ରୋଷ୍ଟେଟ ଏବଂ ସ୍ତନ୍ୟ କର୍କଟ ସହ ଲଢ଼େଇ କରିବାରେ ଏହା ବେଶ୍ ସହାୟକ ହୁଏ । ଆଖୁରସରେ ପ୍ରାକୃତିକ ଶର୍କରା ମିଳୁଥିବାରୁ ଏହା ଶରୀରର ଗ୍ଲୁକୋଜ ମାତ୍ରାକୁ ବୃଦ୍ଧି କରାଏ । ଏହି ରସ ପିଇବା ଦ୍ୱାରା ଶରୀର ମଜଭୁତ ରହିବା ସହ ଖରାଦିନେ ଅଜୀର୍ଣ୍ଣ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ ।
- ଆଖୁରସରୁ ମିଳୁଥିବା ପୋଟାସିୟମ୍ ପାଚନତନ୍ତ୍ର ପାଇଁ ଲାଭପ୍ରଦ । ପେଟଜନିତ ସମସ୍ୟାକୁ ଏହା ଦୂର କରେ । କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ । ଏଥିରେ ଥିବା ଫାଇବର ଓଜନ ନିୟନ୍ତ୍ରଣ କରେ । ଅଲ୍‌ଫା ହାଇଡ୍ରୋକ୍ସି ଏସିଡ (ଏଏଚ୍‌ଏଏସ୍) ପଦାର୍ଥ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ ।
- ଆଖୁରସ ଶରୀରର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସରାଇଡ ସ୍ତରକୁ ହ୍ରାସ କରେ । ପ୍ରୋଟିନ୍‌ଯୁକ୍ତ ଆଖୁରସ ପିଇବା ଦ୍ୱାରା ବୃକ୍କ ସଂକ୍ରମଣ, ପରିସ୍ରା ସଂକ୍ରମଣ, ଅମ୍ଳ, ପଥର ସମସ୍ୟାରୁ ମୁକ୍ତି ମିଳେ । ସେହିପରି ଆଖୁରସରେ ଆଣ୍ଟି ଅକ୍ସିଡାଣ୍ଟ ମାତ୍ରା ଅଧିକ ଥିବାରୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ରକ୍ତହୀନତା ଦୂର କରେ । ଦାନ୍ତଜନିତ ସମସ୍ୟା ଦୂର କରିବାରେ ମଧ୍ୟ ଆଖୁ ରସ ବେଶ୍ ଫଳପ୍ରଦ ।




# ଷ୍ଟେରଏଡ୍ ଜନିତ ଗ୍ଲୁକୋମାରୁ ଦୃଷ୍ଟିହୀନତା



**ଗ୍ଲୁକୋମା ଏକ ଚକ୍ଷୁ ସମସ୍ୟା, ଯାହା ଆଖିର ଚାପ ବୃଦ୍ଧି ସହିତ ଜଡ଼ିତ । ଏହା ଦୃଷ୍ଟି ସ୍ନାୟୁକୁ କ୍ଷତି ପହଞ୍ଚାଇଥାଏ । ଏହି ସମସ୍ୟାରେ ଯେକୌଣସି ବୟସର ଲୋକ ଆକ୍ରାନ୍ତ ହୁଅନ୍ତି । ତେବେ ଷ୍ଟେରଏଡ୍ ଜନିତ ଗ୍ଲୁକୋମା କିପରି ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଉଛି, ଆସନ୍ତୁ ଜାଣିବା...**

**ମୋତିଆବିନ୍ଦୁ ସୃଷ୍ଟି କରେ ଷ୍ଟେରଏଡ୍:** ଆଜ୍‌ମା, ଆର୍ଥ୍ରାଇଟିସ୍ ଏବଂ ଆଖିର ଆଲର୍ଜି ଭଳି ପ୍ରଦାହଜନିତ ରୋଗର ଚିକିତ୍ସା ପାଇଁ ସାଧାରଣତଃ ବିଭିନ୍ନ ଔଷଧରେ ବ୍ୟବହୃତ ହେଉଥିବା ଷ୍ଟେରଏଡ୍‌ର ଅପବ୍ୟବହାର ଚକ୍ଷୁ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପକାଇପାରେ । ବିଶେଷ କରି ଦୀର୍ଘ ସମୟ ଷ୍ଟେରଏଡ୍ ବ୍ୟବହାର ଦ୍ୱାରା ଗ୍ଲୁକୋମା ସୃଷ୍ଟି ହୁଏ । ଏହା ଚକ୍ଷୁ ଭିତରେ ଚାପ ବୃଦ୍ଧି କରି ଦୃଷ୍ଟିଶକ୍ତିହାନୀର କାରଣ ହୋଇଥାଏ । ଆଇ ଡ୍ରପ୍, ମଲମ, ଇନହେଲର୍, ଟାବଲେଟ୍ ଏବଂ ଇଞ୍ଜେକ୍ସନ ସମେତ ଯେକୌଣସି ଔଷଧରେ ଷ୍ଟେରଏଡ୍ ରହିପାରେ । ବ୍ରଣ କିମ୍ବା କୁଣ୍ଡିଆର ଚିକିତ୍ସା ପାଇଁ କ୍ରିମ୍ ଏବଂ ଫେୟାରନେସ୍ କ୍ରିମ ଭଳି ଅନେକ ଅଣ-ଔଷଧୀୟ ଉତ୍ପାଦରେ ମଧ୍ୟ ଷ୍ଟେରଏଡ୍ ରହିଥାଏ ।

ଷ୍ଟେରଏଡ୍ ମୋତିଆବିନ୍ଦୁ ସୃଷ୍ଟି କରିପାରେ । ଚକ୍ଷୁ ଆଲର୍ଜି ଥିବା ଶିଶୁମାନେ ଏଥିପ୍ରତି ଅଧିକ ସମ୍ବେଦନଶୀଳ । ଲାଲ ପଡ଼ିଥିବା ଓ କୁଣ୍ଡାଇ ହେଉଥିବା ଆଖିରୁ ଶୀଘ୍ର ଉପଶମ ପାଇବା ପାଇଁ ଏହି ଷ୍ଟେରଏଡ୍ ନିୟମିତ ଭାବେ ବିନା ପ୍ରେସକ୍ରିପସନରେ ସହଜରେ କିଣାଯାଇପାରିବ, ଯାହାକି ଡାକ୍ତରଙ୍କ ବିନା ଚିକିତ୍ସାକୁ ତଦାରଖ କରାଯାଇପାରେ ନାହିଁ ।

**ଏଲଭିପିଇଆଇ ପକ୍ଷରୁ ଅଭିଯାନ:** ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଗତ କିଛି ବର୍ଷ ମଧ୍ୟରେ କଳା ମୋତିଆ ବିନ୍ଦୁ (ଗ୍ଲୁକୋମା)ରେ ଅଧିକାଂଶ ଲୋକ ପୀଡିତ ହେଉଛନ୍ତି । ଏନେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ମାର୍ଚ୍ଚ ମାସରେ 'ବିଶ୍ୱ ଗ୍ଲୁକୋମା ସପ୍ତାହ' ପାଳନ କରାଯାଏ । ଗ୍ଲୁକୋମା ରୋଗର ଆଗୁଆ ଚିହ୍ନଟ ଓ ନିରାକରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲଭିପିଇଆଇ) ଅଭିଯାନ, ଆଲୋଚନା ଏବଂ ରୋଗୀଙ୍କ ସହ ପାରସ୍ପରିକ କଥାବାର୍ତ୍ତା କାର୍ଯ୍ୟକ୍ରମ ଆୟୋଜନ କରି 'ବିଶ୍ୱ ଗ୍ଲୁକୋମା ସପ୍ତାହ' ପାଳନ କରୁଛି । ଏହା ଚଳିତ ମାର୍ଚ୍ଚ ୧୦ରୁ ୧୬ ତାରିଖ ଯାଏଁ ପାଳନ କରାଯାଉଛି । ଏବର୍ଷ ଷ୍ଟେରଏଡ୍ –ଜନିତ ଗ୍ଲୁକୋମା ଉପରେ ବିଶେଷ ଧ୍ୟାନ ଦିଆଯାଉଛି ।

ଏଲଭିପିଇଆଇ ଦ୍ୱାରା ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଚକ୍ଷୁ ଆଲର୍ଜି ଥିବା ୪୦୬୨ ଶିଶୁଙ୍କ ମଧ୍ୟରୁ ୨.୨% ଙ୍କର ଷ୍ଟେରଏଡ୍ ଜନିତ ଗ୍ଲୁକୋମା ଥିଲା । ଏହି ଶିଶୁମାନଙ୍କ ମଧ୍ୟରୁ ୩୦% ରୁ ଅଧିକ ଆମ ପାଖରେ ପହଞ୍ଚିବା ବେଳକୁ ଦୃଷ୍ଟିଶକ୍ତି ହରାଇ ସାରିଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ବିନା ପ୍ରେସକ୍ରିପସନରେ କିମ୍ବା ମୂଳ ପ୍ରେସକ୍ରିପସନ୍ ଜାରି ହେବା ସମୟଠାରୁ ଦୀର୍ଘ ଦିନ ଧରି ଷ୍ଟେରଏଡ୍ ବ୍ୟବହାର କରୁଥିଲେ ବୋଲି ଭୁବନେଶ୍ୱରସ୍ଥିତ ଏଲଭିପିଇଆଇର ମିଠୁ ତୁଳସୀ ଚନରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅଭିକ କୁମାର ରାୟ କହିଛନ୍ତି ।

**ପ୍ରତିକାର:** ପ୍ରେସକ୍ରିପସନରେ ଷ୍ଟେରଏଡ୍ ଅଛି କି ନାହିଁ ଡାକ୍ତରଙ୍କୁ ପଚାରିବା ଉଚିତ୍ । ଯଦି ଏହା ଦୀର୍ଘ ଦିନ କିମ୍ବା ବାରମ୍ବାର ବ୍ୟବହାର ହୋଇଥାଏ, ତେବେ ଚକ୍ଷୁ ପରୀକ୍ଷା କରାଇବା, ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ହିଁ ଉପଯୁକ୍ତ ଭାବେ ଔଷଧ ସେବନ କରିବା ଆବଶ୍ୟକ । ଷ୍ଟେରଏଡ୍ ଯୁକ୍ତ ଆଇ ଡ୍ରପ୍, ଇନହେଲର୍, ମଲମ କିମ୍ବା ବଟିକା ଖାଉଥିଲେ ନିୟମିତ ଚକ୍ଷୁ ପରୀକ୍ଷା କରାଇବା ଉଚିତ ।



# ଦାନ୍ତ ହଳଦିଆ ପଡୁଥିଲେ...

**ଜଣ ଜଣଙ୍କର ଦାନ୍ତ ଖୁବ୍ ହଳଦିଆ ଦେଖାଯାଇଥାଏ । ଏହା ସେମାନଙ୍କ ସୌନ୍ଦର୍ଯ୍ୟହାନି କରେ । ସେମାନେ ଅନ୍ୟ ଆଗରେ ଦାନ୍ତ ଦେଖାଇବାକୁ ସଙ୍କୋଚ ଅନୁଭବ କରନ୍ତି । ଯଦିଓ ଭିନ୍ନ ଭିନ୍ନ କାରଣରୁ ଦାନ୍ତ ହଳଦିଆ ପଡ଼ିଥାଏ, କିନ୍ତୁ ଆବଶ୍ୟକତାଠାରୁ ଦାନ୍ତ ଅଧିକ ହଳଦିଆ ହୋଇଥିଲେ, କିଛି ଘରୋଇ ଉପାୟରେ ଦାନ୍ତକୁ ଚକ୍‌ଚକ୍ କରିପାରିବେ ।**

- ନିମ୍ବକାଠି, କରଞ୍ଜ, ଅପମାରଗରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଥିବାରୁ ଏଥିରେ ଦାନ୍ତ ଘଷିବା ଦ୍ୱାରା ଦାନ୍ତ ସଫା ଓ ଚିକ୍କଣ ହୁଏ । ମାଢ଼ି ମଜଭୁତ ରୁହେ । ପୋକ ସମସ୍ୟା ରହେନି ।
- ଷ୍ଟ୍ରବେରୀରେ ମୋଲିକ୍ ଏସିଡ୍ ଥିବାରୁ ଏହା ଦାନ୍ତରୁ ହଳଦିଆ ଦାଗ ଦୂରେ ହୁଏ । ଷ୍ଟ୍ରବେରୀରେ ଅଳ୍ପ ବେକିଂ ସୋଡ଼ା ମିଶାଇ ଏହାକୁ ଦାନ୍ତରେ ପାଞ୍ଚ ମିନିଟ୍ ଘଷିବା ଦ୍ୱାରା ଦାନ୍ତ ଚିକ୍କଣିଆ ରୁହେ । ମାଢ଼ି ଜନିତ ସମସ୍ୟା ରୁହେ ନାହିଁ ।
- ନଡ଼ିଆ ତେଲକୁ ଅଙ୍ଗୁଠିରେ ନେଇ ଦାନ୍ତରେ ଘଷିବା ଦ୍ୱାରା ଦାନ୍ତ ଚିକ୍କଣ ହୁଏ । ମୁଖ ଦୁର୍ଗନ୍ଧ ରୁହେ ନାହିଁ । ଦାନ୍ତ ମାଢ଼ି ମଜଭୁତ ରୁହେ ।
- ତରଭୁଜ, କମଳା, ସେଓ ଓ କଦଳୀ ଖାଇବା ଦ୍ୱାରା ଦାନ୍ତ ସଫା ରୁହେ । ଦାନ୍ତରେ ଜମି ରହିଥିବା ଖାଦ୍ୟ ଟୁକୁଡ଼ା ବାହାରିଥାଏ । ଦାନ୍ତ ଚିକ୍‌ଚିକ୍ କରିଥାଏ ।

# ପ୍ୟାରଟ୍ ଫିଭର

**ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ପ୍ୟାରଟ୍ ଫିଭର' ତଥା ସିଟାକୋସିସ ମାମଲାକୁ ନେଇ ଚିନ୍ତିତ ରହିଛି । ଏହି ଜ୍ୱର କାରଣରୁ ୟୁରୋପରେ ପ୍ରାୟ ପାଞ୍ଚ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏହି ରୋଗ ପକ୍ଷୀଙ୍କଠାରୁ ବ୍ୟାପିଥାଏ । ତେବେ ପ୍ୟାରଟ୍ ଫିଭର କ'ଣ, ଏହାର ଲକ୍ଷଣ ଓ ଉପଚାର ବିଷୟରେ ଜାଣନ୍ତୁ...**



ସିଟାକୋସିସ୍‌କୁ ପ୍ୟାରଟ୍ ଫିଭର କୁହାଯାଏ । ଶୁଆ ପରି ବିଭିନ୍ନ ଜଙ୍ଗଲୀ ଏବଂ ପାଳିତ ପକ୍ଷୀ ଏବଂ କୁକୁଡ଼ାଙ୍କ ଠାରୁ ଏହି ରୋଗ ବ୍ୟାପିପାରେ । ସଂକ୍ରମଣର ୫ରୁ ୧୪ ଦିନ ମଧ୍ୟରେ ଜ୍ୱର ହୋଇଥାଏ । ଶ୍ୱାସକ୍ରିୟାରେ ସମସ୍ୟା, ଛାତି ଯନ୍ତ୍ରଣା ଏବଂ ଦୃଷ୍ଟିଶକ୍ତିରେ ସମସ୍ୟା, ଥକ୍କାପଣ, କମଜୋର, ଶୁଖିଲା କାଶ, ବାନ୍ତି, ମାଂସପେଶୀ ଯନ୍ତ୍ରଣା, ଜ୍ୱର ଆସିବା ସହ ଥଣ୍ଡା ଲାଗିବା ଆଦି ଲକ୍ଷଣ ଦେଖାଯାଏ ।

ସଂକ୍ରମିତ ପକ୍ଷୀଙ୍କ ମଳ ଏବଂ ତାଙ୍କ ଶରୀରରୁ ନିର୍ଗତ ହୋଇଥିବା ତରଳ ପଦାର୍ଥ ଦ୍ୱାରା କିମ୍ବା ଉକ୍ତ ପକ୍ଷୀ କାମୁଡ଼ିବା ଦ୍ୱାରା ମଧ୍ୟ ଲୋକ ସଂକ୍ରମିତ ହୋଇଥାନ୍ତି । ଚିକିତ୍ସା ନ କରିଲେ ନିମୋନିଆ, ହୃଦ୍‌ସମସ୍ୟା, ହେପାଟାଇଟିସ୍ କିମ୍ବା ସ୍ନାୟୁଜନିତ ସମସ୍ୟା ଆଦି ଜଟିଳ ରୋଗ ସୃଷ୍ଟି କରେ । ତେଣୁ ଜ୍ୱରର ଲକ୍ଷଣକୁ ଦେଖି ଡାକ୍ତରଙ୍କ ପରାମର୍ଶରେ ଆଣ୍ଟି ବାୟୋଟିକ୍ସ ଏବଂ ଅନ୍ୟାନ୍ୟ ଔଷଧ ସେବନ କରିପାରିବେ ।

**ଏଏଫ୍‌ସି କପ୍**

# ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ



**ଭୁବନେଶ୍ୱର, ୧୪।୩ (ସମିସ)**

ସମ୍ମାନଜନକ ଫୁଟ୍‌ବଲ ପ୍ରତିଯୋଗିତା ଏଏଫ୍‌ସି କପ୍‌ରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି)ର ଅଭିଯାନ ସେମିଫାଇନାଲରେ ଅଟକିଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲୀୟ କ୍ଲବ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଖେଳାଯାଇଥିବା ଇଣ୍ଟର-ଜୋନାଲ ସେମିଫାଇନାଲ୍‌ର ୨ୟ ଲେଗ୍ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ପୂର୍ବରୁ ଅଷ୍ଟ୍ରେଲିଆର ନ୍ୟୁସାଉଥ୍ ୱେଲ୍ସରେ ଖେଳାଯାଇଥିବା ପ୍ରଥମ ଲେଗ୍ ମ୍ୟାଚକୁ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଦଳ ୪-୦ରେ ଜିତିଥିଲା। ଫଳରେ ଦୁଇ ଲେଗ୍‌ର ଏଗ୍ରିଗେଟ୍ ସ୍କୋର ୪-୦ରେ ବିଜୟୀ ହୋଇ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଇଣ୍ଟର ଜୋନାଲ ଫାଇନାଲରେ ପ୍ରବେଶ କରିଛି।

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ମେଘୁଆ ଅପରାହ୍ନରେ ଅଷ୍ଟ୍ରେଲୀୟ ଦଳ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ବିପକ୍ଷରେ ଖେଳାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଓଡ଼ିଶା ଏଫ୍‌ସି ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଅର୍ଥାତ୍ ୨୭ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିର ଖେଳାଳି ଡି' ଏରିଆରେ ପ୍ରତିପକ୍ଷ କାର୍ଲୋସ ଡେଲ୍‌ଗାଡୋଙ୍କୁ ଫାଉଲ୍ ମାରି ପକାଇଦେଇଥିଲେ। ଫଳରେ ମାରିନର୍ସ ଦଳକୁ ଏକ ପେନାଲ୍ଟି ମିଳିଥିଲା। କିନ୍ତୁ ମାରିନର୍ସ ଏହି ସୁବର୍ଣ୍ଣ ସୁଯୋଗର ଫାଇଦା ଉଠାଇପାରି ନ ଥିଲା। ମାଇଲେକ ଡୋକା ମାରିଥିବା ଏହି ପେନାଲ୍ଟି ସଟ୍‌ଟି ଗୋଲ୍‌ପୋଷ୍ଟରେ ବାଜି ଫେରିଯିବାରୁ ଓଡ଼ିଶା ନିଶ୍ଚିତ ଗୋଲରୁ ବର୍ତ୍ତିଯାଇଥିଲା। ଏହାପରେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୪ତମ)ରେ ଓଡ଼ିଶା ଏଫ୍‌ସିର ତାରକା ଖେଳାଳି ରୟ କ୍ରିଷ୍ଣାଙ୍କ ନିକଟରୁ ମିଳିଥିବା ଏକ ପାସ୍‌କୁ ଡିଏଗୋ ମୌରିସିଓ ଗୋଲପୋଷ୍ଟ ବାହାରକୁ ମାରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ପ୍ରାରମ୍ଭରୁ ରୟ କ୍ରିଷ୍ଣା ଓ ମୌରିସିଓ ଯୋଡ଼ିଙ୍କୁ ଆଉ ଏକ ସୁଯୋଗ ମିଳିଥିଲେ ମଧ୍ୟ ପୁଣିଥରେ ଉଭୟ ଫେଲ୍ ମାରିଥିଲେ। ମାରିନର୍ସ ମଧ୍ୟ ୨ଥର ଗୋଲପୋଷ୍ଟକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଫଳରେ ଉଭୟ ଦଳ କୌଣସି ଗୋଲ୍ କରି ନପାରିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଇଣ୍ଟର-ଜୋନାଲ ଫାଇନାଲରେ ପ୍ରବେଶ କରିଥିବା ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଏବେ କିର୍ଗିଜସ୍ତାନ କ୍ଲବ ଆବଦିଶ-ଅତା କାନ୍ତକୁ ଏପ୍ରିଲ ୧୭ରେ ଭେଟିବ।

ଓଡ଼ିଶା ଏଫ୍‌ସି ଏବେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଆହ୍ୱାନକୁ ଫେରିବ। ମାର୍ଚ୍ଚ ୩୦ରେ ଘରୋଇ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ ଓଡ଼ିଶା ଏଫ୍‌ସି। ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଏଫ୍‌ସି ବର୍ତ୍ତମାନ ସୁଦ୍ଧା ଆଇଏସ୍‌ଏଲ୍‌ରେ ୧୮ ମ୍ୟାଚ ଖେଳି ୧୦ ବିଜୟ, ୩ ପରାଜୟ ଓ ୫ ଅମୀମାଂସିତ ସହ ୩୫ ପଏଣ୍ଟ ପାଇ ଟେବଲ୍‌ର ୩ୟ ସ୍ଥାନରେ ରହି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି।

### ପ୍ରଶିକ୍ଷକ-ଖେଳାଳି ଠେଲାଠେଲି

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ମ୍ୟାଚର ପ୍ରଥମାର୍ଦ୍ଧ ଶେଷରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପଡ଼ିଆ ବାହାରେ ଓଡ଼ିଶା ଏଫ୍‌ସିର ପ୍ରଶିକ୍ଷକ ସର୍ଗିଓ ଲୋବେରା ଓ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ମାର୍କ ଜନସନଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ପରେ ଏଥିରେ ଉଭୟ ଦଳର ଖେଳାଳି ମିଶିଯାଇ ପରସ୍ପରକୁ ଠେଲାଠେଲି ଓ ଧକ୍କା ମାରିଥିଲେ। ଅଫିସିଆଲଙ୍କ ହସ୍ତକ୍ଷେପ ପରେ ଶେଷରେ ଏହା ଶାନ୍ତ ପଡ଼ିଥିଲା।

● ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

# କ୍ୱାର୍ଟରରେ ଲକ୍ଷ୍ୟ; ହାରିଲେ ସିନ୍ଧୁ



**ଲଣ୍ଡନ,୧୪।୩(ଏଜେନ୍ସି):** ଏଠାରେ ଚାଲିଥିବା ସମ୍ମାନଜନକ ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ପୁରୁଷ ଖେଳାଳି ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ଏକକ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲାରେ ଲକ୍ଷ୍ୟ ୨୪-୨୨, ୧୧-୨୧, ୨୧-୧୪ରେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋନସେନଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। କିନ୍ତୁ ମହିଳା ଏକକ ପ୍ରତିଯୋଗିତାରେ ସିନ୍ଧୁ କୋରିଆର ଆନ ସେ ୟଙ୍ଗଙ୍କଠାରୁ ୧୯-୨୧, ୧୧-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମାତ୍ର ୪୨ ମିନିଟ୍‌ରେ ସିନ୍ଧୁ ପରାସ୍ତ ହୋଇଥିଲେ। ସିନ୍ଧୁ ଏଥିସହ ୟଙ୍ଗଙ୍କଠାରୁ କ୍ରମାଗତ ୭ମ ପରାଜୟ ବରଣ କରିଛନ୍ତି। ସେହିପରି ମହିଳା ଯୁଗଳ ପ୍ରତିଯୋଗିତାର ପ୍ରି- କ୍ୱାର୍ଟର ଫାଇନାଲରେ ଭାରତର ତନିଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ୨୧-୧୧, ୧୧-୨୧, ୧୧-୨୧ରେ ଚୀନର ୱାଇ ଝେଙ୍ଗ ଓ ଏସ୍‌ଏକ୍ସ ଝାଙ୍ଗଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

## ଋତୁପର୍ଣ୍ଣା- ଶ୍ୱେତପର୍ଣ୍ଣା ହାରିଲେ

ମହିଳା ଯୁଗଳରେ ଓଡ଼ିଶାର ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ରାଉଣ୍ଡ ଅଫ୍ ୩୨ ଅର୍ଥାତ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦୁଇ ଭଉଣୀଙ୍କୁ ନେଇ ଗଠିତ ଭାରତୀୟ ଯୋଡି ୯-୨୧, ୯-୨୧ରେ ଜାପାନର କିଏ ନାକାନିଶି ଓ ରିନ୍ ଆଇୱାନାଗାଙ୍କଠାରୁ ପରାସ୍ତ ହୋଇଛନ୍ତି।

**କନ୍‌କାକାଫ୍ ଚାମ୍ପିଅନସିପ୍ କପ୍**

# କ୍ୱାର୍ଟରରେ ମେସିଙ୍କ ଇଣ୍ଟର ମିଆମି

**ଫ୍ଲୋରିଡା,୧୪।୩(ଏଜେନ୍ସି):** ଉତ୍ତର ଆମେରିକା, କେନ୍ଦ୍ରୀୟ ଆମେରିକା, କ୍ୟାରିବିୟାନ ଦେଶ ସମୂହ ଫୁଟବଲ ପ୍ରଶାସନର ସର୍ବବୃହତ୍ ସଂସ୍ଥା କନ୍‌କାକାଫ୍ ଦ୍ୱାରା ଆୟୋଜନ କରାଯାଉଥିବା କନ୍‌କାକାଫ୍ ଚାମ୍ପିଅନସିପ୍ କପ୍‌ରେ ଲିଓନେଲ ମେସିଙ୍କ ଇଣ୍ଟର ମିଆମି କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୩-୧ ଗୋଲରେ ନାଶଭିଲେଙ୍କୁ ପରାସ୍ତ କରିଛି। ଦୁଇଟି ଲେଗ୍‌ରେ ୫-୩ ଗୋଲ ଏଗ୍ରିଗେଟ୍‌ରେ ବିଜୟୀ ହୋଇ ମିଆମି ଏହି ସଫଳତା ପାଇଛି। ମିଆମି ତରଫରୁ ତାରକା ଖେଳାଳି ଲୁଇସ୍ ସୁଆରେଜ ୮ମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାରେ ମେସି ୨୩ତମ ମିନିଟ୍‌ରେ ଦ୍ୱିତୀୟ ଓ ରୋବର୍ଟ ଟେଲର ୬୩ତମ ମିନିଟ୍‌ରେ ତୃତୀୟ ଗୋଲ ଦେଇଥିଲେ। ଅନ୍ୟପଟେ ନାଶଭିଲେ ତରଫରୁ ସାମ ସୁରିଜ ମ୍ୟାଚ୍‌ରେ ଅନ୍ତିମ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ତୃତୀୟ ମିନିଟ୍‌ରେ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ନାଶଭିଲେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ତେବେ ମିଳିଥିବା ସୁଯୋଗର ସଦବ୍ୟବହାର କରିପାରି ନଥିଲା।



## ଇଣ୍ଡିଆନ ୱେଲ୍ସ ଟେନିସ

# କ୍ୱାର୍ଟରରେ ରୁନ୍, ମେଦ୍‌ଭେଦେଭ

**ଇଣ୍ଡିଆନ ୱେଲ୍ସ,୧୪।୩(ଏଜେନ୍ସି):** ଆମେରିକାର ଇଣ୍ଡିଆନ ୱେଲ୍ସରେ ଚାଲିଥିବା ବିଏନ୍‌ପି ପାରିବାସ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ୭ମ ସିଡ୍ ଡେନମାର୍କ ହୋଲଗାର ରୁନ୍, ଚତୁର୍ଥ ସିଡ୍ ଖେଳାଳି ରୁଷିଆର ଡାନିଲ ମେଦଭେଦେଭ, ଆମେରିକାର ୧୭ତମ ସିଡ୍ ଖେଳାଳି ଟିମୋ ପଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରୁନ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୨-୬, ୭-୬, ୬-୩ ସେଟ୍‌ରେ ଦ୍ୱାଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ମେଦଭେଦେଭ ୬-୪, ୬-୪ ସିଧାସଳଖ ସେଟ୍‌ରେ ବୁଲ୍‌ଗେରିଆର ଗ୍ରିଗର ଡିମିଟ୍ରୋଭଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ପଲ ୬-୪, ୬-୩ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଡିଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। କ୍ୱାର୍ଟରରେ ରୁନ୍ ଓ ମେଦଭେଦେଭ ପରସ୍ପରକୁ ଭେଟିବେ।

**ସର୍ବଭାରତୀୟ ଆମନ୍ତ୍ରଣୀୟ ବାଳିକା ହକି**

# ସେମିରେ ଛତିଶଗଡ଼-କୁଆଁରମୁଣ୍ଡା, କୁତ୍ରା-ଗୁରୁଣ୍ଡିଆ

**ଭୁବନେଶ୍ୱର, ୧୪।୩(ସମିସ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ୧୭ ବର୍ଷରୁ କମ୍ ଆମନ୍ତ୍ରଣୀୟ ବାଳିକା ହକି ପ୍ରତିଯୋଗିତାର ଗୁରୁବାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି। ଏହା ଫଳରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଛତିଶଗଡ଼ ହକି ସଂଘ ସହ କୁଆଁରମୁଣ୍ଡା ଏଚ୍‌ଟିସି (ହକି ଟ୍ରେନିଂ ସେଣ୍ଟର)ର ଏବଂ ଦ୍ୱିତୀୟ ସେମିଫାଇନାଲରେ କୁତ୍ରା ସହ ଗୁରୁଣ୍ଡିଆ ଏଚ୍‌ଟିସିର ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍‌ରେ ବାମରା ଏଚ୍‌ଟିସିକୁ ଛତିଶଗଡ଼ ୪-୦, ଲାଠିକଟା ଏଚ୍‌ଟିସିକୁ ଗୁରୁଣ୍ଡିଆ ୩-୦, ଝାଡଖଣ୍ଡର ଏସ୍‌ଆଇଏନ୍‌ଆଇକୁ କୁତ୍ରା ଏଚ୍‌ଟିସି ୨-୧, ଉତ୍ତରପ୍ରଦେଶର ଅନ୍‌ୱାର ହକି ସୋସାଇଟିକୁ ୨-୧ ଗୋଲରେ ହରାଇ କୁଆଁରମୁଣ୍ଡା ଏଚ୍‌ଟିସି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଛତିଶଗଡ଼ର ଖ୍ୱାଇସ୍ ପାର୍ମାର, କୁଆଁରମୁଣ୍ଡାର କିରଣ କୁଜୁର, ଗୁରୁଣ୍ଡିଆର ଆରତୀ କୁଜୁର ଓ କୁତ୍ରାର ଲକ୍ଷ୍ମୀ ଲାକ୍ରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଶୁକ୍ରବାର ସେମିଫାଇନାଲ ଓ ଶନିବାର ଫାଇନାଲ ମୁକାବିଲା ଖେଳାଯିବ।



● ଭିଜି ଟ୍ରଫି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ

# ଚାମ୍ପିଅନ ଉତ୍ତରାଞ୍ଚଳକୁ ହରାଇଲା ପୂର୍ବାଞ୍ଚଳ



**ଭୁବନେଶ୍ୱର, ୧୪।୩(ସମିସ):** ଆସାମର ଗୌହାଟୀଠାରେ ଚାଲିଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଭିଜି ଟ୍ରଫିର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଚାମ୍ପିଅନ ଉତ୍ତରାଞ୍ଚଳକୁ ମାତ୍ର ୧ ୱିକେଟରେ ହରାଇ ପୂର୍ବାଞ୍ଚଳ ଏହି ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି। ପୂର୍ବାଞ୍ଚଳ ଦଳରେ ଅଧାରୁ ଅଧିକ (୯ଜଣ) ଓଡ଼ିଶା ବିଶ୍ୱବିଦ୍ୟାଳୟର ଖେଳାଳି ରହିଥିବାରୁ ଏହା ରାଜ୍ୟ ଲାଗି ଆନନ୍ଦ ଆଣିଛି। ପୂର୍ବାଞ୍ଚଳର ଏହା ପ୍ରଥମ ବିଜୟ ହୋଇଥିଲାବେଳେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳଠାରୁ ମ୍ୟାଚ୍ ହାରିଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ୪୩.୫ ଓଭରରେ ୧୮୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ପାଳିରେ ପୂର୍ବାଞ୍ଚଳ ପକ୍ଷରୁ କିଟ୍‌ର ଶୁଭାଶିଷ ସାହୁ ୨୮ ରନ୍‌ରେ ୪ଟି ଓ ପାର୍ଥସାରଥୀ ନାୟକ ୩୫ ରନ୍‌ରେ ୨ଟି ୱିକେଟ ପାଇଥିଲେ। ଜବାବରେ ୧୮୪ ରନ୍‌ର ଲକ୍ଷ୍ୟକୁ ପିଛା କରି ପୂର୍ବାଞ୍ଚଳ ଗୋଟିକ ପରେ ଗୋଟିଏ ୱିକେଟ ହରାଇଥିଲେ ମଧ୍ୟ ୪୭.୨ ଓଭରରେ ୯ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆସାମ ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ସର୍ବାଧିକ ୫୨ ରନ୍ କରିଥିଲେ। ସମ୍ବଲପୁରର ଦୁଇ ବ୍ୟାଟର ସୁଜଳ ସିଂ ୩୭ ଓ ଶ୍ରେଷ୍ଠ ସିଂ ୩୬ ରନ୍ କରିଥିଲେ। କିଟ୍‌ର ପାର୍ଥସାରଥୀ ୨୬ ରନ୍ କରି ଅଲରାଉଣ୍ଡ ସଫଳତା ପାଇଥିଲେ।

କିଟ୍‌ରୁ ୫ଜଣ ଖେଳାଳି ସାମିଲ ହୋଇଥିଲାବେଳେ ଏମ୍ ପ୍ରଶାନ୍ତ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେଇଥିଲେ। ସମ୍ବଲପୁରରୁ ୨ଜଣ, ଉତ୍କଳ ଓ ରେଭେନ୍‌ଶାରୁ ଜଣେ ଲେଖାଏଁ ଖେଳାଳି ପୂର୍ବାଞ୍ଚଳ ଦଳରେ ସାମିଲ ଥିଲେ। କିଟ୍‌ର ସନ୍ତୋଷ କୁମାର ଜେନା ପ୍ରଶିକ୍ଷକ ଓ ସମ୍ବଲପୁରର ଡା. ଅବିନାଶ କର ମ୍ୟାନେଜର ଭାବେ ଦାୟିତ୍ୱରେ ରହିଥିଲେ। ଏହି ବିଜୟ ଲାଗି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୂର୍ବାଞ୍ଚଳ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଜାତୀୟ ଉପକନିଷ୍ଠ ବାଳକ କବାଡ଼ି**

# ସ୍ୱସ୍ତିକଙ୍କୁ ଓଡ଼ିଶା ଦଳର ନେତୃତ୍ୱ

**କଟକ,୧୪।୩(ସମିସ):** ଭାରତୀୟ କବାଡ଼ି ମହାସଂଘ ପକ୍ଷରୁ ୩୩ତମ ଉପକନିଷ୍ଠ ବାଳକ କବାଡ଼ି ପ୍ରତିଯୋଗିତା ବିହାରରେ ଚଳିତ ମାସ ୧୬ରୁ ଆରମ୍ଭ ହେବ। ବିହାରରେ ଏହି ପ୍ରତିଯୋଗିତା ନିମନ୍ତେ ଘୋଷିତ ଓଡ଼ିଶା ଦଳ ଗୁରୁବାର ବିହାର ଯାତ୍ରା କରିଛି। ସ୍ୱସ୍ତିକ ସ୍ୱରୂପ ମେହେରଙ୍କ ନେତୃତ୍ୱରେ ଗଠିତ ରାଜ୍ୟ ଦଳରେ ଆକାଶ ମୁଣ୍ଡା, ସୌମ୍ୟରଞ୍ଜନ ପାଣି, ଆଶୁତୋଷ ପ୍ରଧାନ, ଅମନ ସ୍ୱାଇଁ, ଦେବଦତ୍ତ ବେରିହା, ରୁଦ୍ରପ୍ରତାପ ରାୟ, ସବ୍ୟସାଚୀ ମହାନ୍ତି, ରାଜକିଶୋର ସାହୁ, ଏ. ଲିଙ୍ଗରାଜ ପାତ୍ର, ସାଇ ଚରଣ ଖଟୁଆ, ରୁଦ୍ରପ୍ରସାଦ ପ୍ରଧାନ ସ୍ଥାନ ପାଇଛନ୍ତି। କୃଷ୍ଣକାନ୍ତ ପଣ୍ଡା ପ୍ରଶିକ୍ଷକ ଏବଂ ଦିଲ୍ଲୀପ କୁମାର ସେଠୀ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



● ଦୃଷ୍ଟିହୀନ କ୍ରିକେଟ; ପଙ୍କଜ ଭୂଏ ଶ୍ରେଷ୍ଠ ଖେଳାଳି

# ଭାରତ ଆଗୁଆ ସିରିଜ୍ ବିଜୟୀ

**ଭୁବନେଶ୍ୱର, ୧୪।୩(ସମିସ):** ନୂଆଦିଲ୍ଲୀର କର୍ଣ୍ଣେଲ ସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ସମର୍ଥ କପ୍ ଦୃଷ୍ଟିହୀନ କ୍ରିକେଟ ସିରିଜ୍‌ର ତୃତୀୟ ମ୍ୟାଚ୍‌କୁ ଭାରତ ୭ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ଜିତିନେଇଛି। ସିରିଜ୍‌ରେ ବାକିଥିବା ଆଉ ୨ଟି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ୪୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଓଡ଼ିଶାର ପଙ୍କଜ ଭୂଏଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୩ ୱିକେଟରେ ୧୬୨ ରନ୍ କରିଥିଲା। ଦଳ ପକ୍ଷରୁ ଚନ୍ଦନ ଦେଶପ୍ରିୟ ସର୍ବାଧିକ ୭୬ ରନ୍ କରିଥିଲେ। ଜବାବରେ ଭାରତ ୧୫.୩ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଭାରତ ପକ୍ଷରୁ ପଙ୍କଜ, ଦୀନେଶ, ନରେଶ ତୁମୁଡା ଓ ଲୋକେଶା ଭଲ ବ୍ୟାଟିଂ କରି ବିଜୟୀ କରାଇଥିଲେ।

# ୨୬୯ ପଦକ ପାଇଁ ୫୬.୯୩ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୧୪।୩ (ସମିସ)**




ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଗୁରୁବାର ଅର୍ଥରାଶି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିରେ ୨୬୯ ପଦକ ପାଇଁ କୃତି କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡ଼ିୟମସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ଦୌଡ଼କୁଦ, ସନ୍ତରଣ, ରଗବୀ, ହକି, ବ୍ୟାଡମିଣ୍ଟନ, ଟେନିସ, ଭାରୋତ୍ତୋଳନ, ଭଲିବଲ, ବିଚ ଭଲିବଲ, ସୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ଟି ବର୍ଗରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଆର୍ଥିକ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାବିତଙ୍କ ମଧ୍ୟରେ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ ଏବଂ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିଅନସିପରେ ସର୍ବାଧିକ ୧୨ଟି ପଦକ ହାସଲ କରି ମୋଟ ୩ଲକ୍ଷ ୮୨ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପାଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତାଙ୍କୁ ଅର୍ଥରାଶି ପୁରସ୍କାର ଏହାର ଅଂଶ ବିଶେଷ । '୫-ଟି' ମନ୍ତ୍ରର ସଠିକ ଅନୁପାଳନ ସହ ପଦକ ବିଜେତାଙ୍କୁ ତତକ୍ଷଣାତ ଅର୍ଥ ପୁରସ୍କାର ପ୍ରଦାନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପାଳନ କରି ଆସିଛି। ଏହି ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ଏବଂ ଓଏସଡ଼ି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, ପ୍ରଶିକ୍ଷକ ଏବଂ କ୍ରୀଡ଼ାବିତମାନେ ଉପସ୍ଥିତ ଥିଲେ।

# ମହିଳା ପ୍ରିମିୟର ଲିଗ୍: ମୁମ୍ବାଇ ବନାମ ବାଙ୍ଗାଲୋର ଏଲିମିନେଟର ଆଜି

**ନୂଆଦିଲ୍ଲୀ, ୧୪।୩(ଏଜେନ୍ସି):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟ ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ ୮ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇ ପଏଣ୍ଟ ଟେବଲର ଶୀର୍ଷସ୍ଥାନରେ ରହିଛି। ଏହା ଫଳରେ ନିୟମ ଅନୁଯାୟୀ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବାରୁ ସିଧାସଳଖ ଫାଇନାଲ୍‌ରେ ପ୍ରବେଶ କରିଛି। ଦିଲ୍ଲୀ ପରେ ପଏଣ୍ଟ ଟେବଲରେ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ଏଲିମିନେଟର ମୁକାବିଲା ଶୁକ୍ରବାର ଖେଳାଯିବ।



ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହିଦଳ ଦିଲ୍ଲୀ ସହ ରବିବାର ଫାଇନାଲ ଖେଳିବ। ଏଣୁ ବାଙ୍ଗାଲୋର ଓ ମୁମ୍ବାଇ ମଧ୍ୟରେ ମୁକାବିଲା ଜୋରଦାର ହେବ ବୋଲି ଆଶା କରାଯାଉଛି। ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଗଠିତ ମୁମ୍ବାଇ ୮ଟି ମ୍ୟାଚ୍‌ରୁ ୫ଟିରେ ଜିତିଥିଲେ ମଧ୍ୟ ଅନ୍ୟ ୩ଟି ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଛି। ଏଣୁ ଦଳ ସ୍ଥିର ଖେଳ ଦେବାରେ ଅସମର୍ଥ। ଅନ୍ୟପକ୍ଷରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଗଠିତ ବାଙ୍ଗାଲୋର ଲଢୁଆ ଖେଳିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ପରାଜିତ ହୋଇଛି। ଏଣୁ ଭାରତୀୟ ମହିଳା କ୍ରିକେଟ ଦଳର ଦୁଇ କିମ୍ବଦନ୍ତୀ ଖେଳାଳି ହରମନପ୍ରୀତ ଓ ସ୍ମୃତିଙ୍କ ମଧ୍ୟରେ ଏହି ମୁକାବିଲା ବେଶ ରୋଚକ ହେବ ବୋଲି ଆଶା କରାଯାଉଛି।

# ପ୍ରଥମ ଦିନିକିଆରେ ବାଂଲା ବିଜୟୀ

**ଚଟ୍ଟୋଗ୍ରାମ, ୧୪।୩(ଏଜେନ୍ସି):** ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋଙ୍କ ଶତକ ଓ ବରିଷ୍ଠ ୱିକେଟରକ୍ଷକ ମୁସ୍‌ଫିକର ରହିମଙ୍କ ଅର୍ଦ୍ଧଶତକ ସହ ଏମାନଙ୍କ ଅବିଭକ୍ତ ୫ମ ୱିକେଟ ଯୋଡ଼ିରୁ ୧୬୫ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ବୁଧବାର ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ବାଂଲାଦେଶ ୬ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଘରୋଇ ଦଳ ୧-୦ରେ ସିରିଜ୍ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ଦୁନିଥ ଲିୟାନାଗେଙ୍କ ୬୯ ବଲ୍‌ରେ ୬୭ ଓ କୁଶାଲ ମେଣ୍ଡିସ୍‌ଙ୍କ ୭୫ ବଲ୍‌ରେ ୫୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୮.୫ ଓଭରରେ ୨୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳର ଶୋରିଫୁଲ ଇସ୍‌ଲାମ୍, ଟାସ୍କିନ ଅହମ୍ମଦ୍ ଓ ତାଞ୍ଜିମ ହାସନ ସକିବ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ନାଜମୁଲ ୧୨୯ ବଲ୍‌ରେ ୧୩ ଚୌକା ଓ ୨ଛକା ସହ ୧୨୨ ଓ ମୁସ୍‌ଫିକର ୮୪ ବଲ୍‌ରେ ୮ ଚୌକା ସହ ୭୩ ରନ୍‌ରେ ଅପରାଜିତ ରହିବା ଫଳରେ ବାଂଲାଦେଶ ୪୪.୪ ଓଭରରେ ମାତ୍ର ୪ ୱିକେଟ ହରାଇ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଏହିଠାରେ ଶୁକ୍ରବାର ଓ ରବିବାର ଖେଳାଯିବ।

**ରଣଜୀ ଟ୍ରଫି**

# ମୁମ୍ବାଇକୁ ରେକର୍ଡ ୪୨ତମ ଟାଇଟଲ

ମୁମ୍ବଇ,୧୪।୩(ଏଜେନ୍ସି)

ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ଏଥର ରଣଜୀ ଟ୍ରଫି ହାସଲ କରିଛି। ଫାଇନାଲ ମୁକାବିଲାରେ ମୁମ୍ବାଇ ୧୬୯ ରନରେ ବିଦର୍ଭକୁ ପରାସ୍ତ କରି ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ତଥା ରେକର୍ଡ ୪୨ଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ପୁଣି ଦୀର୍ଘ ୮ ବର୍ଷପରେ ପୁଣିଥରେ

## ୮ ବର୍ଷ ପରେ ଚାମ୍ପିଅନ
## ମୁସିର ମ୍ୟାଚ୍ ଓ ତନୁଷ ସିରିଜର ଶ୍ରେଷ୍ଠ ଖେଳାଳି



ଚାମ୍ପିଅନ ହୋଇଛି। ପୂର୍ବରୁ ମୁମ୍ବାଇ ୨୦୧୫-୧୬ରେ ଶେଷଥର ପାଇଁ ଟାଇଟଲ ହାସଲ କରିଥିଲା। ଦ୍ୱିତୀୟ ପାଳିରେ ୧୩୬ ରନର ଶତକୀୟ ପାଳି ଖେଳିବା ସହ ଦୁଇଟି ୱିକେଟ ଅକ୍ତିଆର କରିଥିବା ମୁମ୍ବାଇର ମୁସିର ଖାନ୍ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ସାରା ଟୁର୍ଣ୍ଣାମେଣ୍ଟରେ ୫୦୨ ରନ ସଂଗ୍ରହ କରିବା ସହ ୨୯ଟି ୱିକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଲରାଉଣ୍ଡର ତନୁଷ କୋଟିଆନ୍ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଚାମ୍ପିଅନ୍ ମୁମ୍ବାଇ ପ୍ରଥମ ପାଳିରେ ୧୧୯ ରନର ଅଗ୍ରଣୀ ହାସଲ କରିବା ପରେ ଏହି ମ୍ୟାଚ୍‌ର ଚତୁର୍ଥ ଦିନ ଦ୍ୱିତୀୟ ପାଳିରେ ୧୩୦.୨ ଓଭରରେ ୪୧୮ ରନକରି ଅଲଆଉଟ ହୋଇଥିଲା। ଫଳରେ ବିଦର୍ଭ ସମ୍ମୁଖରେ ୫୩୮ ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ବିଦର୍ଭ ଗୁରୁବାର ୫ମ ଦିବସରେ ୧୩୪.୪ ଓଭରରେ ୩୬୮ ରନକରି ଅଲଆଉଟ ହେବା ସହ ୧୬୯ ରନରେ ପରାସ୍ତ ହୋଇଥିଲା।

### ଅକ୍ଷୟଙ୍କ ଶତକ, ହର୍ଷଙ୍କ ଅର୍ଦ୍ଧଶତକ, ତନୁଷଙ୍କୁ ୪ ୱିକେଟ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୫ୱିକେଟରେ ୨୪୮ ରନ୍‌ରୁ ଖେଳ ଆରମ୍ଭ କରି ବିଦର୍ଭ ଗୁରୁବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟର ତଥା ଅଧିନାୟକ ଅକ୍ଷୟ ୱାଦକର ୫୬ରୁ ଖେଳ ଆରମ୍ଭ କରି ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ୧୧ ରନରୁ ଖେଳ ଆରମ୍ଭ କରି ହର୍ଷ ଦୁବେ ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଉଭୟ ଲଢୁଆ ବ୍ୟାଟିଂ କରି ଷଷ୍ଠ ୱିକେଟରେ ୨୫୫ଟି ବଲ୍ ଖେଳି ୧୩୦ ରନ ସଂଗ୍ରହ କରିଥିଲେ ଓ ମୁମ୍ବାଇର ବିଜୟକୁ ବିଳମ୍ବିତ କରିଥିଲେ। ଏହାପରେ ନିମ୍ନକ୍ରମର ବାକି ୪ଜଣ ବ୍ୟାଟର ଅଦିତ୍ୟ ସରୱାତେ, ଯଶ ଠାକୁର, ଉମେଶ ଯାଦବ ଓ ଆଦିତ୍ୟ ଠାକରେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ବୋଲିଂରେ ମୁମ୍ବାଇ ପାଇଁ ଅଫ୍ ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪, ତୁଷାର ଦେଶପାଣ୍ଡେ ଓ ମୁସିର ଖାନ୍ ଦୁଇଟି ଲେଖାଏଁ, ସାମ୍ସ ମୁଲାନୀ ଓ ଧବଲ କୁଲକର୍ଣ୍ଣୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟସ୍ ହାରି ମୁମ୍ବାଇ ପ୍ରଥମ ପାଳିରେ ୬୪.୩ ଓଭରରେ ୨୨୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ବିଦର୍ଭ ପ୍ରଥମ ପାଳିରେ ୪୫.୩ ଓଭରରେ ୧୦୫ ରନକରି ଅଲଆଉଟ ହେବା ସହ ପଛରେ ପଡିଥିଲା।

### ସେମିରେ ତାମିଲନାଡୁକୁ ହରାଇଥିଲା ମୁମ୍ବାଇ

ପୂର୍ବରୁ ମୁମ୍ବାଇ ଦ୍ୱିତୀୟ ସେମିଫାଇନାଲରେ ଦୁଇଥର ଚାମ୍ପିଅନ ତାମିଲନାଡୁକୁ ଗୋଟିଏ ପାଳି ଓ ୭୦ ରନରେ ପରାସ୍ତ କରିଥିଲା। ସେହିପରି ବିଦର୍ଭ ପ୍ରଥମ ସେମିରେ ୬୨ ରନରେ ଡିଫେଣ୍ଡିଂ ଚାମ୍ପିଅନ ମଧ୍ୟପ୍ରଦେଶକୁ ହରାଇଥିଲା। ଫାଇନାଲ୍ ମ୍ୟାଚ୍ ସହ ମୁମ୍ବାଇର ଅଭିଜ୍ଞ ଦ୍ରୁତ ବୋଲର ଧାୱଲ କୁଲକର୍ଣ୍ଣୀଙ୍କ କ୍ରିକେଟ କ୍ୟାରିୟର ଶେଷ ହୋଇଛି।

### ଚାମ୍ପିଅନ ମୁମ୍ବାଇକୁ ୫ କୋଟି ଟଙ୍କା ପୁରସ୍କାର

**ମୁମ୍ବାଇ,୧୪।୩(ଏଜେନ୍ସି):** ରଣଜୀ ଚାମ୍ପିଅନ ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ଦଳକୁ ଅତିରିକ୍ତ ୫ କୋଟି ଟଙ୍କା ଆର୍ଥିକ ପୁରସ୍କାର ମିଳିବ। ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ପୁରସ୍କାର ରାଶିକୁ ଦ୍ୱିଗୁଣିତ କରିବାକୁ ଏମ୍‌ସିଏ ନିଷ୍ପତ୍ତି ନେଇଛି। ଏମ୍‌ସିଏ ଅଧ୍ୟକ୍ଷ ଅମୋଲ କାଲେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ରଣଜୀ ଚାମ୍ପିଅନକୁ ୨ କୋଟି ଓ ଉପ- ବିଜେତା ଦଳକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଉଥିଲା। କିନ୍ତୁ ଏଥର ଚାମ୍ପିଅନ ଦଳକୁ ୫ ଓ ଉପ- ବିଜେତା ଦଳକୁ ୩ କୋଟି ଟଙ୍କା ପୁରସ୍କାର ଦିଆଯିବ।

# ଆଫ୍ରିକୀୟ ଫୁଟବଲରଙ୍କୁ କେରଳ ଦର୍ଶକ ଗୋଡ଼େଇ ଗୋଡ଼େଇ ପିଟିଲେ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

କେରଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଆଫ୍ରିକୀୟ ଫୁଟବଲରଙ୍କୁ କେରଳର ପ୍ରଶଂସକମାନେ ଗୋଡ଼େଇ ଗୋଡ଼େଇ ପିଟିଛନ୍ତି। ମାଲାପୁରମ୍‌ରେ ଏକ କ୍ଲବ ମ୍ୟାଚ୍ ଅବସରରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏହି ଫୁଟବଲର ହେଉଛନ୍ତି ଆଇଭରି କୋଷ୍ଟର ଦିଆରାସୋବା ହସନ ଜୁନିଅର। ଦର୍ଶକମାନେ ସଂଘବଦ୍ଧ ଭାବେ ମାରିବା ସହ ମୋ ପ୍ରତି ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ ବୋଲି ସେ ଜିଲ୍ଲା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି। ପ୍ରଥମେ ହସନ ଦର୍ଶକଙ୍କୁ ଅଶୋଭନୀୟ ଆଚରଣ କରିଥିଲେ। ଫଳରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି। କିନ୍ତୁ ହସନ ଏହାକୁ ଖଣ୍ଡନ କରିଛନ୍ତି। ହାସନ ଜୁନିଅର ଜୱାହାର ମାଭୁର କ୍ଲବ ତରଫରୁ ସେଭେନ୍ସ ଫୁଟବଲ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ମାର୍ଚ୍ଚ ୧୦ରେ ଏହି ଘଟଣା ଘଟିଥିଲା। ଏକ କର୍ଣ୍ଣର କିକ୍ ମାରିବାକୁ କର୍ଣ୍ଣର ପତାକା ନିକଟରେ ଛିଡା ହୋଇଥିବା ବେଳେ ପ୍ରତିପକ୍ଷ ଦଳର ଦର୍ଶକ ମୋତେ ମଙ୍କି ଅର୍ଥାତ ମାଙ୍କଡ ବୋଲି ଆକ୍ଷେପ କରିଥିଲେ। ଏପରିକି ସେମାନେ ମୋ ଉପରକୁ ଟେକା ଫୋପାଡିଥିଲେ ଓ ତାହା ମୁଣ୍ଡରେ ବାଜିଥିଲା। ଏହାପରେ ଆହୁରି କେତୋଟି ଟେକା ଦେହରେ ବାଜିଥିଲା। ସେମାନେ ମୋତେ ମାରିବାକୁ ଗୋଡ଼ାଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ଦୌଡିଥିଲି। ସେମାନେ ମଧ୍ୟ ମୋ ପଛରେ ଗୋଡ଼ାଇ ଥିଲେ । ମୋ କ୍ଲବ୍‌ର ଦର୍ଶକମାନେ ପହଞ୍ଚି ଯିବାରୁ ମୁଁ ଏହି ଆକ୍ରମଣରୁ ବର୍ତ୍ତିଯାଇଥିଲି ବୋଲି ସେ କହିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୫ ● ପାଉଣ୍ଡ ୧୦୬.୭୯
- ୟୁରୋ ୯୦.୫୩ ● ୟେନ୍ ୦.୫୬

**ସୁନା, ରୁପା ଦର**




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୪୯୦ (ନୂଆଦିଲ୍ଲୀ)
- ରୁପା : ୭୫,୩୪୯ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୦୪୭.୦୦
- ନିଫ୍ଟି ୨୨,୧୪୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ପେଟିଏମ୍ ହେଲା ଥାର୍ଡ ପାର୍ଟି ଆପ୍

**ନୂଆଦିଲ୍ଲୀ,୧୪।୩(ଏଜେନ୍ସି):**

ଶେଷରେ ପେଟିଏମ୍ ପାଇଁ ଆସିଛି ଖୁସି ଖବର। ଆଗକୁ ପେଟିଏମ୍ ଥାର୍ଡ ପାର୍ଟୀ ଆପ୍ ଭାବେ କାମ କରିବ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ପେଟିଏମ୍‌ର ମୂଳ କମ୍ପାନୀ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡକୁ ମଲ୍ଟି ବ୍ୟାଙ୍କ ମଡେଲ ଜରିଆରେ ୟୁପିଆଇରେ ଥାର୍ଡ ପାର୍ଟୀ ଆପ୍ଲିକେସନ ପ୍ରୋଭାଇଡର ଭାବେ ଭାଗ ନେବା ଲାଗି ଅନୁମତି ଦେଇଛି । ଚାରୋଟି ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ୟସ୍ ବ୍ୟାଙ୍କକୁ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡର ପେମେଣ୍ଟ ସର୍ଭିସ ପ୍ରୋଭାଇଡର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି।

ଏନପିସିଆଇ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ପେଟିଏମର ୱାନ୍ ୯୭ କମ୍ୟୁନିକେସନ ଲିମିଟେଡକୁ ୟୁପିଆଇରେ ମଲ୍ଟି-ବ୍ୟାଙ୍କ ମଡେଲ ଜରିଆରେ ଥାର୍ଡ-ପାର୍ଟୀ ଆପ୍ଲିକେସନ ଯୋଗାଣକାରୀ ଭାବେ ଭାଗ ନେବା ପାଇଁ ଅନୁମତି ଦେଇଛି। ଏନପିସିଆଇ କହିଛି ଯେ ଚାରୋଟି ବ୍ୟାଙ୍କ ଯେଉଁଥିରେ ଆକ୍ସିସ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଏସବିଆଇ ଏବଂ ୟେସ ବ୍ୟାଙ୍କ ସାମିଲ ରହିଛି, ସେ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡର ପେମେଣ୍ଟ ସର୍ଭିସ ପ୍ରୋଭାଇଡର ଭାବେ କାମ କରିବ। ଏନପିସିଆଇର ଏହି ନିଷ୍ପତ୍ତି ପରେ ୟୁଜର୍ସ ଏବଂ ବ୍ୟବସାୟୀ ୟୁପିଆଇ କାରବାର ଏବଂ ଅଟୋପେକୁ ସିମଲେସ ଭାବେ ଜାରି ରଖିପାରିବେ। ଏନ୍‌ପିସିଆଇ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡକୁ ପରାମର୍ଶ ଦେଇ କହିଛି ଯେ, କମ୍ପାନୀ ନୂଆ ପେମେଣ୍ଟ ସର୍ଭିସ ଯୋଗାଣକାରୀ ବ୍ୟାଙ୍କ ପାଖରେ ଖୁବ୍ ଶୀଘ୍ର ସମସ୍ତ ହ୍ୟାଣ୍ଡେଲ୍ସର ମାଇଗ୍ରେସନ କାମ ସମ୍ପୂର୍ଣ୍ଣ କରିବ। ତେବେ ବ୍ୟାଙ୍କଗୁଡିକ ସହିତ ମିଶ୍ରଣ ପାଇଁ ଏକ ମାସରୁ ଅଧିକ ସମୟ ଲାଗିପାରେ।

**ୟୁପିଆଇ ସହ ଯୋଡିବା ହେବାପାଇଁ ଏନ୍‌ପିସିଆଇ ଦେଲା ମଞ୍ଜୁରୀ**

**ମିଳିଲା ୪ ବ୍ୟାଙ୍କର ସମର୍ଥନ**




## ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ହେବ ଛଟେଇ

**ନୂଆଦିଲ୍ଲୀ,୧୪।୩(ଏଜେନ୍ସି) :** ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ହେବାକୁ ଯାଉଛି ବଡ଼ ଧରଣର କର୍ମଚାରୀ ଛଟେଇ ହେବାକୁ ଯାଉଛି। ନିକଟରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପେଟିଏମର ମୂଳ କମ୍ପାନୀ ଓ୍ୱାନ୍୯୭ କମ୍ୟୁନିକେସନ ଲିମିଟେଡ୍ ନିଜ ବାର୍ଷିକ ଆଧାରରେ ହେଉଥିବା କାର୍ଯ୍ୟ ପ୍ରଦର୍ଶନର ସମୀକ୍ଷା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହି ପଦକ୍ଷେପ ଗ୍ରହଣ କରିଛି। ଏହି ଛଟେଇରେ କେତେଜଣ କର୍ମଚାରୀଙ୍କ ଚାକିରି ଯିବ ସେ ସମ୍ପର୍କରେ କମ୍ପାନୀ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ଦିଆଯାଇନାହିଁ। ତେବେ କିଛି ବିଭାଗକୁ ସେମାନଙ୍କର ଟିମ୍‌ର ଆକାର ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ କରିବା ପାଇଁ କୁହାଯାଇଛି। ସୂଚନା ଅନୁସାରେ ଛଟେଇର ବିପଦ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର କର୍ମଚାରୀଙ୍କ ଉପରେ ସବୁଠାରୁ ଅଧିକ ରହିଛି। ରିଜର୍ଭ ବ୍ୟାଙ୍କ ଦ୍ୱାରା ପେଟିଏମ୍‌ର ସହଯୋଗୀ ବ୍ୟାଙ୍କ ଏବଂ ତା'ର ସହାୟକ କମ୍ପାନୀ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ୩୧ ଜାନୁୟାରୀରେ କଡା କାର୍ଯ୍ୟାନୁଷ୍ଠାନ ପରଠାରୁ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର କର୍ମଚାରୀ ପିଙ୍କ ସ୍ଲିପ୍ ମିଳିବା ନେଇ ଚିନ୍ତିତ ଅଛନ୍ତି। ଯଦିଓ ପେଟିଏମ୍ ଗ୍ରୁପ୍ ନିଜ ବ୍ୟବସାୟ ବ୍ୟବସ୍ଥିତ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଚାଇଛି ତଥାପି ଅନିଶ୍ଚିତତା ଭିତରେ ବିଭିନ୍ନ କ୍ଷେତ୍ରର କର୍ମଚାରୀ ସୁରକ୍ଷିତ ବିକଳ୍ପର ସନ୍ଧାନ କରୁଛନ୍ତି।

■ ନିୟାମକ ନିୟମର ଅନୁପାଳନରେ ତ୍ରୁଟି

## ୩ ବ୍ୟାଙ୍କ ବିରୁଦ୍ଧରେ ଆର୍‌ବିଆଇର ବଡ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ୧୪।୩(ଏଜେନ୍ସି):** ବ୍ୟାଙ୍କିଙ୍ଗ ନିୟାମକ ନିୟମର ଅବମାନନା ଓ ଅନ୍ୟ କିଛି କାରଣରୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କିଛି ବ୍ୟାଙ୍କ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ମୁତାବକ, ଆରବିଆଇ ପକ୍ଷରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବନ୍ଧନ ବ୍ୟାଙ୍କ ଓ ଇଣ୍ଡୋଷ୍ଟାର କ୍ୟାପିଟାଲ ଫାଇନାନ୍ସ ଲିମିଟେଡ ଉପରେ ଏହି ଜରିମାନା ଲାଗୁ କରାଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ ୧.୪ କୋଟି ଟଙ୍କାର ଜୋରିମାନା ଲାଗୁ କରାଯାଇଛି। ସୁଧ ହାର, ଗ୍ରାହକ ସେବା ଓ କ୍ରେଡିଟ ଇନଫର୍ମେସନ କମ୍ପାନୀଜ୍ ରୁଲ୍ସ, ୨୦୦୬ କ୍ଷେତ୍ରରେ ଆରବିଆଇର ନିୟମ ଉଲ୍ଲଂଘନ କରାଯାଇଥିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସେହିପରି ନିୟମ ଅବମାନନା ପାଇଁ ବନ୍ଧନ ବ୍ୟାଙ୍କ ଉପରେ ୨୯.୫୫ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ସେହିପରି ଇଣ୍ଡୋଷ୍ଟାର କ୍ୟାପିଟାଲ ଫାଇନାନ୍ସ ଲିମିଟେଡ ଉପରେ ୧୩.୬୦ ଲକ୍ଷ ଟଙ୍କାର ଜରିମାନା ଲାଗୁ ହୋଇଛି। ଏନବିଏଫସି ନିୟମ, ୨୦୨୬ ଓ କେୱାଇସି ପ୍ରୋଭିଜନ ଉଲ୍ଲଂଘନ କାରଣରୁ ଆରବିଆଇ ଏହି ପଦକ୍ଷେପ ଗ୍ରହଣ କରିଛି।

## ରେଡିସନ ହୋଟେଲ ଗ୍ରୁପର ରାଜ୍ୟରେ ପ୍ରଥମ ହୋଟେଲର ଶୁଭାରମ୍ଭ



**ନୂଆଦିଲ୍ଲୀ,୧୪।୩(ସମିସ):** ରେଡିସନ୍ ହୋଟେଲ ଗ୍ରୁପ୍ ଓଡ଼ିଶାର ଗୋପାଳପୁରଠାରେ ରେଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସ୍ୱାକ୍ଷର କରାଯାଇଛି। ଅବସରରେ ପରେ ଖୁସି ପ୍ରକାଶ କରିଛନ୍ତି। ୧୦୦ ରୁମ ବିଶିଷ୍ଟ ଏହି ହୋଟେଲକୁ ପଦ୍ମ ଇଷ୍ଟର୍ଣ୍ଣ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ ବିକଶିତ କରିଛି ଏବଂ ୨୦୨୪ ର ଦ୍ୱିତୀୟ ତ୍ରୈମାସିକରେ ଏହାର ଶୁଭାରମ୍ଭ ହେବାକୁ ଯାଉଛି। ବ୍ରହ୍ମପୁର ବିମାନ ବନ୍ଦରଠାରୁ ମାତ୍ର ଅଳ୍ପ ଦୂରରେ ଥିବାବେଳେ ରାସ୍ତା ଓ ରେଳପଥ ଜରିଆରେ ଏହି ହୋଟେଲ ଆଖପାଖ ସହରର ପ୍ରମୁଖ ସହରରୁ ଯୋଗାଯୋଗର ସୁବିଧା ରହିଛି। ଓଡ଼ିଶାରେ ଆମର ପ୍ରଥମ ହୋଟେଲ, ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ, ରେଡିସନ ଇଣ୍ଡିଭିଜୁଆଲର ସଦସ୍ୟ, ସ୍ୱାକ୍ଷରିତ ହେବା ଦେଶର ଟିୟର ଦୁଇ ଓ ତିନି ଅଞ୍ଚଳରେ ଆମର ସମ୍ପ୍ରସାରଣ ଯୋଜନାର ପ୍ରମାଣ। ରେଡିସନ ହୋଟେଲ ଗ୍ରୁପରେ ଆମେ ପ୍ରମୁଖ ସହର ବାହାରେ ଗୁଣାତ୍ମକ ଆତିଥେୟତା ଅଭିଜ୍ଞତାକୁ ପହଂଚାଇବା ଉପରେ ଗୁରୁତ୍ୱ ଦେଉଛୁ ଏବଂ ଏହି ଅଞ୍ଚଳର ଅବ୍ୟବହୃତ ସମ୍ଭାବନାକୁ ସ୍ୱୀକାର କରି ଓଡ଼ିଶାରେ ପାଦ ଥାପିବା ସହିତ ଏହା ଗ୍ରୁପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ରେଡିସନ ହୋଟେଲ ଗ୍ରୁପର ଦକ୍ଷିଣ ଏସିଆ ବିକାଶ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ କହିଛନ୍ତି। ଏହି ଭାଗିଦାରୀ ରେଡିସନ ହୋଟେଲ ଗ୍ରୁପର ବିଶ୍ୱସ୍ତରୀୟ ବିକାଶ ଏବଂ ପରିଚାଳନା କରିବାର କ୍ଷମତା ଉପରେ ଆମର ବିଶ୍ୱାସର ପ୍ରମାଣ। ଏହି ସହଯୋଗ ଆମର ସ୍ଥିତିକୁ ଉନ୍ନତ କରିବ ଏବଂ ଆମର ଅତିଥିମାନଙ୍କୁ ଏକ ଅସାଧାରଣ ଅନୁଭୂତି ପ୍ରଦାନ କରିବ ଏବଂ ଓଡ଼ିଶାର ଆତିଥ୍ୟ ଶିଳ୍ପରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ପଦ୍ମ ଇଷ୍ଟର୍ଣ୍ଣ ହୋଟେଲ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ରଥ କହିଛନ୍ତି।

## କେୟାର ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ କେୟାର କନେକ୍ଟ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୧୪।୩(ସମିସ):** ମାର୍ଚ୍ଚ ୨୦୨୪ ବିଶ୍ୱ କିଡନୀ ଦିବସ ଅବସରରେ କିଡନୀ ପ୍ରତିରୋପଣ ପରେ ଜୀବନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ରୋଗୀ ଅଭିଜ୍ଞତା କାର୍ଯ୍ୟକ୍ରମ (କେୟାର କନେକ୍ଟ) ଆୟୋଜନ କରାଯାଇଛି। ଏଥିରେ ଯୋଗଦେଇ ଡାଃ ବିବେକାନନ୍ଦ ପଣ୍ଡା (କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ଏଚ୍‌ଓଡି - ନେଫ୍ରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ),ଡାଃ ଅଶୋକ ପଣ୍ଡା (ଆସୋସିଏଟ୍ କ୍ଲିନିକାଲ୍ ନିର୍ଦ୍ଦେଶକ – ନେଫ୍ରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ), ଡାଃ ସାନନ୍ଦା ବାଗ (ସିନିୟର କନ୍‌ସଲଟାଣ୍ଟ - ୟୁରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ ସର୍ଜନ) କିଡନୀ ପ୍ରତିରୋପଣ ପାଇଁ କେୟାର ହସ୍ପିଟାଲରେ ଦିଆଯାଇଥିବା ବିଶେଷ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। କେୟାର ହସ୍ପିଟାଲ୍ ଭୁବନେଶ୍ୱର ବିସ୍ତୃତ ଯନ୍ତ୍ର ଯୋଗାଇବା, ସଚେତନତା ସୃଷ୍ଟି କରିବା ଏବଂ ସମ୍ପ୍ରଦାୟ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଉତ୍ସର୍ଗୀକୃତ ଥିବା ଏଭିପି – ବିଡି ଡ. ଲୋକନାଥ ଦାଶ କହିଛନ୍ତି। ଏହି ଅବସରରେ ମେଡିକାଲ ଅଧୀକ୍ଷକ ଡାଃ ଏ ଶ୍ୟାମ ପ୍ରସାଦ ଉପସ୍ଥିତ ଥିଲେ।

## ପୁରୀ ବଜାରକୁ ଆସିଲା ନୂଆ ବାଇକ୍ 'ଏକ୍ସଟ୍ରିମ୍ ୧୨୫ ଆର୍'

**ପୁରୀ,୧୪।୩(ସମିସ):** ହିରୋ ମୋଟୋକର୍ପର ନୂଆ ବାଇକ୍ 'ଏକ୍ସଟ୍ରିମ୍ ୧୨୫ ଆର୍' ପୁରୀ ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଟାଉନ ହଲ୍ ଛକସ୍ଥିତ ହିରୋ ମୋଟୋକର୍ପର ଅଧିକୃତ ବିକ୍ରେତା ସଞ୍ଜୀବ ହିରୋ ପକ୍ଷରୁ ଲାଇଟ୍ ହାଉସ୍ ନିକଟସ୍ଥ ବେଳାଭୂମିଠାରେ ସ୍ୱତନ୍ତ୍ର ଭାବେ ଏକ ଉନ୍ମୋଚନ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ ମଲ୍ଲିକ ଏହି ନୂଆ ବାଇକ୍‌କୁ ଉନ୍ମୋଚନ କରାଇଥିଲେ। ଏହି ଅବସରରେ ଶୋ'ରୁମ୍‌ର ମ୍ୟାନେଜର ବିସ୍ମୟ ପରିଡ଼ା ଉପସ୍ଥିତ ଥିଲେ। ବାଇକ୍ ପ୍ରତି ଚାଳକଙ୍କ ଆଗ୍ରହକୁ ନଜରରେ ରଖି ହିରୋ ମୋଟୋ କର୍ପ ଜବରଦସ୍ତ ଫିଚର ସହ 'ଏକ୍ସଟ୍ରିମ୍ ୧୨୫ ଆର୍'କୁ ବଜାରକୁ ଛାଡିଛି। ଏହାର ଡିଜାଇନ ବେଶ୍ ଆକର୍ଷଣୀୟ ଏବଂ ସ୍ପୋର୍ଟି କ୍ୟାରେକ୍ଟର ଫ୍ୟୁଚରଷ୍ଟିକ୍ ଷ୍ଟ୍ରକ୍ଚର ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିବ। ଏଥିରେ ବୃହତ୍ ଏବଂ ଚଉଡ଼ା ଟାୟାର, କମ୍ପାକ୍ଟ ଏଲଇଡି ହେଡ୍ ଲ୍ୟାମ୍ପ, ରିଅର ମନୋଶକ୍, ୟୁଏସ୍‌ବି ଚାର୍ଜର, ଏଲ୍‌ସିଡି ଡିସ୍ପ୍ଲେ, ମୋବାଇଲ ଚାର୍ଜିଂ, ଏଲ୍‌ଇଡି ୱିଙ୍କରସ୍ ଡିଜାଇନ ଭଳି ବହୁ ବୈଶିଷ୍ଟ୍ୟ ରହିଛି। ଏହା ୩ଟି ସ୍ପୋର୍ଟି ରଙ୍ଗ (ନୀଳ, କଳା ଓ ନାଲି)ରେ ଉପଲବ୍ଧ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୯୮,୦୦୬ ଟଙ୍କା ରହିଛି। ଯୁବବର୍ଗଙ୍କ ମଧ୍ୟରେ ବାଇକ୍ ପ୍ରତି ଆଗ୍ରହ ବଢୁଛି। ବିଶେଷକରି ସେମାନେ ଯେଉଁଭଳି ବାଇକ୍ ପସନ୍ଦ କରିଥାନ୍ତି ଏକ୍ସଟ୍ରିମ୍ ୧୨୫ ଆର୍ ସେହିଭଳି ଫିଚର୍ ସହ ବଜାରକୁ ଆସିଛି। ପୁରୀ ବଜାରରେ ଏହି ବାଇକ୍ ସମସ୍ତଙ୍କ ଆକର୍ଷଣ ରହିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।




## ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲରେ କିଡ୍‌ନୀ ଦିବସ ପାଳିତ




**ଭୁବନେଶ୍ୱର,୧୪।୩(ସମିସ):** ଭୁବନେଶ୍ୱର, ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ସାଧାରଣ ଲୋକଙ୍କ ମଧ୍ୟରେ କିଡ୍‌ନୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହସ୍ପିଟାଲ୍ ପକ୍ଷରୁ ଏକ ବିଶାଳ ୱାକାଥନ ଆୟୋଜନ କରାଯାଇଥିଲା। ଏଥିରେ ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲର ଡାକ୍ତର, ନର୍ସ ,କର୍ମଚାରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ମଧ୍ୟ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର କିଡ୍‌ନୀ ରୋଗ ବିଶେଷଜ୍ଞ ଡାଃ ସୁକାନ୍ତ କିଶୋର ଦାସ, ଡାଃ ଜ୍ୟୋତିକାନ୍ତ ବେହେରା, ଡିଏମ୍‌ଏସ୍ ଡାଃ ରୁପସା ନୟନ ରାଉତ, ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଏକିଏମ୍ ଅପରେସନ୍ କୈଶାଳ ଚନ୍ଦ୍ର ଦଳେଇଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନୂଆ ପ୍ଲାଜମା ଇଲେକ୍ଟ୍ରିକ ସ୍କୁଟରରେ ସୀମିତ ଅବଧି ଅଫର

**ଭୁବନେଶ୍ୱର,୧୪।୩(ସମିସ):** ଇଭି ଷ୍ଟାର୍ଟଅପ ସଂସ୍ଥା କ୍ୱାଣ୍ଟମ ଏନର୍ଜି ପକ୍ଷରୁ ଏହାର ନୂଆ ଇଲେକ୍ଟ୍ରିକ ସ୍କୁଟର ମଡେଲ ପ୍ଲାଜ୍‌ମା ଏକ୍ସ ଏବଂ ଏକ୍ସଆର ଉପରେ ସୀମିତ ଅବଧିର ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ପରିବେଶ ଅନୁକୂଳ ପରିବହନ ସମାଧାନର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି କ୍ୱାଣ୍ଟମ ଏନର୍ଜି ନିଜର ପ୍ଲାଜମା ଏକ୍ସ ଓ ଏକ୍ସଆର ମଡେଲ ମୂଲ୍ୟରେ ୧୦% ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଏକ୍ସ ଶୋ'ରୁମ ମୂଲ୍ୟ ୧,୧୯,୫୨୫ ଟଙ୍କା ଏବଂ ୯୯,୭୫୭ଟଙ୍କାରେ ମିଳୁଥିବା ଏହି ସ୍କୁଟରକୁ ଗ୍ରାହକମାନେ ଯଥାକ୍ରମେ ୧୦୯,୦୦୦ଟଙ୍କା ଏବଂ ୮୯,୦୦୦ଟଙ୍କାର ଆକର୍ଷଣୀୟ ମୂଲ୍ୟରେ କିଣିପାରିବେ। ଏହି ସ୍ୱତନ୍ତ୍ର ରିଆତି ଚଳିତ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ରହିବ।




## ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ବିଶ୍ୱ କିଡ୍‌ନୀ ଦିବସ ପାଳନ

**ଭୁବନେଶ୍ୱର,୧୪।୩(ଏଜେନ୍ସି):** ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଇଛି। କିଡ୍‌ନୀ ହେଲ୍‌ଥ ଫର ଅଲ୍:ଆଡଭାନ୍ସିଂ ଇକ୍ୱିଟେବଲ ଆକ୍‌ସେସ୍ ଟୁ କେୟାର ଆଣ୍ଡ ଅପ୍ଟିମାଲ ମେଡିକେସନ୍ ପ୍ରାକ୍ଟିସେସ୍ ଥିବା ଥିବା ଏହି କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ସିଓଓ ଏବଂ ମେଡିକାଲ ସେବା ନିର୍ଦ୍ଦେଶକ ଡାଃ ଆଲୋକ ଶ୍ରୀବାସ୍ତବ କିଡ୍‌ନୀକୁ ସୁସ୍ଥ ରଖିବାର ତିନୋଟି କଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସିନିୟର ନେଫ୍ରୋଲୋଜି ବିଶେଷଜ୍ଞ ଏବଂ ଏଚ୍‌ଓଡି ଡାଃ ନୀତିଶ କୁମାର ମହାନ୍ତି, ନେଫ୍ରୋଲୋଜି କନ୍‌ସଲଟାଣ୍ଟ ଡାଃ ପୂର୍ଣ୍ଣଚନ୍ଦ୍ର କର, ସିନିଅର ୟୁରୋଲୋଜି ବିଶେଷଜ୍ଞ ଡାଃ ସମୀରଣ ଦାସ ଅଧିକାରୀ, ସିନିଅର ୟୁରୋଲୋଜି କନ୍‌ସଲଟାଣ୍ଟ ଡାଃ ବିଶ୍ୱଜିତ୍ ନନ୍ଦ ଏବଂ ୟୁରୋଲୋଜିର ବିଶେଷଜ୍ଞ ଡାଃ ପ୍ରତୀକ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ କ୍ୱିଜ୍ ଅନୁଷ୍ଠିତ ହୋଇଥିଲା।




## ଭୁବନେଶ୍ୱରରେ ଖୋଲିବ ବେଦାନ୍ତୁର ନୂଆ ଅଫ୍‌ଲାଇନ୍ ଲର୍ଣ୍ଣିଂ ସେଣ୍ଟର

**ଭୁବନେଶ୍ୱର,୧୪।୩(ସମିସ):** ପ୍ରମୁଖ ଏଡ୍-ଟେକ୍ ସଂସ୍ଥା ବେଦାନ୍ତୁ ଅଫ୍‌ଲାଇନ ଶିକ୍ଷା କ୍ଷେତ୍ରକୁ ପ୍ରବେଶ ସ୍ୱରୂପ ଚଳିତମାସ ୧୭ରେ ଭୁବନେଶ୍ୱରରେ ଏହାର ଲର୍ଣ୍ଣିଂ ସେଣ୍ଟର ଚଳିତ ମାର୍ଚ୍ଚ ୧୭ରୁ କାର୍ଯ୍ୟାରମ୍ଭ କରୁଛି। ଏହା ଅଫ୍‌ଲାଇନ ଚ୍ୟାନେଲରେ ବିଶେଷ ଭାବରେ ଜେଇଇ/ ଏନ୍‌ଇଇଟି ପରୀକ୍ଷାଗୁଡିକ ନିମନ୍ତେ ଅଫ୍‌ଲାଇନ୍ ଚାନେଲଗୁଡିକ ଜରିଆରେ ଗୁଣାତ୍ମକ ଶିକ୍ଷା ସୁଯୋଗ ପରିବ୍ୟାପ୍ତ କରିବାଦିଗରେ ପଦକ୍ଷେପ ହୋଇଛି। ଚଳିତ ମାସ ୧୭ରେ ଏହି ସେଣ୍ଟରର ଶୁଭାରମ୍ଭ ଉପଲକ୍ଷେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ହେବାକୁ ଯାଉଛି। ବେଦାନ୍ତୁ ଲର୍ଣ୍ଣିଂ ସେଣ୍ଟରଗୁଡିକ ବ୍ୟକ୍ତିଗତ ଶିକ୍ଷା ଆହରଣ ପ୍ରତି ନବୋନ୍ମେଷୀ ଆଭିମୁଖ୍ୟ ପ୍ରଚଳନ କରୁଛି,ଯାହା ଜେଇଇ, ଏନ୍‌ଇଇଟି ଏବଂ ଫାଉଣ୍ଡେସନ ପାଠ୍ୟକ୍ରମଗୁଡିକ ନିମନ୍ତେ ଅତ୍ୟନ୍ତ ବୁଦ୍ଧିମତ୍ତାର ସହିତ ଡିଜାଇନ କରାଯାଇଛି। ୧୦ ବର୍ଷର ପ୍ରଯୁକ୍ତିଗତ ନବସୃଜନକୁ ଉପଯୋଗ କରି ବେଦାନ୍ତୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଶିକ୍ଷା ଆହରଣ ଅନୁଭୂତି ଉଭୟ ଫିଜିକାଲ କ୍ଲାସରୁମ୍ ଏବଂ ତାହାର ଉନ୍ନତ ଅନ୍‌ଲାଇନ ପ୍ଲାଟଫର୍ମରେ ସୁନିଶ୍ଚିତ କରାଉଛି।




**ବଜାରକୁ ଆସୁଛନ୍ତି ନୂଆ ଟ୍ରେଡର**

## ଫେବୃଆରୀରେ ଖୋଲିଛି ୪୩ ଲକ୍ଷ ନୂତନ ଡିମାଟ୍ ଆକାଉଣ୍ଟ

**ମୁମ୍ବଇ,୧୪।୩(ଏଜେନ୍ସି)**

୨୦୨୩ରେ ଭାରତୀୟ ଶେୟାର ବଜାର ନୂଆ ଶିଖର ଛୁଇଁଛି। ଚଳିତବର୍ଷ ମଧ୍ୟ କିଛିଟା ଅସ୍ଥିରତା ସତ୍ତ୍ୱେ ଶେୟାର ବଜାରରେ ବେଶ ଭଲ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ଦୈନିକ ପ୍ରତିଷ୍ଠା ହେଉଛି ନୂଆ ନୂଆ ରେକର୍ଡ। ଘରୋଇ ପୁଞ୍ଜି ବଜାରର ଏଭଳି ପ୍ରତିକ୍ରିୟା ଏବେ ନୂଆ ନିବେଶକଙ୍କୁ ବଜାର ଆଡକୁ ଆକର୍ଷିକ କରୁଛି। ଯାହା ଫଳରେ ନୂଆ ଟ୍ରେଡରମାନେ ବଜାରରେ ପ୍ରବଶେ କରିଛନ୍ତି। ଏଥିପାଇଁନୂତନ ଡେମାଟ୍ ଆକାଉଣ୍ଟ କ୍ରମାଗତ ଭାବରେ ଖୋଲାଯାଉଛି। ଏହିପରି ଭାବରେ ନୂଆ ଟ୍ରେଡରମାନେ ବଜାରକୁ ଆସୁଛନ୍ତି। ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ମୋତିଲାଲ ଓସ୍‌ୱାଲର ଆକଳନ ଅନୁଯାୟୀ ଫେବୃଆରୀରେ ସମଗ୍ର ଦେଶରେ ପ୍ରାୟ ୪୩ ଲକ୍ଷ ନୂଆ ଡିମାଟ୍ ଆକାଉଣ୍ଟ ଖୋଲାଯାଇଛି। ଯାହା ଫଳରେ ମୋଟ ଡିମାଟ୍ ଆକାଉଣ୍ଟଧାରୀଙ୍କ ସଂଖ୍ୟା ୧୪.୮୦ କୋଟିରେ ପହଞ୍ଚିଛି। ଯଦି ଆମେ ୨୦୨୩ର ଏହି ସଂଖ୍ୟାକୁ ହିସାବକୁ ନେବା ତେବେ ଜଣାପଡିବ ଯେ ଗତ ବର୍ଷ ହାରାହାରି ମାସିକ ଡିମାଟ୍ ଆକାଉଣ୍ଟଧାରୀଙ୍କ ସଂଖ୍ୟା ୨୧ ଲକ୍ଷ ରହିଥିବା ସେଣ୍ଟ୍ରାଲ୍ ଡିପୋଜିଟୋରୀ ସର୍ଭିସେସ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ସୂଚନା ଦିଆଯାଇଛି।




ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ସକ୍ରିୟ ଗ୍ରାହକ ସଂଖ୍ୟା କ୍ରମାଗତ ଭାବେ ଅଷ୍ଟମ ମାସ ପାଇଁ ମାସିକ ଆଧାରରେ ୪.୮ ପ୍ରତିଶତ ବୃଦ୍ଧି ପାଇ ୪ କୋଟି ଟପିଯାଇଛି। ବ୍ରୋକରେଜ୍ କମ୍ପାନୀ ଜିରୋଧା ଏହାର ଗ୍ରାହକ ସଂଖ୍ୟାରେ ୩.୩ ପ୍ରତିଶତ ଅଭିବୃଦ୍ଧି ଘଟି ୭୨ ଲକ୍ଷରେ ପହଞ୍ଚିଛି। ଅପରପକ୍ଷେ ଏହି ସମୟରେ, ଆଞ୍ଜେଲ ୱାନ୍‌ର କ୍ଲାଏଣ୍ଟ ବେସ୍‌ରେ ୫.୨ ପ୍ରତିଶତ ଅଭିବୃଦ୍ଧି ହୋଇ ୫୯ ଲକ୍ଷରେ ପହଞ୍ଚିଛି।

ଏହାଛଡା ଅପଷ୍ଟକ୍ସ ରିପୋର୍ଟ କରିଛି ଯେ ଏହାର ଗ୍ରାହକ ସଂଖ୍ୟାରେ ମାସିକ ଆଧାରରେ ୪.୧ ପ୍ରତିଶତ ଅଭିବୃଦ୍ଧି ଘଟି ୨୫ ଲକ୍ଷରେ ପହଞ୍ଚିଛି। ତେବେ ଅନ୍ୟତମ ଆର୍ଥିକ ସେବା ପ୍ରଦାନକାରୀ ଗ୍ରୋଭ୍ ଏହାର କ୍ଲାଏଣ୍ଟ ବେସ୍‌ରେ ମାସିକ ହିସାବରେ ୯.୧ ପ୍ରତିଶତ ଅଭବୃଦ୍ଧି ସହ ୯୨ ଲକ୍ଷରେ ପହଞ୍ଚାଇଛି। ମୋଟାମୋଟି ଭାବେ ବଜାରରେ ହାରାହାରି ଦୈନିକ କାରବାରରେ ମାସିକ ଆଧାରରେ ୫ ପ୍ରତିଶତ ବୃଦ୍ଧି ପାଇ ୪୮୫ ଲକ୍ଷ କୋଟିରେ ପହଞ୍ଚିଛି।